

‘ଡନ୍ ୩’ରେ ହ୍ରିତିକ

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-188 ◆SATURDAY ◆3 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮୮ ◆ଶନିବାର ◆୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଡେଲିଭରୀ ବଏ, କ୍ୟାବ୍ ଡ୍ରାଇଭରଙ୍କୁ ମିଳିବ ବୀମା

■ ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଦେଶର ଦ୍ରୁତ ଗତିରେ ବଢୁଥିବା ଗିଗ୍ ଅର୍ଥନୀତିକୁ ମିଳିବ ଆଇନଗତ ସୁରକ୍ଷା। ନୂତନ ସାମାଜିକ ସୁରକ୍ଷା ସଂହିତାରେ ଗିଗ୍ ୱାର୍କର, ଯେପରିକି ଜୋମାଟୋ, ସ୍ୱିଗି ଏବଂ ବ୍ଲିଙ୍କିଟ୍ ସମେତ ଅନ୍ୟାନ୍ୟ କମ୍ପାନୀର ଡେଲିଭରି ବୟ ଏବଂ କ୍ୟାବ୍ ଡ୍ରାଇଭରମାନଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯାଇଛି। ସେମାନଙ୍କୁ ଏଣିକି ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା ଏବଂ ଦୂର୍ଘଟଣାଜନିତ ବୀମା କଭର ମିଳିବ। ସରକାର ଏଥିପାଇଁ ଚିଠା ନିୟମ ଜାରି କରିଛନ୍ତି। ଏହି ନିୟମ ଅନୁଯାୟୀ, ସାମାଜିକ ସୁରକ୍ଷା ଲାଭ ପାଇବା ପାଇଁ ଯୋଗ୍ୟ ହେବା ନିମନ୍ତେ ଗୋଟିଏ କମ୍ପାନୀ (ଏଗ୍ରିଗେଟର) ସହିତ ଜଡିତ କର୍ମଚାରୀମାନଙ୍କୁ ସେହି କମ୍ପାନୀରେ ବର୍ଷରେ ଅତି କମ୍‌ରେ ୯୦ ଦିନ କାମ କରିଥିବା ଜରୁରୀ। ଏକାଧିକ ପ୍ଲାଟଫର୍ମରେ କାମ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ସୀମା ୧୨୦ ଦିନ ରଖାଯାଇଛି। ଯଦି ଜଣେ ବ୍ୟକ୍ତି ଗୋଟିଏ ଦିନରେ ତିନୋଟି ଭିନ୍ନ କମ୍ପାନୀରେ କାମ କରନ୍ତି, ତେବେ ଏହାକୁ ତିନି ଦିନ ଗଣନା କରାଯିବ, ଯାହା ୧୨୦ ଦିନର କୋଟା ପୂରଣ କରିବା ସହଜ କରିବ। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସରକାର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛନ୍ତି। ୧୬ ବର୍ଷରୁ ଅଧିକ ବୟସର ପ୍ରତ୍ୟେକ ଗିଗ୍ କର୍ମଚାରୀଙ୍କୁ ପଞ୍ଜୀକରଣ ▶ପୃଷ୍ଠା-୭

**ପଞ୍ଜୀକରଣ ପାଇଁ ୯୦ ଦିନ କାମ କରିଥିବା ଜରୁରୀ**

**ଫାଷ୍ଟ୍ୟାଗ୍ ୟୁଜର୍ସଙ୍କୁ ଆଶ୍ୱସ୍ତି**

# ଫେବୃଆରୀରୁ ରହିବନି କେୱାଇସି ଝିନ୍‌ଝଟ୍

■ ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଫାସ୍‌ଟ୍ୟାଗ ପ୍ରସଙ୍ଗରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚ୍‌ଏଆଇ) ବଡ଼ ନିଷ୍ପତ୍ତି ନେଇଛି। ଏଣିକି ବନ୍ଦ ହେବ କାର, ଜିପ୍ ଏବଂ ଭ୍ୟାନ ଭଳି ଚାରି ଚକିଆ ଗାଡ଼ି ପାଇଁ ନୂଆ ଫାସ୍‌ଟ୍ୟାଗ ଜାରି ସମୟରେ ଆବଶ୍ୟକ ହେଉଥିବା ‘ନୋ ୟୋର ଭେଇକିଲ’ (କେୱାଇଭି) ପ୍ରକ୍ରିୟା। ଏହି ପରିବର୍ତ୍ତନ ୨୦୨୬ ଫେବୃଆରୀ ପହିଲାଠାରୁ ଲାଗୁ ହେବ। ଏହା ଫାସ୍‌ଟ୍ୟାଗ ୟୁଜର୍ସଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। କାରଣ ଫାସ୍‌ଟ୍ୟାଗ ଆକ୍ଟିଭ ହେବା ପରେ ଦେଖାଦେଉଥିବା ସମସ୍ୟା ଏଣିକି ଦୂର ହୋଇଯିବ। କେଓ୍ୱାଇଭିର ଉଦ୍ଦେଶ୍ୟ ହେଉଛି ଫାସ୍‌ଟ୍ୟାଗ ଠିକ୍ ଭାବେ ଗାଡ଼ିରେ ଲଗାଯିବା ଏବଂ ଏହା ପ୍ରକୃତ ମାଲିକଙ୍କ ସହ ଜଡ଼ିତ ରହିଛି କି’ ନାହିଁ ତାହା ସୁନିଶ୍ଚିତ କରିବା। ଏହାଦ୍ୱାରା ଭୁଲ ବ୍ୟବହାର, ନକଲି ଟ୍ୟାଗ କିମ୍ବା ଭୁଲ ଗାଡ଼ି ଦ୍ୱାରା ଲିଙ୍କ୍ ହେବା ଭଳି ଅସୁବିଧା ରହି ନ ଥାଏ। ଏହି ଯାଞ୍ଚ ବାହାନ ପୋର୍ଟାଲରେ ପଞ୍ଜିକୃତ ଥିବା ଗାଡ଼ିର ସବିଶେଷ ରେଜିଷ୍ଟ୍ରେସନର ତଥ୍ୟ ଅନୁସାରେ ହୋଇଥାଏ। ଏସବୁ ଯାଞ୍ଚ ବାଦ୍ ଗାଡ଼ିରେ ପୂର୍ବରୁ କୌଣସି ଆକ୍ଟିଭ ଫାସ୍‌ଟ୍ୟାଗ ଅଛି କି ନାହିଁ , ଯଦି ଅଛି ତାହା କଳା ତାଲିକାଭୁକ୍ତ ହୋଇନାହିଁ ତ। ତାହା କେୱାଇଭି ପ୍ରକ୍ରିୟାରେ ଯାଞ୍ଚ କରାଯାଇଥାଏ। ପୂର୍ବରୁ ଫାସ୍‌ଟ୍ୟାଗ ଆକ୍ଟିଭ ହେବା ପରେ, ବେଳେବେଳେ କେଓ୍ୱାଇଭିର ଯାଞ୍ଚ କରିବାକୁ ▶ପୃଷ୍ଠା-୭




# ବାୟୁରେ ବିଷ
# ନିଃଶ୍ୱାସକୁ ପାଉନି ବିଶ୍ୱାସ

## ଦେଶର ୯ ଅତିପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୬



**୩୮୦ ଏକ୍ୟୁଆଇ ସହ ତାଳଚେର ସ୍ଥିତି ସାଙ୍ଘାତିକ୍**

**ରାଜ୍ୟର ୬ ସହରରେ ଏକ୍ୟୁଆଇ ୩୦୦ ଉପରେ**

**ଏବେ ଦେହକୁ ଅହିତକର ହେଲାଣି ‘ସକାଳ ବୁଲା’**

**ଗୁରୁଚାପ ବଳୟ ଯୋଗୁଁ ଆଗକୁ ବଢ଼ିପାରୁନି ବାୟୁ**

■ ଭୁବନେଶ୍ୱର, ୨।୧ (ସମିସ): ଜୀବନ ଜିଇଁବାର ପ୍ରମୁଖ ମାଧ୍ୟମ ବାୟୁ ବା ପବନ ଏବେ ମଣିଷର ବିଶ୍ୱାସ ହରାଇ ବସିଛି। ଅତି ସମ୍ବେଦନଶୀଳ ଆଡ଼କୁ ଗତି କରୁଛି ରାଜ୍ୟରେ ବାୟୁ ପ୍ରଦୂଷଣ ସ୍ଥିତି। ସଂପ୍ରତି ବାୟୁ ଏତେମାତ୍ରାରେ ବିଷାକ୍ତ ବା ପ୍ରଦୂଷିତ ହୋଇଯାଇଛି ଯେ ନିଃଶ୍ୱାସ-ପ୍ରଶ୍ୱାସ ବେଳେ ନାକ ରୁନ୍ଧି ହୋଇ ଯାଉଛି। ସ୍ୱଚ୍ଛ ବାୟୁ ଟିକିଏ ବିନା ଜୀବନ ଯେମିତି ଦୁର୍ବିସହ ହୋଇଯାଇଛି। ଦେଶ-ବିଦେଶ ସବୁଠି ଏବେ ଏହି ସମସ୍ୟାର ସମାଧାନ ମୁଖ୍ୟ ଆହ୍ୱାନ ହୋଇଛି। ଡାକ୍ତରଙ୍କ ମତରେ ସକାଳ ବୁଲା (ମର୍ଣ୍ଣିଂ ୱାକ୍) ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥିବା ବେଳେ ସାମ୍ପ୍ରତିକ ସ୍ଥିତିରେ ଏହି ‘ସକାଳ ବୁଲା’ ଅହିତକର ସାବ୍ୟସ୍ତ ହେଲାଣି।

ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସମସ୍ୟା ଉତ୍କଟ ରୂପ ନେଇଥିବା ବେଳେ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ରାଜ୍ୟରେ କ୍ରମାଗତ ଭାବେ ଗଲା ୨-୩ ଦିନ ହେବ ଘନ କୁହୁଡ଼ି ଲୋକଙ୍କୁ କଲବଲ କରୁଥିବାବେଳେ ପ୍ରଦୂଷଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବାୟୁମଣ୍ଡଳରେ ଛୋଟ୍ ଛୋଟ୍ ପାର୍ଟିକିଲ୍ (କଣିକା)ମାନ ଭାସମାନ ଅବସ୍ଥାରେ ରହୁଛନ୍ତି। ଏହା ଦିନ ତମାମ୍ ରହୁଥିଲେ ମଧ୍ୟ ସକାଳ ଓ ସନ୍ଧ୍ୟା ସମୟରେ ଅଧିକ ପ୍ରଭାବ ପକାଉଛନ୍ତି। ଫଳସ୍ୱରୂପ ଏବେ ବିନା ମାସ୍କରେ ବୁଲାବୁଲି ସ୍ୱାସ୍ଥ୍ୟ ପାଇଁ ଘାତକ ହୋଇଛି। ଏହି ସମୟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି ▶ପୃଷ୍ଠା-୭

# ଓଡ଼ିଶା ଉପରେ ଘନ କୁହୁଡ଼ି; ବିମାନସେବା ବାଧାପ୍ରାପ୍ତ

■ ଭୁବନେଶ୍ୱର, ୨।୧ (ସମିସ): ବିମାନ ସେବା ପାଇଁ କାଳ ସାଜିଛି ଘନ କୁହୁଡ଼ି। ରାଜ୍ୟରେ ଗତ ୨-୩ ଦିନ ହେବ ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ଯଥେଷ୍ଟ ହ୍ରାସ ପାଉଛି। ଭୁବନେଶ୍ୱରରେ ଏହି ସ୍ଥିତି ଅତି ସମ୍ବେଦନଶୀଳ ଅବସ୍ଥାରେ ରହୁଛି। ଫଳରେ ସକାଳ ସମୟରେ ବିମାନ ଉଡ଼ାଣ ଓ ଅବତରଣରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଗୁରୁବାର ପରି ଶୁକ୍ରବାର ମଧ୍ୟ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିମାନ ସେବାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି। ଯଦିଓ ଶୁକ୍ରବାର କୁହୁଡ଼ିର ପ୍ରଭାବ ସାମାନ୍ୟ କମ୍ ଥିଲା, ମାତ୍ର ଏୟାରପୋର୍ଟ ଅଞ୍ଚଳରେରେ ଦୃଶ୍ୟମାନ କ୍ଷମତା ୪୦୦ ମିଟର ତଳେ ରହିଥିଲା। ବିମାନର ଉଡ଼ାଣ ଓ ଅବତରଣ ପାଇଁ ଅତି କମ୍‌ରେ ୫୫୦ ମିଟର ଦୃଶ୍ୟମାନ କ୍ଷମତା ଆବଶ୍ୟକ ହେଉଥିବାରୁ ସେବା ପ୍ରଭାବିତ ହୋଇଥିଲା।

ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ, ସକାଳ ସମୟରେ ରନୱେ ଦୃଶ୍ୟମାନ କ୍ଷମତା କମ ଥିଲା। ତେଣୁ ଗତକାଲି ଭଳି ଆଜି ମଧ୍ୟ କିଛି ବିମାନ ବାତିଲ କରାଯାଇଛି ଓ କିଛି ବିମାନ ▶ପୃଷ୍ଠା-୭

# ଆଜି ଦେଖାଯିବ ସୁପର୍‌ମୁନ୍

■ ଭୁବନେଶ୍ୱର, ୨।୧ (ସମିସ): ଆସନ୍ତା ଜାନୁଆରୀ ୩ ତାରିଖ ପୌଷ ପୂର୍ଣ୍ଣମୀରେ ଦୃଶ୍ୟମାନ ହେବ ୨୦୨୬ ମସିହାର ପ୍ରଥମ ସୁପର୍‌ମୁନ୍। ସେହିଦିନ ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପ୍ରାୟ ୩ ଲକ୍ଷ ୬୨ହଜାର କିଲୋମିଟର ନିକଟରେ ରହିବ। ତେଣୁ ସାଧାରଣ ଦିନର ପୂର୍ଣ୍ଣଚନ୍ଦ୍ରଠାରୁ ଏହା ପ୍ରାୟ ୧୪% ବଡ଼ ସହ ୩୦% ଉଜ୍ଜଳ ଦେଖାଯିବ। ସେହିପରି ୨୦୨୬ ମସିହାରେ ଦ୍ୱିତୀୟ ସୁପରମୁନ୍ ନଭେମ୍ବର ୨୪ ଓ ଶେଷ ସୁପରମୁନ୍ ଟି ଡିସେମ୍ବର ୨୩ ତାରିଖରେ ଦେଖାଯିବା ସହ ମେ ୧, ମେ ୩୧ ଏବଂ ଜୁନ୍ ୨୯ ତାରିଖରେ ମାଇକ୍ରୋମୁନ୍ ବା ଛୋଟ ଚନ୍ଦ୍ର ଦେଖାଯିବ। ଏଗୁଡ଼ିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ, ଯାହାକୁ ଖାଲି ଆଖିରେ ଦେଖିହେବ। ତେବେ ଆକାଶ ମେଘମୁକ୍ତ ତଥା କୁହୁଡ଼ିମୁକ୍ତ ରହିଲେ ଜାନୁଆରୀ ୩ ତାରିଖ ଦିନ ଏହାକୁ ସୂର୍ଯ୍ୟାସ୍ତ ପରଠାରୁ ସାରା ରାତି ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସୁପର୍‌ମୁନ୍ ଏକ ସାଧାରଣ ମହାଜାଗତିକ ଘଟଣା। ଏହାର କୌଣସି ପ୍ରଭାବ ପୃଥିବୀ କିମ୍ବା ମାନବ ସମାଜ ଉପରେ ପଡ଼େନାହିଁ ବୋଲି ଡ. ପଟ୍ଟନାୟକ କହିଛନ୍ତି।

‘ସୁପରମୁନ୍’ ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ୍ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ସୁପରମୁନ ଶବ୍ଦଟି ଖୁବ୍ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡାକୃତି ପଥରେ ବୁଲିଥାଏ। ସବୁଠାରୁ ନିକଟରେ ଥିଲାବେଳ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେଧୀରେ ୪.୦୬ ଲକ୍ଷ କିଲୋମିଟର ଦୂରକୁ ଚାଲିଯାଇଥାଏ। ଜ୍ୟୋତିଷ ରିଚାର୍ଡ ନଲ୍‌ଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ୩.୬୩ ଲକ୍ଷ କିଲୋମିଟର ବା ତା’ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡ଼ିଥାଏ, ତା’ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ।



**ଏବର୍ଷ ୩ଟି ‘ସୁପରମୁନ୍’, ୩ଟି ‘ମାଇକ୍ରୋମୁନ୍’**

# ୧୦ରୁ ମିଳିବ ଗ୍ରୀନ୍ ଷ୍ଟିକର

■ ଭୁବନେଶ୍ୱର, ୨।୧ (ସମିସ): ପ୍ରଦୂଷଣ ପ୍ରମାଣପତ୍ରକୁ ନେଇ ପରିବହନ ବିଭାଗର ତୋଗଲକୀ ନୀତି ଏବେ ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ପ୍ରଥମେ ପିୟୁସିସି ଅର୍ଥାତ୍ ପ୍ରଦୂଷଣ ପ୍ରମାଣପତ୍ର ନ ଦେଲେ ପେଟ୍ରୋଲ ଡ଼ିଜେଲ ମିଳିବ ନାହିଁ ବୋଲି ନିର୍ଦ୍ଦେଶ ଜାରି କଲେ। ଲୋକମାନେ ଖରାତରାରେ ପିୟୁସିସି କରିବାକୁ ଧାଡ଼ି ଲଗାଇଲେ। ଏବେ ପୁଣି ଏହି ପ୍ରମାଣପତ୍ର ଅବଧି ମାର୍ଚ୍ଚ ମାସକୁ ବୃଦ୍ଧି କରାଯାଇଛି ଓ ଆସନ୍ତା ୧୦ ତାରିଖରୁ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ନନ୍ ପଲ୍ୟୁଟିଂ ଭେହିକିଲ୍ (ଏନ୍‌ପିଭି) ଗ୍ରୀନ ଷ୍ଟିକର ମିଳିବ ବୋଲି ସରକାର ଘୋଷଣା କରିଛନ୍ତି। ଏହି ଷ୍ଟିକରରେ ଗାଡ଼ି ନମ୍ବର ଓ ପ୍ରମାଣପତ୍ରର ଅବଧି ଉଲ୍ଲେଖ ରହିବ। ମାତ୍ର ଯେଉଁମାନେ ପ୍ରଦୂଷଣ ପ୍ରମାଣପତ୍ର କରି ସାରିଛନ୍ତି, ସେମାନେ ଆର୍‌ଟିଓ ଅଫିସରୁ ଆବଶ୍ୟକ ପ୍ରମାଣପତ୍ର ଦେଖାଇ ନିଜନିଜର ଷ୍ଟିକର ସଂଗ୍ରହ କରିବେ। ଅର୍ଥାତ୍ ପ୍ରଦୂଷଣ ପ୍ରମାଣପତ୍ର ଯନ୍ତ୍ରଣା ପରେ ପୁଣି ଆରଟିଓ କାର୍ଯ୍ୟାଳୟରେ ଗାଡ଼ିମାଲିକଙ୍କୁ ଧାଡ଼ି ଲଗାଇବାକୁ ପଡ଼ିବ।

ପରିବହନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଆରଟିଓ କାର୍ଯ୍ୟାଳୟରେ ଏହି ଗ୍ରୀନ ଷ୍ଟିକର ପ୍ରଦାନ କରାଯିବ। ଯେଉଁମାନଙ୍କର ୧୦ ତାରିଖ ପୂର୍ବରୁ ପଲ୍ୟୁସନ ସାର୍ଟିଫିକେଟ ରହିଛି, ସେମାନେ ଏହି ଗ୍ରୀନ ଷ୍ଟିକର ନେଇପାରିବେ। ଯେଉଁମାନେ ୧୦ ତାରିଖ ପରେ ପିୟୁସିସି କରିବେ, ସେମାନେ ତତ୍କାଳ ପିୟୁସିସି ସେଣ୍ଟରରୁ ହିଁ ଗ୍ରୀନ ଷ୍ଟିକର ନେବେ ବୋଲି କୁହାଯାଇଛି। ଏହି ଗ୍ରୀନ୍ ଷ୍ଟିକର ପ୍ରଦାନ କରିବାକୁ ଆରଟିଓ ଅଫିସରେ ଏକ ସ୍ପେସାଲ ସେଣ୍ଟର ଖୋଲାଯିବ। ▶ପୃଷ୍ଠା-୭




**ଆର୍‌ଟିଓରେ ଧାଡ଼ି ଲଗାଇବେ ପିୟୁସିସି କରିଥିବା ଗାଡ଼ି ମାଲିକ**

**ବଡ଼ଦାଣ୍ଡରେ ସିରିଜ୍ ଦୁର୍ଘଟଣା; ସ୍କୁଟିକୁ ଘୋଷାଡ଼ି ନେଲା ବୋଲେରୋ**

# ଜେଜେ ସାମ୍ନାରେ ଚାଲିଗଲା ନାତିର ଜୀବନ



■ ପୁରୀ, ୨।୧ (ସମିସ): ନୂଆବର୍ଷ ଆରମ୍ଭରେ ବଡ଼ଦାଣ୍ଡରେ ଘଟିଛି ବଡ଼ ଦୁର୍ଘଟଣା। ଜେଜେ ଆଖି ଆଗରେ ନାତିର ଜୀବନ ଯାଇଛି। ବଳଗଣ୍ଡି ଛକରେ ଦ୍ରୁତଗାମୀ ବୋଲେରୋ ଏକ ସ୍କୁଟିକୁ ଧକ୍କା ଦେଇ ଘୋଷାଡ଼ି ନେବାରୁ ଏହି ଦୁଃଖଦ ଘଟଣା ଘଟିଛି। ମୃତ ନାବାଳକଜଣଙ୍କ ଟାଉନ୍ ଥାନା କୁମୁଟି ସାହିର ନିରଞ୍ଜନ ଦେଙ୍କ ପୁଅ ଶ୍ରେୟାଂଶ (୫)। ଏହି ଦୁର୍ଘଟଣାରେ ଶ୍ରେୟାଂଶର ଜେଜେ ନୀଳକଣ୍ଠ ଦେ ଏବଂ ଅନ୍ୟ ଜଣେ ନାବାଳକ ରୋହିତ ସାହୁ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ▶ପୃଷ୍ଠା-୭

**ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ; ୪ଲକ୍ଷ ଟଙ୍କାର ସହାୟତା ଘୋଷଣା**

**ବାଇକ୍-ବସ୍ ମୁହାଁମୁହିଁ**

# ୩ ସାଙ୍ଗ ମୃତ

■ ରାଇରଙ୍ଗପୁର, ୨।୧ (ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁବସା ନିକଟସ୍ଥ ରାଣୀବନ୍ଧ ସମ୍ମୁଖ ଦେଇ ଯାଇଥିବା ୨୨୦ନଂ ଜାତୀୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୩ ସାଙ୍ଗଙ୍କ ଜୀବନ ନେଇଛି। ବାଇକ୍‌କୁ ଏକ ଦ୍ରୁତଗାମୀ ବସ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, ତିରିଂ ଥାନା ଅନ୍ତର୍ଗତ ରତନସାହି ଗ୍ରାମର ବିକାଶ ବେହେରା (୨୬), ଝାଡ଼ଖଣ୍ଡ ଷଢ଼େଇକଳା ଥାନା ଅନ୍ତର୍ଗତ ଆଦିତ୍ୟପୁର ଅଞ୍ଚଳର ପ୍ରବୀର ଦେବବର୍ମା (୨୬) ଏବଂ ତ୍ରିପୁରା ରାଜ୍ୟର ସିପାହୀଜୋଲା ଜିଲ୍ଲାର ବିଶାଳଗଡ଼ ଥାନା ଅନ୍ତର୍ଗତ ବିକାଶ ଦେବବର୍ମା (୨୮)। ▶ପୃଷ୍ଠା-୭

**ଟ୍ରେଡିଂ ଆଳରେ ୪୦ କୋଟି ଚଳୁ**

# ପ.ବଙ୍ଗରୁ ମାଷ୍ଟରମାଇଣ୍ଡ ଗିରଫ

■ ଭୁବନେଶ୍ୱର, ୨।୧ (ସମିସ): ଟ୍ରେଡିଂ ଆଳରେ ଶହ ଶହ ଲୋକଙ୍କ ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତ ଅମିତ ମଣ୍ଡଳଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି ଇଓଡ଼ବ୍ଲ୍ୟୁ। ତାଙ୍କର ଘର ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଅମ୍ରିତପୁରର ଅଞ୍ଚଳରେ, ତାଙ୍କ ଠାରୁ ଏକ ଲାପଟପ୍ ଜବତ ହୋଇଛି। ସେଥିରେ ନିବେଶକାରୀଙ୍କ ତାଲିକା ଓ ଜମା ଟଙ୍କା ସମ୍ବନ୍ଧୀୟ ତଥ୍ୟ ରହିଛି। ଠକେଇ ଟଙ୍କାକୁ ସେ ନୂଆ କମ୍ପାନୀ କଲ୍ପମିତ୍ କନସୋଲଟାନ୍ସି ପ୍ରାଇଭେଟ୍ ଲିଃରେ ନିବେଶ କରିଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି। ଗିରଫ ପରେ ତାଙ୍କୁ ପଶ୍ଚିମବଙ୍ଗରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶନିବାର କଟକସ୍ଥିତ ସ୍ୱତନ୍ତ୍ର ଇଓଡବ୍ଲ୍ୟୁ କୋର୍ଟକୁ ଚାଲାଣ କରାଯାଇଛି।

ଅମିତ ଓ ତାଙ୍କ ଏଜେଣ୍ଟମାନେ ସାଧାରଣ ଲୋକଙ୍କ ଠାରୁ ଟ୍ରେଡିଂ ଆଳରେ ଟଙ୍କା ଉଠାଇଥିଲେ। ମାସିକ ୩.୫ ପ୍ରତିଶତରୁ ୭ ପ୍ରତିଶତ ସୁଧ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତମାନେ ଭୁବନେଶ୍ୱର ଓ ଅନୁଗୁଳର ବିଭିନ୍ନ ହୋଟେଲରେ ବୈଠକ କରାଇ ନିବେଶକାରୀଙ୍କୁ ନିବେଶ କରିବାକୁ ପ୍ରବର୍ତ୍ତାଇ ଥିଲେ। ବିଶ୍ୱାସ ଜନ୍ମାଇବାକୁ ସେ ନିବେଶ ସାର୍ଟିଫିକେଟ୍ ପ୍ରଦାନ କରୁଥିଲେ। ଏହା ସହ ଆରମ୍ଭରୁ କିଛି ଲୋକଙ୍କୁ ଟଙ୍କା ପ୍ରତିଶ୍ରୁତି ମୁତାବକ ଫେରାଇ ଦେଇଥିଲେ। ଅମିତ ୪ବର୍ଷ ମଧ୍ୟରେ ଓଡ଼ିଶାର ୫ଶହ ▶ପୃଷ୍ଠା-୭

## ସାଟେଲାଇଟ୍ ସର୍ଭେ ତଥ୍ୟକୁ ନେଇ ସରକାର-ଚାଷୀ ମୁହାଁମୁହିଁ

# ଟୋକନ୍ ନ ଦେବାକୁ ସର୍ଭେ ଫନ୍ଦି !

■ ଭୁବନେଶ୍ୱର, ୨।୧ (ସମିସ): ଧାନ ଚାଷ ହୋଇଥିବା ଜମି ପରିମାଣକୁ ଆଧାର କରି ପ୍ରଦାନ ତଥ୍ୟର ପଞ୍ଜୀକରଣ ପରେ ରାଜ୍ୟ ସରକାର ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ପଞ୍ଜୀକରଣ ତଥ୍ୟ ଯାଞ୍ଚ କରିବାକୁ ସରକାର ସାଟେଲାଇଟ୍ ସର୍ଭେର ବ୍ୟବସ୍ଥା କରିଛନ୍ତି। ତେବେ ଚଳିତ ଖରିଫ ଋତୁର ସାଟେଲାଇଟ୍ ସର୍ଭେ ତଥ୍ୟକୁ ନେଇ ସରକାର-ଚାଷୀ ମୁହାଁମୁହିଁ ହୋଇଛନ୍ତି। ଚାଷୀମାନେ ଦେଇଥିବା ସତ୍ୟପାଠ ଅନୁସାରେ ସମପରିମାଣ ଜମିରେ ପ୍ରକୃତ ଧାନଚାଷ ହୋଇ ନ ଥିବା ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଥିବା ସରକାର କହୁଥିବା ବେଳେ ଧାନ ବିକ୍ରି ଟୋକନ ନ ଦେବାକୁ ‘ସାଟେଲାଇଟ୍ ସର୍ଭେ’ ବାହାନାରେ ସରକାର ଫନ୍ଦି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ସାଟେଲାଇଟ୍ ସର୍ଭେ ଜରିଆରେ ପଞ୍ଜୀକୃତ ପ୍ଲଟର ତଥ୍ୟ ବାହାର କରି ଏଥିରେ ଧାନ ଚାଷ ହୋଇଛି କି ନାହିଁ ଅନୁଧ୍ୟାନ ପରେ ସମବାୟ ବିଭାଗ ଚାଷୀମାନଙ୍କୁ ଧାନ ବିକ୍ରି ଟୋକନ ପ୍ରଦାନ କରୁଛି। ପ୍ରତ୍ୟେକ ପଞ୍ଜିକୃତ ଜମିର ତିନି ପର୍ଯ୍ୟାୟରେ ସର୍ଭେ କରାଯାଇ ଏହାର ବୈଧତା ଯାଞ୍ଚ କରାଯାଉଛି। ଏଥି ନିମନ୍ତେ ଉପଗ୍ରହ ଦ୍ୱାରା ଉତ୍ତୋଳିତ ଫଟୋର ସହାୟତା ନିଆଯାଉଛି। ବୈଷୟିକ ବିଦ୍ୟାର ଉପଯୋଗ କରାଯାଇ ଧାନକିଣାରେ ସ୍ୱଚ୍ଛତା ଅଣାଯିବା ସହ ପ୍ରକୃତ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା କରାଯାଇ ପାରୁଛି ବୋଲି ସରକାର କହୁଛନ୍ତି। ମାତ୍ର ଯେଉଁ ପ୍ଲଟରେ ଧାନ ଚାଷ କରିଥିବା ପଞ୍ଜୀକରଣ କରିଛନ୍ତି, ସେଠାରେ ଧାନ ଚାଷ ହୋଇ ନ ଥିବା ସରକାର କହୁଛନ୍ତି ।

ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୦ଟି ଜିଲ୍ଲାର ୨୬ ଲକ୍ଷ ୧୪ ହଜାର ୧୩୭ଟି ପ୍ଲଟ ମଧ୍ୟରୁ ୨୪ ଲକ୍ଷ ୯୪ ହଜାର ୪୩୭ ଟି ପ୍ଲଟର କ୍ଷେତ୍ରୀୟ ସର୍ବେକ୍ଷଣ ଶେଷ ହୋଇଛି। ସର୍ବେକ୍ଷଣର ତଥ୍ୟ ▶ପୃଷ୍ଠା-୭



**୨୫ ଲକ୍ଷ ପ୍ଲଟରୁ ୧୯ ଲକ୍ଷ ପ୍ଲଟର ତଥ୍ୟ ମିଛ: ସରକାର**

**ପଞ୍ଜୀକୃତ ୮୦% ଜମିରେ ହୋଇନାହିଁ ଧାନଚାଷ !**

# ଓଡ଼ିଶାରେ ଟନ୍ ଟନ୍ ଝାଡ଼ଖଣ୍ଡ ଧାନ

■ ରାଇରଙ୍ଗପୁର, ୨।୧ (ସମିସ): ଓଡ଼ିଶାରେ ବିକ୍ରି ହେବା ପାଇଁ ଝାଡ଼ଖଣ୍ଡ ରାଜ୍ୟର ଟନ ଟନ ଧାନ ଅପେକ୍ଷା କରିରହିଛି। ଓଡ଼ିଶାରେ ଧାନର ଏମଏସପି ମୂଲ୍ୟ ଅଧିକ ଥିବାରୁ ଅର୍ଥ ରୋଜଗାର କରିବାକୁ ଦଲାଲ ସକ୍ରିୟ ହୋଇଛନ୍ତି। ଏଭଳି ଘଟଣା ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳିଛି। ଅସ୍ଥାୟୀ ଗୋଦାମ କରି ଧାନ ଗଚ୍ଛିତ କରି ରଖିଛନ୍ତି।

ଗତ ଡିସେମ୍ବର ୨୬ରୁ ପର୍ଯ୍ୟାୟକ୍ରମେ ମୟୂରଭଞ୍ଜ ଜିଲ୍ଲାରେ ଧାନମଣ୍ଡି ଖୋଲିବା ସହ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାହାକୁ ନେଇ ପୂର୍ବରୁ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି। ତେବେ ଓଡ଼ିଶା ସରକାର ଧାନ ଏମଏସପି ମୂଲ୍ୟ ଝାଡ଼ଖଣ୍ଡ ତୁଳନାରେ ମୂଲ୍ୟ ଅଧିକ କରିଛନ୍ତି। ଯାହାକୁ ନେଇ ଦଲାଲ ଗ୍ରୁପ୍ ସକ୍ରିୟ ହୋଇଛନ୍ତି। ସୀମାନ୍ତବର୍ତ୍ତୀ ଜାମଦା ବ୍ଲକ ଅନ୍ତର୍ଗତ ବଡ଼ଦୁହୁ ଲ୍ୟାମ୍ପରେ ଉକ୍ତ ଝାଡ଼ଖଣ୍ଡ ଧାନ ବିକ୍ରୟ କରିବାକୁ ଯୋଜନା ହୋଇଛି। ଏହାକୁ ନେଇ ପୂର୍ବରୁ ଝାଡ଼ଖଣ୍ଡ ଓ ଓଡ଼ିଶାର କିଛି ଦଲାଲ ମିଶି ଓଡ଼ିଶା ଚାଷୀଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ନିଜ ଟିମ୍‌ରେ ସାମିଲ କରିଛନ୍ତି। ବର୍ଷ ସାରା ଚାଷ ନ କରି ଭଲ ଟଙ୍କା ଦେବାର ପ୍ରଲୋଭନ ଦେଖାଇ ମଣ୍ଡିରେ ତାଙ୍କ ଧାନ ବିକ୍ରି କରିବାକୁ ଚାଷୀ ଭାବେ ପଞ୍ଜୀକରଣ କରାଇଛନ୍ତି। ତେବେ ଝାଡ଼ଖଣ୍ଡରେ ଚାଷ ହୋଇଥିବା ଉକ୍ତ ଧାନ ସୀମାନ୍ତ ଦେଇ ଓଡ଼ିଶାକୁ ପ୍ରବେଶ କରୁଛି। ସୀମାନ୍ତରେ ଢିଲା ଯାଞ୍ଚ ପ୍ରକ୍ରିୟା ଥିବା ବେଳେ ବିଳମ୍ବିତ ରାତି କିମ୍ବା ଭୋର ସମୟରେ ଓଡ଼ିଶାକୁ ପ୍ରବେଶ କରି ଧାନ ଗଚ୍ଛିତ ହୋଇ ରହିଛି। ▶ପୃଷ୍ଠା-୭



**ଅଧିକ ଏମ୍‌ଏସ୍‌ପି ପାଇଁ ଓଡ଼ିଶାରେ ଧାନ ବିକିବାକୁ ପ୍ରୟାସ**

**ଓଡ଼ିଶା ‘ଲ୍ୟାମ୍ପ୍ସ’ରେ ବିକ୍ରି କରିବା ପାଇଁ ଚାଲିଛି ଯୋଜନା**

## ପତ୍ନୀଙ୍କୁ ଖର୍ଚ୍ଚର ହିସାବ ମାଗିବା କ୍ରୂରତା ନୁହେଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ପତ୍ନୀଙ୍କୁ ଖର୍ଚ୍ଚର ହିସାବ ମାଗିବା କ୍ରୂରତା ନୁହେଁ। ଏହାକୁ ନେଇ ଆପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ଯୌତୁକ ଜନିତ ଉତ୍ପୀଡ଼ନ ଏବଂ କ୍ରୂରତା ମାମଲାକୁ ରଦ୍ଦ କରି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଏହି ମାମଲାରେ ସ୍ୱାମୀ ସମସ୍ତ ଖର୍ଚ୍ଚର ହିସାବ ଟିକିନିଖି କରି ଏକ୍ସେଲ ସିଟ୍‌ରେ ରଖିବାକୁ ବାଧ କରୁଥିଲେ ବୋଲି ସ୍ତ୍ରୀ ଅଭିଯୋଗ କରିଥିଲେ। ମାତ୍ର ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ଭଲ ସମ୍ପର୍କ ନ ଥିଲା। ସେ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ମାମଲା ରୁଜୁ କରିଥିଲେ।

ଶୁଣାଣି କରି ଖଣ୍ଡପୀଠ କହିଥିଲେ ଯେ ଯଦି ପତି ଘରର ଆର୍ଥିକ କାରବାରର ନିଷ୍ପତ୍ତି ନିଜେ ନିଅନ୍ତି ଏବଂ ପତ୍ନୀଙ୍କୁ ଏହାର ହିସାବ ମାଗନ୍ତି ତେବେ ତାହାକୁ କ୍ରୂରତା କୁହାଯାଇପାରିବ ନାହିଁ। ବିଶେଷ କରି କୌଣସି ଗମ୍ଭୀର ମାନସିକ କିମ୍ବା ଶାରୀରିକ କ୍ଷତି ନ ହେଲେ ଆପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ। ଏହା ଭାରତୀୟ ସମାଜର ସତ୍ୟକୁ ଦର୍ଶାଉଛି। ଅନେକ ଘରେ ପୁରୁଷ ଆର୍ଥିକ ଦାୟିତ୍ୱକୁ ନିଜ ହାତରେ ରଖିଥାନ୍ତି, ମାତ୍ର ଏହାକୁ ଅପରାଧ ଶ୍ରେଣୀରେ ରଖାଯାଇପାରିବ ନାହିଁ। ସ୍ୱାମୀଙ୍କ ଉପରେ ଲଗାଯାଇଥିବା ଅଭିଯୋଗ ସତ୍ୟ ନୁହେଁ ବୋଲି ରେକର୍ଡରୁ ଜଣାପଡୁଛି। ଖରାପ ଉଦ୍ଦେଶ୍ୟ ରଖି ଏପରି କରାଯାଇଛି। ଏଭଳି ମାମଲାରେ ଆଇନର ଅପବ୍ୟବହାର କରାଯାଇପାରିବ ନାହିଁ। ବ୍ୟକ୍ତିଗତ ଶତ୍ରୁତା ପାଇଁ ଆପରାଧିକ ମାମଲାର ବ୍ୟବହାର ନ କରିବା ଉଚିତ।

## ମିଠା ଦେବା ବାହାନାରେ ଘରକୁ ଡାକି ପ୍ରେମିକର ଗୁପ୍ତାଙ୍ଗ କାଟିଦେଲା ପ୍ରେମିକା

ମୁମ୍ବଇ, ୨।୧ (ଏଜେନ୍ସି): ବାଣିଜ୍ୟିକ ରାଜଧାନୀ ମୁମ୍ବଇରୁ ବିଚଳିତ କରିବା ଭଳି ଏକ ଖବର ସାମ୍ନାକୁ ଆସିଛି। ନୂଆ ବର୍ଷରେ ମିଠା ଦେବାକୁ ଡାକି ପ୍ରେମିକା ଏକ ଛୁରିରେ ନିଜ ପ୍ରେମିକର ଗୁପ୍ତାଙ୍ଗ କାଟି ଦେଇଛନ୍ତି। ଏବେ ପ୍ରେମିକର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମୁମ୍ବଇର ସିଓନ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପୀଡ଼ିତ (୪୪) ଏବଂ ଅଭିଯୁକ୍ତ ପ୍ରେମିକା (୨୫) ଉଭୟେ ବିବାହିତ। ଏବେ ମହିଳା ଫେରାର ଅଛନ୍ତି। ସେ ପୀଡ଼ିତଙ୍କ ଭଉଣୀର ନଣନ୍ଦ। ଉଭୟଙ୍କ ମଧ୍ୟରେ ପରକୀୟାପ୍ରୀତି ଥିଲା। ୬ରୁ ୭ ବର୍ଷ ହେଲା ଦୁଇ ଜଣଙ୍କ ମଧ୍ୟରେ ଅବୈଧ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।

ପ୍ରେମିକା କ୍ରମାଗତ ଭାବେ ନିଜ ସ୍ତ୍ରୀକୁ ଛାଡ଼ି ତାଙ୍କୁ ବାହା ହେବା ପାଇଁ ପୀଡ଼ିତଙ୍କ ଉପରେ ଚାପ ପକାଉ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏଥିପାଇଁ ସାନ୍ତାକ୍ରୁଜ ଇଷ୍ଟରେ ରହୁଥିବା ପୁରୁଷ ଗତ ନଭେମ୍ବରରେ ବିହାର ପଳାଇ ଥିଲେ। ଏହା ସତ୍ତ୍ୱେ ସେ ଫୋନ କରି ଧମକ ଦେଇ ଚାଲିଥିଲେ। ଗତ ୧୯ ତାରିଖରେ ମୁମ୍ବଇ ଫେରିବାରୁ ସେ ଆଉ ମହିଳାଙ୍କୁ ଯୋଗାଯୋଗ କରି ନ ଥିଲେ। ତାଙ୍କଠୁ ଦୂରେଇ ରହିବାକୁ ପ୍ରୟାସ କରିଥିଲେ। ମାତ୍ର ୩୧ ତାରିଖ ଦିନ ପ୍ରେମିକା ତାଙ୍କୁ ମିଠା ଦେବା ବାହାନାରେ ଘରକୁ ଡାକିଥିଲେ। ପୁରୁଷ ପହଞ୍ଚିବା ପରେ ଅପେକ୍ଷା କରିବାକୁ କହିଥିଲେ। ପିଲା ଶୋଇବା ପରେ ମହିଳା ତାଙ୍କୁ ଘରକୁ ଡାକି ପେଣ୍ଟ ଖୋଲିବାକୁ କହିଥିଲେ। ପୁରୁଷ ଏପରି କରିବାରୁ ମହିଳା ରୋଷେଇ ଘରକୁ ଯାଇ ଏକ ପରିବା କଟା ଛୁରି ଆଣିଥିଲେ। ଏଥିରେ ମହିଳା ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିଲେ। ଅସହ୍ୟ କଷ୍ଟ ଏବଂ ପ୍ରଚୁର ରକ୍ତସ୍ରାବ ସତ୍ତ୍ୱେ ପୁରୁଷ ସେଠାରୁ ନିଜ ଘରକୁ ପଳାଇ ଆସିଥିଲେ। ସେ ଘରେ ପହଞ୍ଚିବାରୁ ଅନ୍ୟ ସଦସ୍ୟ ତାଙ୍କୁ ମେଡିକାଲକୁ ନେଇ ଭର୍ତ୍ତି କରିଥିଲେ। ଏବେ ତାଙ୍କର ଅନେକ ଅସ୍ତ୍ରୋପଚାର ହେବାର ବାକି ଅଛି।

## ଆଫଗାନ ବନ୍ୟାରେ ୧୭ ମୃତ

କାବୁଲ, ୨।୧(ଏଜେନ୍ସି): ଆଫଗାନିସ୍ତାନରେ ସମ୍ପ୍ରତି ପ୍ରବଳ ବର୍ଷା ଓ ତୁଷାରପାତ ପରେ ଆସିଥିବା ଭୟଙ୍କର ବନ୍ୟାରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି। ଜାନୁଆରୀ ୧ରେ ଆଫଗାନିସ୍ତାନର ହେରାତ ରାଜ୍ୟରେ କାବକାନ ଜିଲ୍ଲାରେ ଏକ ଛାତ ଭୁଶୁଡିବା ଫଳରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ଦୁଇଜଣ ଶିଶୁ ଅଛନ୍ତି। ଏବେ ଅତି ଖରାପ ପାଗ ସାରା ଦେଶରେ ଜନ ଜୀବନକୁ ଗୁରୁତର ଭାବେ ବିପର୍ଯ୍ୟସ୍ତ କରିଛି।

## ୟେମେନରେ ପୁଣି ସାଉଦିର ଆକ୍ରମଣ; ୭ ମୃତ

ସାନ୍ନା, ୨।୧(ଏଜେନ୍ସି): ୟେମେନ ଉପରେ ସାଉଦି ଆରବ ପୁଣି ଏୟାର ଷ୍ଟ୍ରାଇକ କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସମର୍ଥିତ ବିଚ୍ଛିନ୍ନତାବାଦୀଙ୍କ ଗୋଷ୍ଠୀ ଉପରେ ଶୁକ୍ରବାର ଏହି ଆକ୍ରମଣ କରାଯାଇଛି। ଏଥିରେ ଅତିକମ୍‌ରେ ୭ଜଣ ମୃତ୍ୟୁବରଣ କରିଛନ୍ତି। ଏହି ବିଚ୍ଛିନ୍ନତାବାଦୀମାନେ ୟେମେନର ବିପୁଳ ଅଞ୍ଚଳକୁ ନିଜ ଦଖଲରେ ରଖିଛନ୍ତି। ଅଲ-ଖାସାସ୍ଥିତ ବିଚ୍ଛିନ୍ନତାବାଦୀଙ୍କ ଶିବିର ଉପରେ ହୋଇଥିବା ଏହି ଆକ୍ରମଣରେ ୨୦ ଜଣ ଆହତ ମଧ୍ୟ ହୋଇଛନ୍ତି ବୋଲି ୱାଦି ହାଦ୍ରାମାଉଥ ଓ ହାଦ୍ରାବାଉଥ ମରୁଭୂମିସ୍ଥିତ ବିଚ୍ଛିନ୍ନତାବାଦୀ ସଦର୍ଣ୍ଣ ଟ୍ରାନଜିସନାଲ କାଉନସିଲ (ଏସ୍‌ଟିସି) ମୁଖ୍ୟ ମହମ୍ମଦ ଅବଦୁଲମଲିକ କହିଛନ୍ତି।

## ରାଗିଂରେ ହିମାଚଳ ଛାତ୍ରୀଙ୍କ ମୃତ୍ୟୁ

### ପ୍ରଫେସରଙ୍କ ସମେତ ୪ ଜଣଙ୍କ ନାମରେ ଏତଲା

ଧର୍ମଶାଳା, ୨।୧(ଏଜେନ୍ସି): ହିମାଚଳ ଧର୍ମଶାଳାସ୍ଥିତ ଏକ ସରକାରୀ କଲେଜରେ ରାଗିଂର ଶିକାର ଜଣେ ୧୯ ବର୍ଷୀୟ ଛାତ୍ରୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଏହି ମାମଲାରେ ପୁଲିସ ପ୍ରଫେସରଙ୍କ ସମେତ ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି। ମରିବା ପୂର୍ବରୁ ଛାତ୍ରୀ ଏକ ଭିଡିଓରେ ପ୍ରଫେସରଙ୍କ ଉପରେ ଯୌନ ଉତ୍ପୀଡ଼ନ ଓ ୩ ଜଣ ଝିଅ ତାଙ୍କୁ ବାଡ଼େଇ ଥିବାର ଅଭିଯୋଗ ଆଣିଛନ୍ତି। ଛାତ୍ରୀଙ୍କ ପିତା ପ୍ରଫେସର ଅଶୋକ କୁମାର ଓ ଅନ୍ୟ ଛାତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନାର ଅଭିଯୋଗ ଆଣିଛନ୍ତି। ଗଭୀର ଭାବେ ମାନିସକ ଆଘାତ ପାଇଥିବାରୁ ସେ ଭୟଭୀତ ହୋଇପଡ଼ିଥିଲା ଓ ଚିକିତ୍ସିତ ହେବା ବେଳେ ପ୍ରାଣ ହରାଇଥିଲା ବୋଲି ସେ କହିଛନ୍ତି। ଡିସେମ୍ବର ୨୬ରେ ଲୁଧିଆନାର ଡିଏମ୍‌ସି ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ବେଳେ ଛାତ୍ରୀ ମୃତ୍ୟୁବରଣ କରିଥିଲେ। ଅନ୍ୟପଟେ ପ୍ରଫେସର ଏହି ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି।

■ ୧୫୦୦ କୋଟିର ଜମି ଦୁର୍ନୀତି

## ଗୁଜରାଟର ପୂର୍ବତନ ଜିଲ୍ଲାପାଳ ଗିରଫ

ସୁରେନ୍ଦ୍ରନଗର, ୨।୧(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗୁଜରାଟ ସୁରେନ୍ଦ୍ରନଗରର ପୂର୍ବତନ ଜିଲ୍ଲାପାଳ ରାଜେନ୍ଦ୍ର ପଟେଲଙ୍କୁ ଗିରଫ କରିଛି। ୧୫୦୦ କୋଟି ଟଙ୍କାର ଜମି ଦୁର୍ନୀତି ମାମଲାରେ ଶୁକ୍ରବାର ଇଡିର ୩ଟି ଟିମ୍ ଗାନ୍ଧୀନଗରସ୍ଥିତ ରାଜେନ୍ଦ୍ର ପଟେଲଙ୍କ ଘରେ ପହଞ୍ଚି ପଚରାଉଚରା ପରେ ଏହି ପଦକ୍ଷେପ ନେଇଥିଲା। ପୂର୍ବରୁ ଡିସେମ୍ବର ୨୦ ଓ ୨୧ରେ ଇଡି ରାଜେନ୍ଦ୍ରଙ୍କ ସମେତ ତାଙ୍କ ବ୍ୟକ୍ତିଗତ ସହାୟକ ଜୟରାଜସିଂ ଝାଲା, ଡେପୁଟି ତହସିଲଦାର ଚନ୍ଦ୍ରସିନ ମୋରି ଓ କିରାଣୀ ମୟୂରସିଂ ଗୋହିଲଙ୍କ ଘରେ ମଧ୍ୟ ଚଡ଼ଉ କରିଥିଲେ। ଡେପୁଟି ତହସିଲଦାରଙ୍କ ଘରୁ ୬୦ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏହା ଲାଞ୍ଚ ଟଙ୍କା ଥିବା ମୋରି ସ୍ୱୀକାର କରିଥିଲେ। ମୋରି ୧ କୋଟି ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଏଥିରେ ଜିଲ୍ଲାପାଳ ରାଜେନ୍ଦ୍ର ପଟେଲ ଓ ଅନ୍ୟମାନେ ସାମିଲ ଥିଲେ। ୧୫୦୦କୋଟି ଟଙ୍କା ମୂଲ୍ୟର ୩, ୬୦୦ ବିଘା ଜମି ପାଇଁ ଫାଇଲଗୁଡିକ ତ୍ୱରିତ ଅନୁମୋଦନ ପାଇଁ ମୋରି ଆବେଦନକାରୀଙ୍କଠାରୁ ଲାଞ୍ଚ ନେଇଥିଲେ। ତାଙ୍କ ଘରୁ ୧୦୦ଟି ଫାଇଲ ଜବତ କରାଯାଇଛି। ତାଙ୍କ ଘରେ ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ରହିଛି ବୋଲି ଇଡି କହିଛି।

### ଇନ୍ଦୋର ଦୂଷିତ ପାଣି ମୃତ୍ୟୁସଂଖ୍ୟାକୁ ନେଇ ଘେରିଲେ ବିରୋଧୀ

## ସରକାରୀ ସତ୍ୟପାଠରେ ମିଥ୍ୟା ସୂଚନା



■ ବିଷ ବ୍ୟାପୁଥିବାବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ: ରାହୁଲ
■ ସରକାରଙ୍କ ଅନୁକମ୍ପା ରାଶି ଉପରେ ପ୍ରଶ୍ନ ଉଠାଇଲେ ଉମା ଭାରତୀ
■ ଜୀବନର ମୂଲ୍ୟ ୨ ଲକ୍ଷ ଟଙ୍କା ନୁହେଁ

ଇନ୍ଦୋର, ୨।୧(ଏଜେନ୍ସି): ଭାରତର ସବୁଠୁ ସ୍ୱଚ୍ଛ ସହର ମଧ୍ୟପ୍ରଦେଶ ଇନ୍ଦୋରର ଅସ୍ୱଚ୍ଛ ରୂପ ସାରା ଦେଶ ଦେଖୁଛି। ଆଠ ଆଠ ଥର ସ୍ୱଚ୍ଛ ସହର ପୁରସ୍କାର ହାତେଇ ଥିବା ଏହି ସହର ବଦନାମ ହୋଇଯାଇଛି। ବିଷାକ୍ତ ଜଳ ଏଠାରେ ୧୫ ଜଣଙ୍କ ଜୀବନ ନେଲାଣି। ହସ୍ପିଟାଲ ଏବଂ ମୃତକଙ୍କ ପରିବାର ସଦସ୍ୟଙ୍କ ଆଧାରରେ ଜାତୀୟ ଗଣମାଧ୍ୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦୂଷିତ ପାଣି ପିଇ ୧୬ ଜଣ ଶିଶୁଙ୍କ ସମେତ ୨୭୨ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏବେ ୩୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ୭୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟପଟେ ଏହି ଅଘଟଣକୁ ନେଇ ସରକାର ହାଇକୋର୍ଟରେ ଦାଖଲ କରିଥିବା ଷ୍ଟାଟସ ରିପୋର୍ଟକୁ ସବୁ ମହଲରେ ସମାଲୋଚନା କରାଯାଉଛି। ଦୂଷିତ ପାଣି ୧୫ ଜଣଙ୍କ ଜୀବନ ନେଇଥିବାବେଳେ ସରକାର ମାତ୍ର ୪ ଜଣ ପ୍ରାଣ ହରାଇଥିବା କହିଛନ୍ତି। ଏହାକୁ ନେଇ ସରକାର ସତ ଲୁଚାଇବାକୁ ପ୍ରୟାସ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ସରକାରୀ ସତ୍ୟପାଠରେ ମିଥ୍ୟା ସୂଚନା ଦିଆଯାଇଥିବା କହିଛନ୍ତି। ଖାଲି ସେତିକି ନୁହେଁ, ଏହାକୁ ନେଇ ଆଗତ ଏକ ଜନସ୍ୱାର୍ଥ ମାମଲାରେ ଗଣମାଧ୍ୟମ ରିପୋର୍ଟ ଉପରେ ରୋକ୍ ଲଗାଇବାକୁ ଦାବି କରାଯାଇଛି। କିନ୍ତୁ, କୋର୍ଟ ଏ ସଂକ୍ରାନ୍ତରେ ମତାମତ ଦେବାକୁ ଉଚିତ ମନେ କରିନାହାନ୍ତି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଏହି ମାମଲାରେ ଧ୍ୟାନ ଦେବା ସହ ମଧ୍ୟପ୍ରଦେଶ ମୁଖ୍ୟ ଶାସନ ସଚିବଙ୍କୁ ଏକ ନୋଟିସ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ମଧ୍ୟରେ ସରକାର ନଗର ନିଗମ କମିଶନର ଦିଲୀପ ଯାଦବ ଏବଂ ଅତିରିକ୍ତ କମିଶନର ରୋହିତ ସିସୋନିଆଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସିସୋନିଆଙ୍କୁ ବଦଳି କରିଦିଆଯାଇଛି।

ଅନ୍ୟପଟେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶାସନର ଏହି ଘଟଣାକୁ ନେଇ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛନ୍ତି। ବିଷ ବ୍ୟାପୁଥିବା ବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସ୍ୱଚ୍ଛ ପାଣି ଅନୁଗ୍ରହ ନୁହେଁ, ବରଂ ଏହା ଜୀବନର ଅଧିକାର। ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଦାୟିତ୍ୱହୀନ ପ୍ରଶାସନ ଶୋଇ ରହିଥିଲା। ଏହି ମାମଲାରେ ନେତା, ଅଧିକାରୀଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ନିଆଯିବ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଏପରି ସମୟରେ ଦୂଷିତ ପାଣି ପିଇବା ଯୋଗୁଁ ଏହି ଘଟଣା ଘଟିଛି ବୋଲି ମହାତ୍ମା ଗାନ୍ଧୀ ମେମୋରିଆଲ ମେଡିକାଲ କଲେଜର ଏକ ଲ୍ୟାବ ରିପୋର୍ଟ ଦ୍ୱାରା ନିଶ୍ଚିତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉମା ଭାରତୀ ମୃତକଙ୍କୁ ସରକାର ଦେଇଥିବା ଅନୁକମ୍ପା ରାଶିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଜୀବନର ମୂଲ୍ୟ ୨ ଲକ୍ଷ ଟଙ୍କା ହୋଇ ନ ପାରେ। ଏବେ ପୀଡ଼ିତ ପରିବାର ସାରା ଜୀବନ ଦୁଃଖରେ ରହିବେ। ସେମାନଙ୍କୁ କ୍ଷମା ମାଗିବାକୁ ହେବ। ଯିଏ ଦାୟୀ ତାଙ୍କୁ ଦଣ୍ଡ ଦେବାକୁ ପଡ଼ିବ ବୋଲି ଉମା କହିଛନ୍ତି।

## ଇରାନରେ ଖାମନେଇଙ୍କ ବିରୋଧରେ ହିଂସ୍ରକ ପ୍ରଦର୍ଶନ; ୭ ମୃତ

ତେହେରାନ, ୨।୧(ଏଜେନ୍ସି): ଇରାନରେ ଏବେ ମୁଦ୍ରାସ୍ଫୀତି, ଦରଦାମ ବୃଦ୍ଧି ଓ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇଙ୍କ ବିରୋଧରେ କ୍ରମାଗତ ଷଷ୍ଠଦିନ ପାଇଁ ବିରୋଧ ପ୍ରଦର୍ଶନ ଓ ପ୍ରତିବାଦ ଜାରି ରହିଛି। ଏହି ଆନ୍ଦୋଳନ ଏବେ ଇରାନର ପବିତ୍ର ସହର କୋମକୁ ବ୍ୟାପୀ ଯାଇଛି। କୋମ ସିଆ ଧର୍ମଗୁରୁଙ୍କ ଏକ ପ୍ରମୁଖ ଗଡ଼। ଇରାନ ଇଣ୍ଟରନ୍ୟାସନାଲ ଅନୁସାରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଆନ୍ଦୋଳନକାରୀମାନେ ରାଜତନ୍ତ୍ରକୁ ସମର୍ଥନ କରି ସ୍ଲୋଗାନମାନ ଦେଇଥିଲେ। ଫଳରେ ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। ଫଳରେ ନୂଆବର୍ଷର ପ୍ରଥମ ଦିନ ଅର୍ଥାତ ଗୁରୁବାର ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଡିସେମ୍ବର ୩୧ରେ ମଧ୍ୟ ଜଣଙ୍କ ଜୀବନ ଯାଇଥିଲା।

ଏପର୍ଯ୍ୟନ୍ତ ଏହି ଆନ୍ଦୋଳନରେ ୬ ଜଣ ସାଧାରଣ ନାଗରିକ ଓ ଜଣେ ସୁରକ୍ଷାକର୍ମୀ ନିହତ ହୋଇଛନ୍ତି। ଏଥିରେ ୩୦ ଜଣଙ୍କୁ ଗିରଫ କରାଯାଇଛି। ଡିସେମ୍ବର ୨୮ରେ ଏହି ବିରୋଧ ପ୍ରଦର୍ଶନ ଆରମ୍ଭ ହୋଇଥିଲା। ପ୍ରଥମେ ଏହା ରାଜଧାନୀ ତେହେରାନ୍‌ରେ ବ୍ୟବସାୟୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏଥିରେ ହଜାର ହଜାର ଜେନ ଜେଡ୍ ସାମିଲ ହୋଇଛନ୍ତି। ଫଳରେ ଏହା ଉଗ୍ରରୂପ ଧାରଣ କରିବା ସହ ବ୍ୟାପକରୂପ ନେଇଛି। ସେପଟେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଶୁକ୍ରବାର ଇରାନକୁ ଚେତାବନୀ ଦେଇଛନ୍ତି।

## ଚୀନ୍‌ରେ ତାଇୱାନ ମିଶିବା ନିଶ୍ଚିତ: ଜିନପିଙ୍ଗ୍

■ ବିନା କାରଣରେ ଉତ୍ତେଜନା ବୃଦ୍ଧି ନ କରିବାକୁ ଚେତାବନୀ ଦେଲା ଆମେରିକା

ବେଜିଂ/ତାଇପେ, ୨।୧(ଏଜେନ୍ସି): ଚୀନ ଓ ତାଇୱାନ ମଧ୍ୟରେ ପୁଣିଥରେ ଉତ୍ତେଜନା ବୃଦ୍ଧି ପାଇଛି। ନୂଆବର୍ଷରେ ଭାଷଣ ଦେବା ଅବସରରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ କହିଛନ୍ତି ଯେ, ତାଇୱାନ ଚୀନ୍‌ର ଅଂଶ ଓ ଉଭୟଙ୍କ ମଧ୍ୟରେ ରକ୍ତର ସମ୍ପର୍କ ରହିଛି। ଚୀନ୍ ଓ ତାଇୱାନର ପୁନଃମିଳନ ହେଉଛି ସମୟର ଆବଶ୍ୟକତା ଓ ଏହାକୁ କେହି ରୋକିପାରିବେ ନାହିଁ। ସେପଟେ ତାଇୱାନ ସରକାର ଏହାକୁ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ପଦକ୍ଷେପ ଓ ଏହାଦ୍ୱାରା ସମଗ୍ର ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବ ବୋଲି କହିଛନ୍ତି। ତାଇୱାନକୁ ଆବଶ୍ୟକ ହେଲେ ସାମିରିକ ଶକ୍ତି ବ୍ୟବହାର କରାଯାଇ ମିଶାଯିବ ବୋଲି ଚୀନ ବାରମ୍ବାର କହିଆସୁଛି। ଆମେରିକା ମଧ୍ୟ ଚୀନ୍‌ର ଏଭଳି ଆଭିମୁଖ୍ୟକୁ ସମାଲୋଚନା କରିଛି। ଆମେରିକା ବୈଦେଶିକ ବିଭାଗ ଚେତାବନୀ ଦେଇ କହିଛି ଯେ, ଚୀନର ବକ୍ତବ୍ୟ ଅଯଥାରେ ଉତ୍ତେଜନା ସୃଷ୍ଟି କରୁଛି। ତାଇୱାନ ଓ ଚୀନ୍ ମଧ୍ୟରେ ଥିବା ସମୁଦ୍ର ଅଞ୍ଚଳ ଅର୍ଥାତ ତାଇୱାନ ଚ୍ୟାନେଲ୍‌ରେ ଶାନ୍ତିକୁ ବ୍ୟାହତ କରୁଥିବା ଯେକୌଣସି ପଦକ୍ଷେପକୁ ଆମେରିକା ବିରୋଧ କରୁଛି।

## ବିଜେପି-କଂଗ୍ରେସ କର୍ମୀ ସଂଘର୍ଷ; ଜଣେ ମୃତ

ବେଲ୍ଲାରୀ, ୨।୧(ଏଜେନ୍ସି): କର୍ଣ୍ଣାଟକ ବେଲ୍ଲାରୀ ଜିଲ୍ଲାରେ ଗୁରୁବାର ବିଜେପି ଓ କଂଗ୍ରେସ ସମର୍ଥକ ମୁହାଁମୁହିଁ ହୋଇଥିଲେ। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଦେଖିବାକୁ ମିଳିଥିଲା। ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ଜାନୁଆରୀ ୩ରେ ସହରରେ ବାଲ୍ମିକୀ ପ୍ରତିମା ଅନାବରଣ ଉତ୍ସବ ପୂର୍ବରୁ ପୋଷ୍ଟର ଓ ବ୍ୟାନର ଲଗାଇବା ନେଇ



ବିଜେପି ବିଧାୟକ ଜନାର୍ଦ୍ଦନ ରେଡ୍ଡୀ ଓ କଂଗ୍ରେସ ବିଧାୟକ ଭରତ ରେଡ୍ଡୀଙ୍କ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ଆବାସ୍ଥବି ଅଞ୍ଚଳରେ ଜନାର୍ଦ୍ଦନ ରେଡ୍ଡୀଙ୍କ ଘର ସମ୍ମୁଖରେ ଭାରତ ରେଡ୍ଡୀଙ୍କ ସମର୍ଥକମାନେ ଏକ ବ୍ୟାନର ଲଗାଇବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଏହାକୁ ଜନାର୍ଦ୍ଦନ ସମର୍ଥକମାନେ ବିରୋଧ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲ। ଉଭୟ ପକ୍ଷରୁ ପଥର ମାଡ଼ ହୋଇଥିଲା ଓ ପୁଲିସ ଅଧିକାରୀମାନଙ୍କୁ ଆକ୍ରମଣ କରାଯାଇଥିଲା। ଭିଡ଼କୁ ଘଉଡାଇବା ପାଇଁ ଲାଠି ଚାର୍ଜ କରାଯାଇଥିଲା ଓ ଫାଙ୍କା ଗୁଳି ଚାଳନା ମଧ୍ୟ କରାଯାଇଥିଲା। ଶୁକ୍ରବାର ଦିନ ପୁଲିସ ଜନାର୍ଦ୍ଦନ, ପୂର୍ବତନ ମନ୍ତ୍ରୀ ଶ୍ରୀରାମଲୁ, ଶେଖର, ଅଲିଖାନ ଓ ସୋମଶେଖର ରେଡ୍ଡୀଙ୍କ ସମେତ ୧୧ଜଣଙ୍କ ବିରୋଧରେ ବରୁସପେଟ ଥାନାରେ ଏକ ଏତଲା ରୁଜୁ କରିଛି। ହିଂସାବେଳେ ଭୁଲରେ ଗୁଳି ଚାଳନା ଯୋଗୁଁ ଜଣେ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ବେଲ୍ଲାରୀ ଏସ୍‌ପି ରଞ୍ଜିତ କୁମାର ବନ୍ଦାରୁ କହିଛନ୍ତି। ମୃତକଙ୍କୁ ହସ୍ପିଟାଲ ନିଆଯାଇଛି ଓ ଶବବ୍ୟବଚ୍ଛେଦ ସମାପ୍ତ ହୋଇଛି।

### ବାଲ୍ମିକୀଙ୍କ ବ୍ୟାନର ଚିରିବା ଅଭିଯୋଗରେ ବିଜେପି ବିଧାୟକଙ୍କ ନାମରେ ଏତଲା

### ଉମର ଖାଲିଦଙ୍କ ନାମରେ ନ୍ୟୁୟର୍କ ମେୟରଙ୍କ ଚିଠି

## ତୁମ ପାଇଁ ଆମେ ଚିନ୍ତିତ

ୱାସିଂଟନ, ୨।୧ (ଏଜେନ୍ସି): ତିହାର ଜେଲ୍‌ରେ ବନ୍ଦୀ ଉମର ଖାଲିଦଙ୍କୁ ଆମେରିକା ନ୍ୟୁୟର୍କ ସହରର ମେୟର ଜୋହର ମମଦାନୀ ସମର୍ଥନ କରିଛନ୍ତି। ସେ ଖାଲିଦଙ୍କ ପାଇଁ ଏକ ଚିଠି ଲେଖିଛନ୍ତି। ଜେଏନୟୁର ଏହି ପୂର୍ବତନ ଛାତ୍ର ନେତାଙ୍କ ବିରୋଧରେ ୟୁଏପିଏନ ଆଇନର ଧାରା ଅଧିନରେ ମାମଲା ଚାଲିଛି। ନ୍ୟୁୟର୍କ ମେୟର ଭାବେ ଶପଥ ନେବା ପରେ ମମଦାନୀଙ୍କ ଏହି ଚିଠି ସାମ୍ନାକୁ ଆସିଛି। ଏଥିରେ ସେ ଉମରଙ୍କୁ ସମର୍ଥନ ଜଣାଇଛନ୍ତି। ମମଦାନୀ ତାଙ୍କ ପ୍ରତି ଚିନ୍ତା ପ୍ରକଟ କରିଛନ୍ତି। ନ୍ୟୁୟର୍କ ମେୟର ଲେଖିଛନ୍ତି ଯେ 'ଉମର, ତୁମ କଥାକୁ ସବୁବେଳେ ମନେ ପକାଉଛି। ତୁମେ ପୁରୁଣା ତିକ୍ତ ଅନୁଭୂତିକୁ ନେଇ ଚିନ୍ତିତ ନ ହେବାକୁ କହିଥିଲ। ତୁମ ମାତାପିତାଙ୍କୁ ଭେଟି ଖୁସି ଲାଗିଲା। ଆମକୁ ତୁମ ଚିନ୍ତା ଘାରୁଛି।' ଗତ ଡିସେମ୍ବରରେ ଆମେରିକା ଗସ୍ତରେ ଯାଇଥିବା ଉମରଙ୍କ ମାତାପିତାଙ୍କୁ ମମଦାନୀଙ୍କ ଏହି ଚିଠି ଦିଆଯାଇଥିଲା। ଏବେ ଖାଲିଦଙ୍କ ସହଯୋଗୀ ବନୋଜ୍ୟୋତ୍ସ୍ନା ଲାହିଡି ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି।

### ମମ୍‌ଦାନୀଙ୍କୁ ଆମେରିକାର ୮ ସାଂସଦଙ୍କ ସମର୍ଥନ



ମମଦାନୀଙ୍କ ପରେ ଆମେରିକାର ୮ ସାଂସଦ ଖାଲିଦଙ୍କ ସମର୍ଥନରେ ଆସିଛନ୍ତି। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଖାଲିଦଙ୍କ ମାମଲାର ଶୁଣାଣି କରିବାକୁ ସେମାନେ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଥିପାଇଁ ଭାରତ ସରକାରଙ୍କୁ ସେମାନେ ଏକ ଚିଠି ଲେଖିଛନ୍ତି। ହାଉସ ରୁଲ୍ସ କମିଟିର ର୍ୟାଙ୍କିଂ ସଦସ୍ୟ ତଥା ଟମ୍ ଲେଟୋନ୍ସ ହ୍ୟୁମାନ ରାଇଟ୍ସ କମିଟିର ଅଧ୍ୟକ୍ଷ ଡେମୋକ୍ରାଟ ଜିମ ମ୍ୟାକଗର୍ଭନ କହିଛନ୍ତି ଯେ ସେ ଡିସେମ୍ବର ପ୍ରାରମ୍ଭରେ ଖାଲିଦଙ୍କ ମାତାପିତାଙ୍କୁ ଭେଟିଥିଲେ। ଖାଲିଦ ବିନା ମାମଲାରେ ୫ ବର୍ଷ ହେଲା ଭାରତୀୟ ଜେଲ୍‌ରେ ବନ୍ଦୀ ଅଛନ୍ତି। ତାଙ୍କୁ ଜାମିନ ଦେବାକୁ ଏହି ଡେମୋକ୍ରାଟ ସଦସ୍ୟ ଦାବି କରିଛନ୍ତି। ସୂଚନା ଅନୁଯାୟୀ ଗତ ଡିସେମ୍ବରରେ ଖାଲିଦଙ୍କ ମାତାପିତା ଆମେରିକା ଗସ୍ତରେ ଯାଇଥିଲେ। ସେ ମମଦାନୀଙ୍କ ସହ ଅନେକ ସମୟ ଅତିବାହିତ କରି ଜେଲ୍ ସ୍ଥିତି ଉପରେ ଆଲୋଚନା କରିଥିବା ଲାହିଡି କହିଛନ୍ତି। ଅନ୍ୟପକ୍ଷରେ ଉମରଙ୍କ ସପକ୍ଷରେ ବାହାରି ଥିବା ଆମେରିକା ସାଂସଦଙ୍କ ମଧ୍ୟରେ ଜାନିସ ସାଚକୋସକି ସାମିଲ ଅଛନ୍ତି। ତାଙ୍କୁ ନେଇ ବିଜେପି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନିଶାଣ କରିଛି। କାରଣ ୨୦୨୪ର ଆମେରିକା ଗସ୍ତ ସମୟରେ ରାହୁଲ ଜାନିସଙ୍କୁ ଭେଟିଥିଲେ।

### ଆତଙ୍କବାଦକୁ ନେଇ ଜୟଶଙ୍କରଙ୍କ ଚେତାବନୀ

## ଖରାପ ପଡ଼ୋଶୀଠାରୁ ନିଜର ସୁରକ୍ଷା ଭାରତର ଅଧିକାର



ନୂଆଦିଲ୍ଲୀ, ୨।୧(ଏଜେନ୍ସି): ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଆତଙ୍କବାଦକୁ ନେଇ ଭାରତର କଡ଼ା ଅଭିମୁଖ୍ୟକୁ ଦୋହରାଇଛନ୍ତି। ଆତଙ୍କବାଦଠାରୁ ନିଜର ନାଗରିକଙ୍କୁ ରକ୍ଷା କରିବା ଓ ସୁରକ୍ଷା ଦେବାର ଅଧିକାର ଭାରତର ରହିଛି। ପଡ଼ୋଶୀଙ୍କଠାରୁ ଦେଖା ଦେଇଥିବା ସୁରକ୍ଷା ଚ୍ୟାଲେଞ୍ଜ ମଧ୍ୟରେ ଏହି ଅଧିକାରକୁ କିପରି ବ୍ୟବହାର କରାଯିବ ସେ ନିଷ୍ପତ୍ତି ଭାରତ ନେବ ବୋଲି ଜୟଶଙ୍କର ଦୃଢୋକ୍ତି ପ୍ରକାଶ କରିଛନ୍ତି। ତାମିଲନାଡୁର ଆଇଆଇଟି ମାଡ୍ରାସ୍‌ରେ ଭାଷଣ ଦେବାବେଳେ ସେ ଏହି କଥା କହିଛନ୍ତି। ସାଧାରଣତଃ ପଡ଼ୋଶୀ ଦେଶମାନେ ଭଲ ହୋଇଥାନ୍ତି, କିନ୍ତୁ ଭାରତ କ୍ଷେତ୍ରରେ ଏହା ଓଲଟା। ଦୁର୍ଭାଗ୍ୟବଶତଃ ଆମର ପଡ଼ୋଶୀ ଦେଶମାନେ ଖରାପ ବୋଲି ସେ କହିଛନ୍ତି। ଯଦି କୌଣସି ଦେଶ ଜାଣିଶୁଣି କ୍ରମାଗତ ଭାବେ ବିନା ଅନୁଶୋଚନାରେ ଆତଙ୍କବାଦକୁ ପ୍ରୋତ୍ସାହନ ଦିଏ, ତେବେ ଭାରତ ତା'ର ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାର ଯଥାର୍ଥ ଅଧିକାର ରହିଛି। ଏହି ଅଧିକାରକୁ ଆମେ କିପରି ବ୍ୟବହାର କରିବୁ ତାହା ଆମ ଉପରେ ନିର୍ଭର କରେ। ଆମକୁ କ'ଣ କରିବାକୁ ହେବ ତାହା କେହି କହିପାରିବ ନାହିଁ। ଆତଙ୍କବାଦ ଭଲ ପଡୋଶୀ ସମ୍ପର୍କକୁ ନଷ୍ଟ କରିଥାଏ। ଭାରତର ପ୍ରାଚୀନ ସଭ୍ୟତା ହିଁ ଗଣତନ୍ତ୍ରକୁ ସଚେତନ ଭାବେ ଗ୍ରହଣ କରିବାରେ ସହାୟକ ହୋଇଛି। ଏହା ବିଶ୍ୱ ସମ୍ମୁଖରେ ଭାରତର ଚିନ୍ତାଧାରା, ସଂସ୍କୃତି ଓ ମୂଲ୍ୟବୋଧକୁ ଉପସ୍ଥାପନର ଦାୟିତ୍ୱ ବହନ କରେ। ଭାରତର ବୈଦେଶିକ ନୀତି ପାଶ୍ଚାତ୍ୟ ଦେଶଗୁଡିକ ସହ ସହଭାଗିତାକୁ ଗୁରୁତ୍ୱ ଦେଇଥାଏ। ଭାରତ 'ବସୁଧୈବ କୁଟୁମ୍ବକମ'ର ଦର୍ଶନ ସହିତ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି।

## ମଣିପୁର-ମିଜୋରାମରୁ ଇସ୍ରାଏଲ ଫେରିବେ ୫, ୮୦୦ ବନେଇ ମେନାଶ

ନୂଆଦିଲ୍ଲୀ, ୨।୧(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମଣିପୁର ଓ ମିଜୋରାମ୍‌ରେ ବସତି ସ୍ଥାପନ କରିଥିବା ବନେଇ ମେନାଶ ସମ୍ପ୍ରଦାୟର ପ୍ରାୟ ୫, ୮୦୦ ଇହୁଦୀଙ୍କୁ ଇସ୍ରାଏଲକୁ ଫେରିଯିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏ ନେଇ ଇସ୍ରାଏଲ କ୍ୟାବିନେଟ୍ ୨୫୦ କୋଟି ଟଙ୍କାର ଯୋଜନାକୁ ମଞ୍ଜୁରୀ ପ୍ରଦାନ ପରେ ପର୍ଯ୍ୟାୟକ୍ରମେ ଏମାନଙ୍କୁ ଇସ୍ରାଏଲ ସ୍ଥାନାନ୍ତର କରାଯିବ। ୨୦୨୬ ସୁଦ୍ଧା ୧, ୨୦୦ ସଦସ୍ୟଙ୍କୁ ଇସ୍ରାଏଲ ପଠାଯିବ। ୨୦୩୦ ସୁଦ୍ଧା ଏମାନଙ୍କର ସମ୍ପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ ସମାପ୍ତ ହେବ। ଭାରତର ଉତ୍ତରପୂର୍ବ ପାର୍ବତ୍ୟାଞ୍ଚଳରେ ଏହି ସମ୍ପ୍ରଦାୟର ଲୋକଙ୍କୁ ରହିବାକୁ ଦିଆଯାଇଥିଲା। ଖ୍ରୀଷ୍ଟିଆନଙ୍କ ପବିତ୍ର ଧର୍ମଗ୍ରନ୍ଥ ବାଇବେଲରେ ଉଲ୍ଲେଖଥିବା ୧୦ଟି ଜନଜାତି ମଧ୍ୟରୁ ଏହି ସମ୍ପ୍ରଦାୟ ଗୋଟିଏ ମେନାଶ ବଂଶଧର ବୋଲି ବିବେଚନା କରନ୍ତି। ୨୭୦୦ ବର୍ଷ ପୂର୍ବେ ଆସିରିଆନ ନିର୍ବାସନ ପରେ ସେମାନେ ପୂର୍ବଆଡକୁ ଚାଲିଯାଇଥିଲେ। ଶେଷରେ ଭାରତରେ ହିଁ ବସତି ସ୍ଥାପନ କରିଥିଲେ। ଇସ୍ରାଏଲ ସରକାରଙ୍କ ଦ୍ୱାରା ଏକ ନୂତନ ଯୋଜନା ମାଧ୍ୟମରେ ସେମାନଙ୍କ ଘର ଫେରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି।

## ଭିଜିଲାନ୍ସ ଜାଲରେ ଫରେଷ୍ଟର୍

ଭବାନୀପାଟଣା, ୨।୧(ସମିସ): ୫୫ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ରେଞ୍ଜର ପୂର୍ବତନ

**୫୫ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ**



ଫରେଷ୍ଟର୍ ଜୟ କୁମାର ଯୁଆଡ଼ଙ୍କୁ ଭିଜିଲାନ୍ସ ଗିରଫ କରିଛି। ୨୦୨୪-୨୫ ବର୍ଷରେ କାମ୍ପା ଏବଂ ସିଏ/ସିପିଏ ଯୋଜନାରେ ଆସିଥିବା ମୋଟ ୫୫,୦୪,୬୦୭ ସରକାରୀ ଅନୁଦାନ ସେ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଥୁଆମୂଳ ରେଞ୍ଜ୍‌ର ପୋଖରୀଗୁଡ଼ା ନଣ୍ଡା ପାହାଡ଼ରେ ୫୦ ହେକ୍ଟର, ଉପରଝାପିରେ ୫୦ ହେକ୍ଟର୍ ଏବଂ କୁମଜୋରରେ ୩୦ହେକ୍ଟର୍ ଜମିରେ ବୃକ୍ଷରୋପଣ ସ୍ଥଳରେ ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟରେ ମିଥ୍ୟା ମଷ୍ଟର୍‌ରୋଲ୍ ପ୍ରସ୍ତୁତ କରି ସେ ସରକାରୀ ପାଣ୍ଠିର ଅପବ୍ୟବହାର କରିଛନ୍ତି। ବର୍ତ୍ତମାନ ଶ୍ରୀ ଯୁଆଡ଼ ବିଶ୍ୱନାଥପୁର ରେଞ୍ଜର ମୂଷାନାଳ ସେକ୍ସନ୍ ହାତୀସ୍କ୍ୱାଡ୍ ଦାୟିତ୍ୱରେ ଅଛନ୍ତି। ଆଜି ଭିଜିଲାନ୍ସର ଏକ ଟିମ୍ ତାଙ୍କୁ ତାଙ୍କ କାର୍ଯ୍ୟାଳୟରୁ ଉଠାଇ ଆଣିଥିଲା। ଏନେଇ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

### ଭିଜିଲାନ୍ସ ବିଭାଗର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା

# ଓଡ଼ିଶା ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ହେବ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨।୧(ସମିସ): ଭିଜିଲାନ୍ସ ବିଭାଗ ୨୦୨୫ ମସିହାରେ ୧୭୩ଟି ଆୟବହିର୍ଭୁତ ସମ୍ପତ୍ତି ମାମଲା ସହ ମୋଟ ୪୮୮ଟି କେସ୍‌ର ଫଇସାଲା କରି ରେକଡର୍ ସୃଷ୍ଟି କରିଛି। ଏହା ସହ ୨୦୨୫ ଏପ୍ରିଲ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍‌ସକୁ ରେକଡର୍ ସଂଖ୍ୟକ ୧୨୫ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନରେ ଭିଜିଲାନ୍ସ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ତଦନ୍ତ, ଅନୁସନ୍ଧାନ ଓ ମାମଲାର ଫଇସାଲା ସଂକ୍ରାନ୍ତ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. ବି.ଜେଠୱା। ରାଜ୍ୟରେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ପାଥେୟ କରି ଭିଜିଲାନସ ଏକାଡେମୀ ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ଆଣିଛି। ଭିତ୍ତିଭୂମିର ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍‌ସ ଏକାଡେମୀକୁ ମିଳିଥିବା ଆଇଏସ୍‌ଓ ୯୦୦୧:୨୦୧୫ ସାର୍ଟିଫିକେଟ୍‌କୁ ଶ୍ରୀ ଜେଠୱା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପ୍ରଦର୍ଶନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିଜିଲାନ୍‌ସ ଏକାଡେମୀ ଓ ରାଜ୍ୟ ଭିଜିଲାନ୍‌ସ ବିଭାଗର ଉଚ୍ଚ ପ୍ରଶଂସା କରିଛନ୍ତି।

ସୂଚନା ଅନୁସାରେ ୨୦୨୫ ବର୍ଷରେ ସମୁଦାୟ ୪୮୭ଟି ସ୍ଥାନରେ ଭିଜିଲାନସ ଚଢାଉ କରି ଆୟବହିର୍ଭୁତ ସମ୍ପତ୍ତି, ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସରକାରୀ କର୍ମଚାରୀଙ୍କର ୧୧୯୯ଟି ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଛି। ୧୫୩ଟି ବିଲଡିଙ୍ଗ, ୧୮.୩ କିଲୋଗ୍ରାମର ସୁନା, ୪୧୭ଟି ପ୍ଲଟ, ୧୨ଟି ଫାର୍ମ ହାଉସ ଜବତ କରାଯାଇଛି। ଏଥିସହିତ ୩୬.୬୯ କୋଟି ଟଙ୍କା ଜମାରାଶି ଏବଂ ୮.୮ କୋଟି ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଓଡିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତି ମୁକ୍ତ କରିବା ପାଇଁ ସମୟ ଆସିଯାଇଛି। ତେଣୁ ଭିଜିଲାନ୍‌ସ ବିଭାଗ ତାର ଅଭିଯାନ ଜାରି ରଖୁ ବୋଲି ସେ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଏସିଏସ୍ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଭିଜିଲାନସ୍ ଅସିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦାୟିତ୍ୱ ଗ୍ରହଣ କଲେ ଦେଓରଞ୍ଜନ, ହେମନ୍ତ, ଶୁଭା

ଭୁବନେଶ୍ୱର,୨।୧(ସମିସ): ରାଜ୍ୟର ନୂଆ ଉନ୍ନୟନ କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇଏଏସ୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ। ସେହିପରି ଗୃହ ସଚିବ ଭାବେ ବରିଷ୍ଠ ଆଇଏଏସ ହେମନ୍ତ ଶର୍ମା ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ତାଙ୍କ ପାଇଁ ପ୍ରାଥମିକତା ବୋଲି ଦାୟିତ୍ୱଗ୍ରହଣ ଅବସରରେ ଶ୍ରୀ ଶର୍ମା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟରେ ପ୍ରତ୍ୟେକ ଜନ ସାଧାରଣ କେମିତି ନିରାପଦ ଏବଂ ସୁରକ୍ଷିତ ମନେ କରିବେ, ତାହା ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ଓଡ଼ିଶା ଏକ ଶାନ୍ତି ପ୍ରିୟ ରାଜ୍ୟ। ଥାନା ଏବଂ ଫାଣ୍ଡିରେ ଭିତ୍ତିଭୂମି ଉନ୍ନତି, ଖାଲିଥିବା ପଦବୀ ପୂରଣ ସହ ପୁଲିସକୁ ତୃଣମୂଳ ସ୍ତରରେ କିପରି ଅଧିକ ମଜଭୂତ କରାଯିବ ସେନେଇ ସେ ପ୍ରୟାସ କରିବେ ବୋଲି କହିଛନ୍ତି। ଅନୁରୂପ ଭାବରେ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମଧ୍ୟ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସକାଳେ ପ୍ରମୁଖ ଶ୍ରୀମତୀ ଶର୍ମା ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଶ୍ରୀମତୀ ଶର୍ମା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବୁଝି ସମସ୍ତଙ୍କୁ ବିଭାଗୀୟ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧିକାରୀମାନଙ୍କୁ ଜାନୁଆରୀ ମାସରେ କ୍ଷେତ୍ର ପରିଦର୍ଶନ ପାଇଁ ଯୋଜନା କରିବାକୁ ଶ୍ରୀମତୀ ଶର୍ମା କହିଛନ୍ତି। ବିଭିନ୍ନ ଯୋଜନାର ସୂକ୍ଷ୍ମସ୍ତରୀୟ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ସହ ଚଳିତ ଜାନୁଆରୀ ମାସରେ ବିଭାଗ ସଂଯୋଜନାରେ ରାଜ୍ୟ, ଜିଲ୍ଲା ଓ ଡିଭିଜନ ସ୍ତରରେ ପାଳନ ହେବାକୁ ଥିବା ପାଣି ପଞ୍ଚାୟତ ପକ୍ଷ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ସଫଳ ଆୟୋଜନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

### ସାମ୍ବାଦିକ ସମ୍ମିଳନୀରେ ବର୍ଷିଲା କଂଗ୍ରେସ

# ଉତ୍ତରପ୍ରଦେଶ ପରି ଓଡ଼ିଶାରେ ଅରାଜକତା

ଭୁବନେଶ୍ୱର,୨।୧(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ଉଦୟଗିରି ଠାରେ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ହେବ। ଏଥିପାଇଁ ମଝିପଡ଼ା ପାହାଡ ଅଞ୍ଚଳରେ

**ବୌଦ୍ଧ ସମ୍ମିଳନୀ ପାଇଁ ନୂଆବର୍ଷରେ ଘର ଭାଙ୍ଗିଲା ପ୍ରଶାସନ**

**ବଡ଼ଚଣା ମଝିପଡ଼ା ପାହାଡ଼ର ଆଦିବାସୀ ଏବେ ବାସହରା**

ଅସ୍ଥାୟୀ ଶିବିର ତିଆରି କରିବାପାଇଁ ସେଠାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଘର ବୁଲଡୋଜର ମାଧ୍ୟମରେ ଭାଙ୍ଗିଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଆଧାର କରି ଶୁକ୍ରବାର ରାଜ୍ୟ କଂଗ୍ରେସ ଓଡ଼ିଶା ସରକାରଙ୍କ ଆଦିବାସୀ ମାରଣ ନୀତିକୁ କଠୋର ସମାଲୋଚନା କରିବା ସହ ଯାହା ୟୁପିରେ ଘଟୁଥିଲା ତାହା ଏବେ ଓଡ଼ିଶାରେ ଘଟିଲାଣି ବୋଲି ଅଭିଯୋଗ କରିଛି।




କଂଗ୍ରେସ ଭବନାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଓ ପିସିସି ଆଦିବାସୀ ସେଲର ଅଧ୍ୟକ୍ଷ ଯଶୋବନ୍ତ ସିଂ ଲାଗୁରି କହିଛନ୍ତି ଯେ ଗତ କିଛି ମାସ ହେଲାଣି ବିଜେପି ସରକାର ଆସିବାପରେ ଆଦିବାସୀଙ୍କ ଜମି ଉପରେ ଲୋଲୁପଦୃଷ୍ଟି ପକାଇଛନ୍ତି। ମଝିପଡ଼ା ଗ୍ରାମାଞ୍ଚଳରେ ପ୍ରଶାସନ ଆଦିବାସୀଙ୍କ ଘରଭଙ୍ଗା ସହିତ ଗଛକାଟିଛନ୍ତି। ଯଦି ସମ୍ମିଳନୀର ଅସ୍ଥାୟୀ ଶିବିର ପାଇଁ ଜମି ଦରକାର ଥିଲା ଅନ୍ୟ ସ୍ଥାନରେ ମଧ୍ୟ ସରକାରୀ ଜମି ନିଆଯାଇପାରିଥାନ୍ତା; କିନ୍ତୁ ଆଦିବାସୀ ବିରୋଧୀ ସରକାର ଆଦିବାସୀଙ୍କ ଘର ଭାଙ୍ଗି ଗଛ କାଟି ଶିବିର ସ୍ଥାପନ କରିବା କେତେ ନ୍ୟାୟ ସଂଗତ ବୋଲି ସେ ପ୍ରଶ୍ନ କରିଛନ୍ତି। ନୂଆବର୍ଷ ଦିନ ସେମାନଙ୍କ ଘର ଭାଙ୍ଗିଦିଆଗଲା। ଏଥିପାଇଁ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ କହିଛନ୍ତି ଯେ ଓଡ଼ିଶା ଜଗନ୍ନାଥଙ୍କ ଦେଶ। ଶବର ଜନଜାତି ହେଉଛନ୍ତି ଜଗନ୍ନାଥଙ୍କ ନିଜ ଲୋକ। ଓଡ଼ିଶା ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର ନୂଆବର୍ଷ ଦିନ ଆଦିବାସୀ ଶବରଙ୍କ ଘର ଭାଙ୍ଗିଦେଲା। ଯାଜପୁର ଜିଲ୍ଲାପାଳ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁ ନାହାନ୍ତି। ଆଦିବାସୀଙ୍କ ଥଇଥାନ ବିଷୟରେ ମଧ୍ୟ ପାଟି ଖୋଲିପାରୁ ନାହାନ୍ତି। ଅସ୍ଥାୟୀ ଶିବିର ସ୍ଥାପନ ପାଇଁ ବିଜେପି ଗୁଣ୍ଡାଗିରି କରୁଛି। ବିଜେପିର ଗୁଣ୍ଡାମାନେ ଘର ଭାଙ୍ଗୁଛନ୍ତି। ଉତ୍ତର ପ୍ରଦେଶରେ ଯାହା ଘଟୁଛି ତାହା ଏବେ ଓଡ଼ିଶାରେ ଘଟିଲାଣି ବୋଲି ଶ୍ରୀ ଦେଓ କହିଛନ୍ତି। ଓଡ଼ିଶାରେ ମଧ୍ୟ ବୁଲଡୋଜର ଶାସନ ଆରମ୍ଭ ହୋଇଛି। ଆଦିବାସୀ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ କେବଳ ଲୋକଦେଖାଣିଆ ଭାବରେ ପ୍ରତୀକ ହିସାବରେ ସ୍ଥାପନ କରାଯାଇଛି ଏବଂ ଆଦିବାସୀ ଉତ୍ପୀଡ଼ନ ଚାଲିଛି କହି ସରକାରଙ୍କ ଉପରେ ବର୍ଷିଛନ୍ତି।

## ଶଶୁରଙ୍କ ଶବ ସତ୍କାର ବେଳେ ଟଳିପଡ଼ିଲେ ଜ୍ୱାଇଁ

ଖଲ୍ଲିକୋଟ,୨।୧(ସମିସ): ଶ୍ମଶାନରେ ଶଶୁରଙ୍କ ଶବ ସତ୍କାର କରୁଥିବା ବେଳେ ଟଳିପଡ଼ିଲେ ଜ୍ୱାଇଁ। ଏଭଳି ଦୁଃଖଦ ଘଟଣା ଖଲ୍ଲିକୋଟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତକ ହେଲେ, ଖଲ୍ଲିକୋଟ ଧରାକୋଟ ସାହିର ଜଗନ୍ନାଥ ବେହେରା। ସୂଚନା ଅନୁଯାୟୀ, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବିକ୍ରମପୁର ଗ୍ରାମର ସୁବାସ ପାହାନଙ୍କ ଗୁରୁବାର ସକାଳୁ ମୃତ୍ୟୁ ଘଟିଥିଲା। ଶଶୁରଙ୍କ ପରଲୋକ ଖବର ପାଇ ଜ୍ୱାଇଁ ଖଲ୍ଲିକୋଟ ଧରାକୋଟ ସାହିର ଜଗନ୍ନାଥ ବେହେରା ଶଶୁର ଘରେ ପହଞ୍ଚିଥିଲେ। ସାହି ପଡ଼ିଶା ଓ ସମ୍ପର୍କୀୟମାନେ ଅନ୍ତିମ ସଂସ୍କାର ପାଇଁ ସୁବାସଙ୍କ ମରଶରୀରକୁ ଅପରାହ୍ଣରେ ଗାଁ ଶ୍ମଶାନକୁ ନେଇଥିଲେ। ସାଥିରେ ଜଗନ୍ନାଥ ବି ଯାଇଥିଲେ। ଶ୍ମଶାନରେ ଶଶୁରଙ୍କ ଶବ ସତ୍କାର ଚାଲିଥିବା ବେଳେ ହଠାତ ଜଗନ୍ନାଥ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ସେହିଠାରେ ହିଁ ଟଳି ପଡ଼ିଥିଲେ। ସମ୍ପର୍କୀୟମାନେ ତୁରନ୍ତ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶୁକ୍ରବାର ସକାଳୁ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୨୬) ରୁଜୁ ହୋଇଛି।

## ବାଘ ଛାଲ, ସମ୍ବର ଶିଙ୍ଗ ଜବତ; ୬ ଗିରଫ

ନୂଆପଡା/ଖଡ଼ିଆଳ,୨।୧(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନ ବିଭାଗ ଗୋଟିଏ କଲରାପତରିଆ ବାଘଛାଲ ଓ ଦୁଇଟି ସମ୍ବର ଶିଙ୍ଘ ଜବତ କରିବା ସହ ୬ ଶିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



ସୂଚନାନୁଯାୟୀ, ଗୁରୁବାର ନୂଆପଡ଼ା ରେଞ୍ଜ ଅଞ୍ଚଳର ପାତାଳଘୁଟକୁରି ଗ୍ରାମର ମହେଶ ସାହୁ (୬୨) ଓ ତାଙ୍କ ପୁଅ ଗଜାନନ ସାହୁ (୨୬) କଲରାପତରିଆ ବାଘ ଛାଲ ରଖିଥିବା ଅଭିଯୋଗରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ଶୁକ୍ରବାର ଖଡ଼ିଆଳ ରେଞ୍ଜ ଅନ୍ତର୍ଗତ ବୋଡେନ ସେକ୍ସନର ଚାରିଜଣ ବ୍ୟକ୍ତି ଗୋଟିଏ ବାଘ ଛାଲ ଓ ଦୁଇଟି ସମ୍ବର ଶିଙ୍ଗ ରଖି ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ବନ ବିଭାଗ ମାଡ଼ି ବସିଥିଲା। ଏହି ଘଟଣାରେ ବୋଡେନ ଥାନା ଅନ୍ତର୍ଗତ ଦିନେଶ ମାଝି (୬୨), ସୁକୁରାମ ଚିନ୍ଦା (୪୫), ପୂର୍ଣ୍ଣଚନ୍ଦ୍ର ମାଝି (୪୬) ଓ ମଧୁସୂଦନ ମାଝି (୫୫)ଙ୍କୁ ବନବିଭାଗ ଗିରଫ କରିଛି। ସମସ୍ତେ ବୋଡେନ ଥାନା ଅନ୍ତର୍ଗତ ସରାଧାରପୁର ଗ୍ରାମର ବୋଲି ଜଣାଯାଇଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ସଂପୃକ୍ତ ଦୁଇଜଣ ଅଭିଯୁକ୍ତ ଫେରାର୍ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

### କାଳ ସାଜୁଛି କୁହୁଡ଼ି

## ଚିଲିକା ଜଳଯାତ୍ରାରେ କଟକଣା



କୃଷ୍ଣପ୍ରସାଦ, ୨।୧(ସମିସ): କୁହୁଡ଼ି ପାଇଁ ଚିଲିକାରେ ଡଙ୍ଗା ଚଳାଚଳକୁ ନେଇ କଟକଣା ଲଗାଯାଇଛି। ଗତକାଲିର ଅଘଟଣ ପରେ ପୁରୀ ଜିଲ୍ଲାପାଳଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଦିନ ୧୧ଟା ପର୍ଯ୍ୟନ୍ତ ଚିଲିକାରେ ବୋଟ୍, ଛୋଟ ମଟର, ମାଲବାହୀ ଡଙ୍ଗା ଓ ଭସାପୋଲ ଚଳାଚଳରେ କଟକଣା ଲଗାଇଛନ୍ତି ଜିଲ୍ଲାପାଳ। ପ୍ରବଳ କୁହୁଡ଼ିରେ ଚିଲିକା ଅଞ୍ଚଳରେ ଦୃଶ୍ୟମାନତା କମୁଥିବାରୁ ଏଭଳି ଦୃଢ଼ ପଦକ୍ଷେପ ନେଇଛି ଜିଲ୍ଲା ପ୍ରଶାସନ। ଘନ କୁହୁଡ଼ି ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ପୁରୀ ଜିଲ୍ଲାପାଳ। ଘନ କୁହୁଡ଼ି ସମୟରେ କୌଣସି ବି ପରିବହନ ଯେପରି ନ ହୁଏ, ତାକୁ ନଜର ରଖିବେ ପୁଲିସ ଓ ସ୍ଥାନୀୟ ପ୍ରଶାସନ। ଏନେଇ ସ୍ଥାନୀୟ ଲୋକଙ୍କୁ ଡାକ ବାଜି ଯନ୍ତ୍ର ଦ୍ୱାରା ସଚେତନ କରାଇବେ ସ୍ଥାନୀୟ ବିଡିଓ। ନିର୍ଦ୍ଦେଶ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି।

**ଦିନ ୧୧ଟା ପର୍ଯ୍ୟନ୍ତ ସବୁ ବନ୍ଦ**

ସୂଚନାଯୋଗ୍ୟ, ଗତକାଲି କୁହୁଡ଼ି ଯୋଗୁଁ ଭସାପୋଲ ଚିଲିକା ମଝିରେ ଫସିଥିଲା ଏବଂ ସେଥିରୁ ଖସି ପଡ଼ି ଜଣେ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଥିଲା। ଆଜି ଛାତ୍ରଛାତ୍ରୀଙ୍କ ପରୀକ୍ଷା ଥିବା ବେଳେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଶିକ୍ଷକମାନେ ଚିଲିକା କୂଳର ସାତପଡ଼ା ଏବଂ ଜହ୍ନିକୁଦରେ ନିଜ କାର୍ଯ୍ୟ କ୍ଷେତ୍ରକୁ ଯିବା ପାଇଁ ମଧ୍ୟ ସମସ୍ୟାରେ ପଡ଼ିଛନ୍ତି। ଜିଲ୍ଲା ସଦର ମହକୁମାକୁ ଯିବାକୁ ଆସିଥିବା ବହୁ ଯାତ୍ରୀ ଅଟକି ରହିଥିଲେ।

## ୪୦ ସହଯୋଗୀଙ୍କ ସହ ଆତ୍ମସମର୍ପଣ କରିବେ ୫୦ ଲକ୍ଷର ଇନାମୀ ମାଓନେତା ବାରସେ

ମାଲକାନଗିରି, ୨।୧ (ସମିସ): ମାଓବାଦୀଙ୍କ ସବୁଠାରୁ ଘାତକ ବାଟାଲିୟନ ନମ୍ବର ୧ର କମାଣ୍ଡର ବାରସେ ଦେବା ଓରଫ ସୁକ୍କା ତାଙ୍କର ୪୦ ଜଣ ସହଯୋଗୀଙ୍କ ସହ ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିବେ। ବାରସେ ଦେବା ଏବଂ ତାଙ୍କ ସହଯୋଗୀମାନେ ଛତିଶଗଡର ଜାତୀୟ ଉଦ୍ୟାନ ଅଞ୍ଚଳ ଛାଡି ତେଲଙ୍ଗାନାରେ ପହଞ୍ଚିଛନ୍ତି। ଜଙ୍ଗଲରୁ ସୁରକ୍ଷିତ ସ୍ଥାନାନ୍ତର ସୁନିଶ୍ଚିତ କରିବା ପାଇଁ ସୁକମା ଏବଂ ତେଲଙ୍ଗାନା ସିମା ମଧ୍ୟରେ ସେମାନଙ୍କ ପାଇଁ ଏକ ସୁରକ୍ଷିତ କରିଡର ପ୍ରତିଷ୍ଠା କରାଯାଇଥିଲା। ଏହି ମାଓବାଦୀମାନେ ତେଲଙ୍ଗନାରେ ପହଞ୍ଚି ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ସମ୍ମୁଖରେ ଆତ୍ମ ସମର୍ପଣ କରିବେ ବୋଲି ଜଣାପଡିଛି। ତେଲଙ୍ଗାନା ପୁଲିସ ଆଗାମୀ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ବାରସେ ଦେବା ଏବଂ ଅନ୍ୟ ମାଓବାଦୀଙ୍କୁ ଆନୁଷ୍ଠାନିକ ଭାବରେ ଆତ୍ମସମର୍ପଣ କରିବା ନେଇ ସୂଚନା ଦେବେ ବୋଲି ଜଣାପଡିଛି।



ବାରସେ ଦେବା ଛତିଶଗଡ଼ର ସବୁଠାରୁ ୱାଣ୍ଟେଡ୍ ନକ୍ସଲମାନଙ୍କ ମଧ୍ୟରୁ ଜଣେ ଥିଲେ। ତାଙ୍କ ଗିରଫ ପାଇଁ ୫୦ ଲକ୍ଷ ପୁରସ୍କାର ଘୋଷଣା କରାଯାଇଥିଲା। ବାରସେ ନିହତ ଶୀର୍ଷ କମାଣ୍ଡର ହିଡମାଙ୍କ ଜଣେ ଘନିଷ୍ଠ ସହଯୋଗୀ। ହିଡମାଙ୍କ ମୃତ୍ୟୁ ପରେ ସେ ବାଟାଲିୟନ ନମ୍ବର ୧କୁ କମାଣ୍ଡ କରୁଥିଲେ।

### ବଣଭୋଜି ବେଳେ ମଦ ବୋତଲରେ ଆକ୍ରମଣ ଘଟଣା

## ଚିକିତ୍ସାଧୀନ ଯୁବକ ମୃତ

ନୟାହାଟ,୨।୧(ସମିସ): ଗତକାଲି କାକଟପୁର ଥାନା ଅନ୍ତର୍ଗତ ରାମେଶ୍ୱର ଜଙ୍ଗଲରେ ବଣଭୋଜି କରୁଥିବା ବେଳେ ଗଣ୍ଡଗୋଳ ଘଟି ଜଣେ ଯୁବକ ଗୁରୁତର ହୋଇଥିଲେ। ତାଙ୍କ ବେକରେ ଅନ୍ୟ ଏକ ଗୋଷ୍ଠୀର ଜଣେ ଯୁବକ ଭଙ୍ଗା ମଦ ବୋତଲ ଭର୍ତ୍ତି କରିଦେଇଥିଲେ। ସେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଆଜି ସେ ପ୍ରାଣ ହରାଇଥିବା ଜଣାପଡ଼ିଛି। ମୃତକ ହେଲେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମର ପିଣ୍ଟୁ ରାଉତ (୨୭)। ପିଣ୍ଟୁ ନୂଆବର୍ଷରେ ସାଙ୍ଗମାନଙ୍କ ସହ ରାମେଶ୍ୱର ଜଙ୍ଗଲକୁ ଭୋଜି କରିବାକୁ ଯାଇଥିଲେ। ସେଠାରେ ନୟାହାଟ ଅଞ୍ଚଳ ଶିଙ୍ଗପାନିଆଁ ଗ୍ରାମର ପୁପୁଲୁ ନାୟକ ଓ ଧୂମାଳ ଗ୍ରାମର ମୁନୁ ମିଶ୍ର ମଧ୍ୟ ତାଙ୍କ ସାଙ୍ଗମାନଙ୍କ ସହ ଭୋଜି କରୁଥିଲେ। ଏହି ସମୟରେ ମୁରୁଡ଼ା ଗ୍ରାମର ପିଲା ଶିଙ୍ଗପାନିଆ ଗ୍ରାମର ପିଲାଙ୍କୁ କିଛି ଖଲିପତ୍ର ମାଗିବାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ନିଶାରେ ଥିବା ଯୁବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ପିଣ୍ଟୁ ରାଉତଙ୍କୁ ଅପରପକ୍ଷର ପିଲା ଭଙ୍ଗା ମଦ ବୋତଲରେ ଆକ୍ରମଣ କରିଥିଲେ। ପିଣ୍ଟୁଙ୍କ ବେକରେ ବୋତଲ ପଶିଯିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଚାରିଛକ ଓ ପରେ ଭୁବନେଶ୍ୱରର ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ପିଣ୍ଟୁଙ୍କର ଆଜି ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ କାକଟପୁର ଥାନା ପୁଲିସ ନମ୍ବର ୧/୨୬ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ କରିଥିବା ବେଳେ ଦୁଇଜଣଙ୍କୁ ପୁଲିସ ଅଟକ ରଖିଥିଲା। କାକଟପୁର ଆଇଆଇସି ବସନ୍ତ କୁମାର ସାହୁ ଘଟଣାର ତଦନ୍ତ କରୁଛନ୍ତି। ପିଣ୍ଟୁ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ତାଙ୍କ ଘର ସମେତ ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

# ରାଜଧାନୀରେ ନିର୍ମାଣ ହେବ ମଡର୍ଣ୍ଣ ମ୍ୟୁଜିୟମ୍

ଭୁବନେଶ୍ୱର, ୨।୧(ସମିସ): ନୂଆଦିଲ୍ଲୀରେ ରହିଥିବା ପ୍ରଧାନମନ୍ତ୍ରୀ ମ୍ୟୁଜିୟମ୍ ଭଳି ରାଜଧାନୀରେ ନିର୍ମାଣ ହେବ ମଡର୍ଣ୍ଣ ମ୍ୟୁଜିୟମ୍। ଖଣ୍ଡଗିରିରେ ୧୫ ଏକର ପରିମିତି ଜାଗାରେ ନିର୍ମିତ ହେବାକୁ ଥିବା ଏହି ନୂଆ ସଂଗ୍ରହାଳୟ ପର୍ଯ୍ୟଟକଙ୍କ ଡେଷ୍ଟିନେସନ୍ ପାଲଟିବ। ଖଣ୍ଡଗିରି, ଉଦୟଗିରି, ଧଉଳି ଭଳି ଏହି ମ୍ୟୁଜିୟମ ରାଜ୍ୟ ଏବଂ ଦେଶ ବାହାରର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବ। ଏହି ବଡ଼ ସଂଗ୍ରହାଳୟ ନିର୍ମାଣ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଥିବା ବେଳେ ଏଥିପାଇଁ ଜାଗା ଯୋଗାଇଦେବେ ଖୋର୍ଦ୍ଧା ଜିଲ୍ଲାପାଳ। ଏଥିପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ହୋଇଥିବା ସୂଚନା ରହିଛି। ତେବେ ଚଳିତ ୨୦୨୬ରେ ଏହି ସଂଗ୍ରହାଳୟର କାମ ଆରମ୍ଭ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

ସୂଚନାନୁସାରେ, ବିହାରରେ ରହିଥିବା ଏକ ପୁରୁଣା ମ୍ୟୁଜିୟମକୁ ଯେଉଁଭଳି ମର୍ଡିଫିକେସନ୍

- **୧୫ ଏକର ଜାଗା ଦେବେ ଖୋର୍ଦ୍ଧା ଜିଲ୍ଲାପାଳ**
- **ସ୍ଥାନୀତ ହେବ ପ୍ରାଚୀନରୁ ଆଧୁନିକ ଓଡ଼ିଶାର କାହାଣୀ**

କରାଯାଇଛି,ଠିକ୍ ସେହିପରି ଓଡ଼ିଶାରେ ଏହି ନୂତନ ସଂଗ୍ରହାଳୟ ନିର୍ମାଣ କରାଯିବ। ସଂଗ୍ରହାଳୟରେ ପ୍ରାଚୀନ ଓଡ଼ିଶାରୁ ଆରମ୍ଭ କରି ଆଧୁନିକ ଓଡ଼ିଶାର ଟିକନିଖି କାହାଣୀ ଓ ତଥ୍ୟ ସ୍ଥାନ ପାଇବ। ଏଥିପାଇଁ କ୍ୟୁଆର କୋଡ୍ ମଧ୍ୟ ରହିବ। ଯେଉଁମାନେ କୌଣସି ବିଷୟରେ ଜାଣିବାକୁ ଚାହିଁବେ, କ୍ୟୁଆର କୋଡ୍ ସ୍କାନ କରିବା ପରେ ସମସ୍ତ ତଥ୍ୟ ଉଭୟ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ପାଇ ପାରିବେ। ଯଦିଓ ଏଯାଏ ଏହି ସଂଗ୍ରହାଳୟର ରୂପରେଖ ପ୍ରସ୍ତୁତ ହୋଇନାହିଁ; ଖୁବ୍‌ଶୀଘ୍ର ଏଥିପାଇଁ ବିଶିଷ୍ଟ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ସଂସ୍କୃତି ଗବେଷକ ପ୍ରମୁଖଙ୍କ ସହ ଆଲୋଚନା କରାଯିବ। ପରେ ଟେଣ୍ଡର୍ କରାଯାଇ କାମ ଆରମ୍ଭ ହେବ।

ଏ ସଂପର୍କରେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ କହିଛନ୍ତି ଯେ ଏହି ମ୍ୟୁଜିୟମ୍ ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଯେଉଁମାନେ ଓଡ଼ିଶା ଏବଂ ଭୁବନେଶ୍ୱର ବୁଲିବାକୁ ଆସିବେ, ସେମାନେ ଏହି ମ୍ୟୁଜିୟମ୍‌କୁ ନ ବୁଲି ଫେରିବେନି। ଏଥିପାଇଁ ଗ୍ଲୋବାଲ ଟେଣ୍ଡର୍ କରାଯିବ। ଏଠାରେ ପ୍ରତିଦିନ ବିଭିନ୍ନ କାର୍ଯ୍ୟକଳାପ ସାଙ୍ଗକୁ ଫୁଡକୋଟ୍‌ର ସୁବିଧା ରହିବ। ସେହିପରି ବଡ଼ କନଫରେନ୍ସ ହଲ୍ ରହିବ, ଯେଉଁଠାରେ ଓଡ଼ିଶାର ବୌଦ୍ଧ ଇତିହାସ, ଜଗନ୍ନାଥ ଇତିହାସ, ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗବେଷକମାନେ ଆଲୋଚନା କରିବେ। ନୂଆଦିଲ୍ଲୀର ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଭଳି ଏହି ସଂଗ୍ରହାଳୟକୁ କରାଯିବାର ଯୋଜନା ରହିଛି। ଆଗାମୀ ଦିନରେ ଏଥିପାଇଁ ବଜେଟ୍ ଓ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

## ଡାଳ ପଡ଼ି ପରିବା ବ୍ୟବସାୟୀ ମୃତ

ଟିକିରି,୨।୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ସାପ୍ତାହିକ ହାଟରେ ଏକ ଅଘଟଣ ଘଟିଛି। ଶୁଖିଲା ଗଛ ଡାଳ ପଡ଼ି ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ଫୁଲଜବା ଗ୍ରାମର ଉଗ୍ରେସର ମାଝୀ(୫୦)। ଶୁକ୍ରବାର ସାପ୍ତାହିକ ହାଟରେ ପରିବା ବିକ୍ରି କରି ଘରକୁ ଫେରିବା ପାଇଁ ଉଗ୍ରେସର ବାହାରିବା ସମୟରେ ହଠାତ୍ ଏକ ଶୁଖିଲା ଡାଳ ତାଙ୍କ ଉପରେ ପଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ଟିକିରିଠାରୁ ଡଙ୍ଗାସିଲ ରାସ୍ତା ଅବରୋଧ କରିଛନ୍ତି।



ସୂଚନାନୁଯାୟୀ, ଗତ ଅକ୍ଟୋବର ୭ ତାରିଖ ଦିନ ଏହି ଗଛର କିଛି ଅଂଶ ରାସ୍ତା ଉପରେ ପଡ଼ିଥିଲା। ସୌଭାଗ୍ୟକୁ ସେଥିରେ କାହାର କିଛି କ୍ଷତି ହୋଇନଥିଲା। ଏ ସଂପର୍କରେ ସେତେବେଳେ ଟିକିରି ବନ ବିଭାଗକୁ ଅବଗତ କରାଯାଇଥିଲା ବୋଲି ବିଧାୟକ ପ୍ରତିନିଧି ଜିଲୁରୁ ମାଝୀ କହିଛନ୍ତି। ଟିକିରିର ବିଭିନ୍ନ ସ୍ଥାନରେ ବିପଦସଂକୁଳ ଭାବେ ଶୁଖିଲା ଗଛ ରହିଥିବା ବେଳେ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ବନ ବିଭାଗ କିମ୍ବା ପ୍ରଶାସନର ନଜର ପଡୁନାହିଁ।

## ଯୁକ୍ତ ୨ ମାର୍କ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୧ (ସମିସ): ଯୁକ୍ତ ୨ର ଇଣ୍ଟରନାଲ ଆସେସ୍‌ମେଣ୍ଟ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ମାର୍କ ସାମ୍ସ ପୋର୍ଟାଲରେ ଅପ୍‌ଲୋଡ୍ ହେବ। ଜାନୁଆରୀ ୫ରୁ ୨୫ ତାରିଖ ଭିତରେ ଏଥିପାଇଁ ଲିଙ୍କ ଉପଲବ୍ଧ ହେବ। ଏହି ସମୟ ମଧ୍ୟରେ ମାର୍କ ଅପଲୋଡ୍ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଏବଂ ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦିଆଯାଇଛି। ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ ଏସବୁ ପରୀକ୍ଷା ଡିସେମ୍ବର ୩୧ତାରିଖ ସୁଦ୍ଧା ଶେଷ ହୋଇଛି। ଆଜିଠାରୁ ଜାନୁଆରୀ ୧୫ ମଧ୍ୟରେ ପ୍ରାକ୍ଟିକାଲ ପରୀକ୍ଷା ଶେଷ ହେବ। ଏଣୁ ନିର୍ଦ୍ଧାରିତ ସମୟରେ ଏକକାଳୀନ ସମସ୍ତ ଛାତ୍ରଛାତ୍ରୀଙ୍କ ଇଣ୍ଟରନାଲ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ରେଜଲ୍ଟ ଅପଲୋଡ୍ କରିବା ଆବଶ୍ୟକ। ନ ହେଲେ ତ୍ରୁଟି ହେବାର ସମ୍ଭାବନା ରହିଛି ବୋଲି ପରିଷଦ ପକ୍ଷରୁ ସତର୍କ କରାଯାଇଛି।

### ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ବୈଠକ

# ଜାନୁଆରୀ ୧୮ ରେ ବାର୍ଷିକ ସାଧାରଣ ସଭା ନିଷ୍ପତ୍ତି

ଅନୁଗୋଳ,୨ ।୧(ସମିସ)



ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ସେବା, ପ୍ରଦୂଷଣ ଭଳି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ଚଳାଇଥିବା ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଛି। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଆବାହକ ରବୀନ୍ଦ୍ର ପ୍ରସାଦ ପନାୟକ, ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ଦାମୋଦର ଦାସ, ତୀର୍ଥବାସୀ ଭୋଇ, ତ୍ରେତାନନ୍ଦ ସାମନ୍ତ, ନିରୋଦ ଚନ୍ଦ୍ର ପାଳ, ପଠାଣୀ ବାରିହା, ମାନସ ପାଳ, ତ୍ରିଲୋଚନ ଜେନା, ଅଶୋକ କୁମାର ପ୍ରଧାନ, ନବକିଶୋର ପ୍ରଧାନ, ପ୍ରଦୀପ କୁମାର ମାଝୀ, ନିରୁପମା ପ୍ରଧାନ ପ୍ରମୁଖ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା, ଟ୍ରମା କେୟାର ସେଣ୍ଟର, ଆଇସିୟୁ ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ କରିବା, ସପ୍ତାହକୁ ଥରେ ଆସୁଥିବା ସୁପର ସ୍ପେଶିଆଲିଷ୍ଟ ଡାକ୍ତରମାନଙ୍କୁ ନିୟମିତ ନିଯୁକ୍ତି ଦେଇ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଧାଡ଼ି ଯନ୍ତ୍ରଣାରୁ ମୁକ୍ତି ପାଇଁ ଅନଲାଇନ ଟିକଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ପ୍ରଦୂଷଣର ବିଷ ବଳୟରେ ଜର୍ଜରିତ ଜିଲ୍ଲାବାସୀଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା, ଜନସ୍ୱାର୍ଥ ବିରୋଧୀ ସ୍ମାର୍ଟ ମିଟର ସ୍ଥାପନ ଓ ଅତିରିକ୍ତ ସୁରକ୍ଷା ଜମା ଆଦାୟ ତୁରନ୍ତ ବନ୍ଦ କରିବା, ଶିଳ୍ପ, କୋଇଲା ଖଣି ପ୍ରଦୂଷଣକୁ ବୈଜ୍ଞାନିକ ପଦ୍ଧତିରେ ନିୟନ୍ତ୍ରଣ କରିବା ପ୍ରଭୃତି ଦାବିରେ ଜିଲ୍ଲାବ୍ୟାପୀ ଜନଆନ୍ଦୋଳନ ଗଢ଼ି ତୋଳିବା ଉପରେ ମତବ୍ୟକ୍ତ କରିଥିଲେ। ଆସନ୍ତା ଜାନୁଆରୀ ୧୮ ରେ ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ଜନ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରାଯିବା ସହ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କମିଟି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ବ୍ରାଉନସୁଗର ଜବତ; ମାଆ, ପୁଅ ଗିରଫ

ଅନୁଗୋଳ,୨ ।୧(ସମିସ): ମା' ଓ ପୁଅ ମିଶି ବ୍ରାଉନସୁଗର ବେପାର କରୁଥିବା ବେଳେ ଉଭୟଙ୍କୁ କାବୁ କରିଛି ପୁଲିସ। ଅନୁଗୋଳ ଟାଉନ ଥାନା ଅମଲାପଡ଼ା କେନାଲ ନିକଟ ସରକାରୀ ଆଶ୍ରୟସ୍ଥଳୀ ସମ୍ମୁଖରେ ଶୁକ୍ରବାର ଦ୍ୱିପ୍ରହର ସମୟରେ କୁରେସା ବିବି ଏବଂ ତାଙ୍କ ପୁଅ ବ୍ରାଉନସୁଗାର ବେପାର କରୁଥିବା ପୁଲିସ ଖବର ପାଇଥିଲା। ପୁଲିସ, ଅନୁଗୋଳ ଅତିରିକ୍ତ ତହସିଲଦାର ଶ୍ରୀପାଲି ଭରଦ୍ୱାଜ, ସଦର ଆରଆଇ ମଛିନ୍ଦ୍ର ମୈତ୍ରୀରଞ୍ଜନ ସାହୁ, ଜୁନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟ ଦୀନେଶ କୁମାର ମାଝୀ ଅତର୍କିତ ଚଢ଼ଉ କରି ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନଙ୍କଠାରୁ ୬ ଗ୍ରାମ ବ୍ରାଉନସୁଗର, ୩୪ ହଜାର ଟଙ୍କା, ଦୁଇଟି ଫୋନ, ଲାଇଟର, ଟିଟ୍ ପେପର ସହ ଏକ ବାଇକ୍ ଜବତ କରାଯାଇଛି।

## ଆଇନଜୀବୀଙ୍କ ଦେହାନ୍ତରେ ଓକିଲ ସଂଘର ଶୋକ



ଆଠମଲ୍ଲିକ,୨ ।୧(ସମିସ): ଆଠମଲ୍ଲିକ ଓକିଲସଂଘର ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନ (୬୮)ଙ୍କର ଗତ ୧ ତାରିଖ ଗୁରୁବାର ନୂଆବର୍ଷ ଦିନ ଦେହାନ୍ତ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ପଞ୍ଚାୟତ ତେନ୍ତୁଳିପଦର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଆଇନ ପେସାରେ ୧୯୯୫ରୁ ଯୋଗଦେଇଥିଲେ। ଜଣେ ଉତ୍ତମ ଆଇନଜୀବୀ ଭାବେ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଥିଲେ। କିଛିବର୍ଷ ହେଲା ସେ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହାନ୍ତରେ ଶୁକ୍ରବାର ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନାରାୟଣଙ୍କ ଦେହାନ୍ତରେ ପୂର୍ବତନ ସାଂସଦ ଅମରନାଥ ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି।

### ● ମା' ବାଟବାୟାଣୀ କ୍ରିକେଟ୍

## ରାଣୀଭୂଇଁକୁ ହରାଇ ବଏଜା ଚାମ୍ପିଅନ



କିଶୋରନଗର,୨ ।୧(ସମିସ): କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ଉରୁକୁଳା ପଡ଼ିଆରେ ମା' ବାଟ ବାୟାଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଶୁକ୍ରବାର ଫାଇନାଲ ମ୍ୟାଚରେ ରାଣୀଭୂଇଁକୁ ହରାଇ ବଏଜା କ୍ରିକେଟ କ୍ଲବ ଚାମ୍ପିଅନ ହୋଇଛି। ବଏଜା କ୍ଲବ ଟସ୍ ଜିତି ବ୍ୟାଟିଂ କରିଥିଲା। ୮ ଓଭରରେ ଦଳ ୬ ଉଇକେଟ ହରାଇ ୮୭ରନ କରିଥିଲା। ରାଣୀଭୂଇଁ ଦଳ ୮ ଓଭରରେ ୯ ଉଇକେଟ ହରାଇ ୪୧ ରନ କରିବାକୁ ସକ୍ଷମ ହୋଇଥିଲା। ମୁଖ୍ୟଅତିଥି ଭାବେ କରୁଣାକର ପ୍ରଧାନ, ସାମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବଂଶୀଧର ସେଠୀ, ନିର୍ମଳ ବାରିକ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରଥିଲେ। ମା' ବାଟବାୟାଣୀ କ୍ରିକେଟ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

### ଟେମ୍ପୁ-ଟ୍ୟାକ୍ସି ଷ୍ଟାଣ୍ଡ ପକ୍ଷରୁ ନିଆରା ଢଙ୍ଗରେ ନୂଆବର୍ଷ ପାଳନ

## ମେଡିକାଲରେ ରୋଗୀଙ୍କୁ କ୍ଷୀର, ପାଉଁରୁଟି ବଣ୍ଟନ



ତାଳଚେର,୨ ।୧(ସମିସ): ତାଳଚେର ଚିତ୍ରକୂଟ ଟେମ୍ପୁ-ଟ୍ୟାକ୍ସି ଷ୍ଟାଣ୍ଡ ପକ୍ଷରୁ ତାଳଚେର ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀମାନଙ୍କୁ କ୍ଷୀର ପ୍ୟାକେଟ ଓ ପାଉଁରୁଟି ପ୍ରଦାନ କରି ନିଆରା ଢଙ୍ଗରେ ନୂଆବର୍ଷ ପାଳନ କରାଯାଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ସକାଳେ ଷ୍ଟାଣ୍ଡର ସଭାପତି ମଳୟ ସାହୁଙ୍କ ନେତୃତ୍ୱରେ ପ୍ରାୟ ୫୦ ଜଣ ସଦସ୍ୟ ଠାକୁରଙ୍କୁ ଦର୍ଶନ କରିବା ପରେ ତାଳଚେର ମଣ୍ଡାପାଳସ୍ଥିତ ସରକାରୀ ଡାକ୍ତରଖାନରେ ପହଞ୍ଚିଥିଲେ। ସେଠାରେ ଡାକ୍ତଖାନାର ମ୍ୟାନେଜର ଓ ଷ୍ଟାଫ ନର୍ସଙ୍କ ସହାୟତାରେ ପ୍ରତିୱାର୍ଡରେ ସମସ୍ତ ରୋଗୀଙ୍କୁ କ୍ଷୀର ଓ ପାଉଁରୁଟି ବଣ୍ଟନ କରିବା ସହ ସେମାନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଥିଲେ। ଷ୍ଟାଣ୍ଡର ଉପଦେଷ୍ଟା ତପନ କୁମାର ମହାରଣା ଉପସ୍ଥିତ ଥିଲେ।

## କଣିହାଁ ଗ୍ରାମବାସୀଙ୍କ ଆନ୍ଦୋଳନ ୧୭ ଦିନରେ

କଣିହାଁ,୨ ।୧(ସମିସ): ନିଯୁକ୍ତି ଦାବିରେ କଣିହାଁ କୋଇଲା ଖଣି ସମ୍ମୁଖରେ କଣିହାଁ ଗ୍ରାମବାସୀଙ୍କ ଆନ୍ଦୋଳନ ଶୁକ୍ରବାର ୧୭ଦିନରେ ପହଞ୍ଚିଛି। ଏମସିଏଲ ଓ ପ୍ରଶାସନ ଲୋକଙ୍କ ସମସ୍ୟା ସମାଧାନ କରୁ ନ ଥିବାରୁ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

କଣିହାଁ ଗ୍ରାମର ଚାଷଜମି ଏବଂ ଘରବାରି ଜମିକୁ ଏମସିଏଲ ୩ ପର୍ଯ୍ୟାୟରେ ଅଧିଗ୍ରହଣ କରିଛି। ୧୯୯୫ରେ ୪୦.୯୭ ଏକର, ୨୦୦୬ରେ ୧୬୭.୭ ଏକର ଏବଂ ୨୦୧୪ରେ ୯୩.୧୪ ଏକର ଜମି ଅଧିଗ୍ରହଣ କରି କ୍ଷତିପୂରଣ ରାଶି ପ୍ରଦାନ କରିଛି। ଏପରି ଗ୍ରାମର ୮୦ ପ୍ରତିଶତରୁ ଅଧିକ ଜମି ଅଧିଗ୍ରହଣ କରାଯାଇଛି। ମାତ୍ର ୨୦୧୯ରେ ମାତ୍ର ୨୬ ଜଣଙ୍କୁ ୧୯୮୯ ନିୟମ ଅନୁସାରେ ନିଯୁକ୍ତି ଦେଇଛି। ଏମସିଏଲର ଏପରି ଟାଳଟୁଳ ନୀତି ଯୋଗୁଁ ନିଯୁକ୍ତି ପାଇବାକୁ ଥିବା ଆହୁରି ଶତାଧିକ କ୍ଷତିଗ୍ରସ୍ତ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୪ରେ ଅନୁଷ୍ଠିତ ଏମସିଏଲର ୧୩ତମ ଆରପିଡିଏସି ବୈଠକରେ ନିଯୁକ୍ତି ନେଇ ସ୍ଥାନୀୟ ପଥରମୁଣ୍ଡା ଗ୍ରାମ ଭଳି ଚାକିରି ପ୍ରଦାନ କରିବାକୁ ଯାଞ୍ଚ କରାଯିବା ପାଇଁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଖଣି କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ ନ କରି ସମୟ ଗଡ଼ାଇ ଚାଲିଛନ୍ତି। ଆଜକୁ ପ୍ରାୟ ୧୨ବର୍ଷରୁ ଅଧିକ ସମୟ ହେବ ଗାଁ ଭିତର ଦେଇ ୨୪ଘଣ୍ଟା ଏମସିଏଲ କଣିହାଁ କ୍ଷେତ୍ର ଭାରୀଯାନ ମାଧ୍ୟମରେ କୋଇଲା ପରିବହନ କରି ଲାଭବାନ ହେଉଛି। କିନ୍ତୁ ନିଯୁକ୍ତି ପ୍ରଦାନରେ ଏମ୍‌ସିଏଲ୍ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏ ନେଇ କ୍ଷତିଗ୍ରସ୍ତ ପ୍ରଜାମାନେ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷ ଏବଂ ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ କରାଯାଉ ନ ଥିବାରୁ ୨୦୨୫ ଡିସେମ୍ବର ୧୭ରୁ କଣିହାଁ ଗ୍ରାମବାସୀ କଣିହାଁ କୋଇଲା ଖଣି ସମ୍ମୁଖରେ ଗ୍ରାମ ସଭାପତି କେଶବ ସାହୁ ଓ ସମ୍ପାଦକ ସୂର୍ଯ୍ୟକାନ୍ତ ନାଏକଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ଧାରଣାରେ ବହୁ ମହିଳା ମଧ୍ୟ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ସଡ଼କ ସୁରକ୍ଷା ମାସ ଉପଲକ୍ଷେ ରକ୍ତଦାନ ଶିବିର

## ୯୩ ୟୁନିଟ୍ ରକ୍ତ ସଂଗ୍ରହ



ଅନୁଗୋଳ,୨ ।୧(ସମିସ): "ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ'ର ବାର୍ତ୍ତା ନେଇ 'ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬' ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି। ଏହି ଉପଲକ୍ଷେ ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି।



ମୁଖ୍ୟଅତିଥି ଭାବେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ପଟ୍ଟନାୟକ ଯୋଗଦେଇ ଶିବରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଲିସ ବିଭାଗର ବିଭିନ୍ନ ଅଧିକାରୀ, ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଂଘ ସଭାପତି ଅମରେଶ ଚନ୍ଦ୍ର ସ୍ୱାଇଁ, ସାଧାରଣ ସମ୍ପାଦକ ରଜତ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ବସ୍ ମାଲିକ ସଂଘ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଶିବିରରେ ୯୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

## ସୁମତୀ ଓ ସ୍ମୃତି ଜାତୀୟ ସ୍କୁଲ କ୍ରୀଡ଼ାକୁ ମନୋନୀତ



କିଶୋରନଗର,୨ ।୧(ସମିସ): କିଶୋରନଗର +୨ କଲେଜର ପ୍ରଥମ ବର୍ଷ କଳା ଛାତ୍ରୀ ସୁମତୀ ମୁଣ୍ଡା ଓ ସ୍ମୃତି ନାୟକ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ୧୯ ବର୍ଷରୁ କମ୍ କ୍ରିକେଟ ଖେଳ ପାଇଁ ୬୯ତମ ଜାତୀୟ କ୍ରୀଡ଼ାକୁ ମନୋନୀତ ହୋଇଛନ୍ତି। ସେହିପରି ବଇଣ୍ଡା କଲେଜ ଛାତ୍ରୀ ଶିବାନୀ ନାୟକ ମଧ୍ୟ ମନୋନୀତ ହୋଇଛନ୍ତି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଗୋଆଲିୟରରେ ଅନୁଷ୍ଠିତ କ୍ରୀଡ଼ାରେ ଭାଗନେବା ପାଇଁ ଏହି ଛାତ୍ରୀମାନେ ଯାତ୍ରା ଆରମ୍ଭ କରିଛନ୍ତି। ଛାତ୍ରୀମାନଙ୍କର ଏହି କୃତିତ୍ୱ ପାଇଁ କଲେଜର କ୍ରୀଡ଼ା ଅଧ୍ୟାପକ ଦିଲୀପ ମହାରଣାଙ୍କୁ ଉଦ୍ୟମକୁ ପ୍ରଶଂସା କରାଯାଇଛି।

## 'ଆଗେଇବା' ପକ୍ଷରୁ ପାଠକ ସମ୍ମିଳନୀ

ତାଳଚେର,୨ ।୧(ସମିସ): ତାଳଚେରର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ଆମ ପ୍ରତିଭା ଆମ ପରିଚୟ' ଓ 'ଆଗେଇବା' ଖବରକାଗଜ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଦେଉଳବେଡ଼ାସ୍ଥିତ ପୂର୍ବତନ ସାଂସଦ ମହେଶ ସାହୁଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଏକ ପାଠକ ସମ୍ମିଳନୀ ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। 'ଆଗେଇବା'ର ସମ୍ପାଦକ ତଥା ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓକିଲ ସଙ୍ଘର ସଭାପତି ସନ୍ତୋଷ ସାହୁ, ପ୍ରେସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନୁଷ୍ଠାନର ସଭାପତି ପ୍ରାକ୍ତନ ଅଧ୍ୟାପକ ଉପେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଆଗେଇବା ଖବରକାଗଜ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଶୋଭଗିନୀ ଦାସ, ପୂର୍ବତନ ଖମାର କଲେଜ ଅଧ୍ୟକ୍ଷ ସରୋଜ ପ୍ରଧାନ, ଅଧ୍ୟାପକ ନବକିଶୋର ମହାପାତ୍ର, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ, ପରିବେଶବିତ୍ ତଥା ଆଇନଜୀବୀ ବାଉରୀବନ୍ଧୁ ବେଜ, ସିଟିଜେନ୍ ଫରୋମ ସଭାପତି ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଗେଇବା ଓ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଗେଇବାର ବାର୍ତ୍ତା ସମ୍ପାଦକ ତପନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଆଗକୁ ବିଭିନ୍ନ ଅଞ୍ଚଳରେ ପାଠକ ସମ୍ମିଳନୀ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କୁଶବିହାରୀ ସାମଲ, ଲିପୁରଥ, କାଳିଆ ସାମଲ ପ୍ରମୁଖ ସହଯୋଗ କରିଥିଲେ।




### ● ଜାତୀୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା

## ଅନୁଗୋଳ ଜିଲ୍ଲାରୁ ୯ ଖେଳାଳି ମନୋନୀତ



ଅନୁଗୋଳ,୨ ।୧(ସମିସ): ଜାନୁଆରୀ ୫ରୁ ୭ ପର୍ଯ୍ୟନ୍ତ ତେଲଙ୍ଗାନାର ହାଇଦରାବାଦରେ ଜାତୀୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗତା ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଅନୁଗୋଳ ଜିଲ୍ଲାରୁ ୫ ବାଳିକା ଓ ୪ ବାଳକଙ୍କ ସମେତ ୯ ଖେଳାଳି ମନୋନୀତ ହୋଇଛନ୍ତି। ଏହି ଖେଳାଳିମାନଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଅନୁଗୋଳ ଜିଲ୍ଲା ସ୍କୋଏ ମାର୍ଶାଲ ଆର୍ଟ ସଂଘ ସଭାପତି ଆଇନଜୀବୀ ଦ୍ୱାରିକାପ୍ରସାଦ ନନ୍ଦ, ଉପସଭାପତି ପ୍ରଦୀପ ଦେବତା, ସଞ୍ଜୟ ମହାପାତ୍ର ପ୍ରମୁଖ ଶୁଭକାମନା ଜଣାଇବା ସହ ପଦକ ହାସଲ କରି ଜିଲ୍ଲାର ନାଁ ରଖିବେ ବୋଲି କାମନା କରିଛନ୍ତି। ରାଜ୍ୟ ଉପସଭାପତି ଦୁଷ୍ୟନ୍ତ କୁମାର ନାଥ ଏହି ଖେଳାଳିମାନଙ୍କୁ ନେଇ ହାଇଦରାବାଦ ଅଭିମୁଖେ ଯାତ୍ରା କରିବେ।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ



ଅନୁଗୋଳ,୨ ।୧(ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ହାତୀ ଆକ୍ରମଣରେ ମୃତ ଅନୁଗୋଳ ବିଧାନସଭା ଅନ୍ତର୍ଗତ ବନ୍ତଳା ପଞ୍ଚାୟତ ସାହାରାଗୁଡ଼ା ଗ୍ରାମ ସୁନାଭୂଇଁ ସାହିର ଝିଲ୍ଲି ବେହେରାଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିବା ସହ ସମବେଦନା ଜଣାଇଛନ୍ତି। ଝିଲ୍ଲିଙ୍କ ପରିବାରକୁ ତୁରନ୍ତ ସମସ୍ତ ସହାୟତା ଯୋଗାଇଦେବା ପାଇଁ ଅନୁଗୋଳ ଡିଏଫଓ ନୀତିଶ କୁମାରଙ୍କ ସହ ଆଲୋଚନା କରିଛନ୍ତି। ବନବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ପାଟ୍ରୋଲିଂ କଡ଼ାକଡ଼ି କରିବା ଓ ଆଲୋକ ବ୍ୟବସ୍ଥା କରିବାକୁ ଯଥେଷ୍ଟ ତତ୍ପରତା ପ୍ରକାଶ କରିବାକୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଂସଦଙ୍କ ସହ ଅନୁଗୋଳ ବିଜେପି ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ଶିବରାମ ମହାଲିକ, ପ୍ରଶାନ୍ତ ପ୍ରଧାନ, ମାନସ ପ୍ରଧାନ, ମାନସ ପ୍ରଧାନ, ଲକ୍ଷ୍ମଣ ସାହୁ, ହେମନ୍ତ ବିଶ୍ୱାଳ, ସତ୍ୟନାରାୟଣ ସାହୁ, ଦ୍ୱାରି ବେହେରା ପ୍ରଦୀପ ନାୟକ, ବିଭୁ ଦେହୁରୀ, ସୁଲଭ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।












## ଗାୟତ୍ରୀ ସେବା ସମିତି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ପଟ୍ଟାମୁଣ୍ଡାଇ,୨ ।୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡ଼ା ଗାୟତ୍ରୀ ସେବା ସମିତି ପକ୍ଷରୁ ସମାଜସେବୀ ବିଜୟ ମହାନ୍ତିଙ୍କ ଦିବଂଗତା ପତ୍ନୀ ରୀନା ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୂତନ ବର୍ଷ ଅବସରରେ ଗରିବ ଅସହାୟ ବୃଦ୍ଧବୃଦ୍ଧା ଓ ମହିଳାଙ୍କୁ ପଂକ୍ତି ଭୋଜନ ସହ ଶୀତବସ୍ତ୍ର ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ. କେଳୁଚରଣ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ । ଗାୟତ୍ରୀ ସେବା ସମିତି ସଭାପତି ବିଜୟ ମହାନ୍ତି, ସମ୍ପାଦକ ଇଂ ତ୍ରିଲୋଚନ ସୂତାର, ଉପଦେଷ୍ଟା ଗୋପାଳ ବିଶ୍ୱାଳ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଇଂ ତପନ ପାତ୍ର, ଅଶୋକ ବଳ, ପଦ୍ମନାଭ ଜେନା, ହେମନ୍ତ ରାଉତ, ସୌମେନ୍ଦ୍ର ପରିଡ଼ା, ସୁବାସ ମହାନ୍ତି, ଶରତ ନାୟକ, ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ ।

## ଭାଗବତ ଟୁଙ୍ଗିର ୧୩ତମ ବାର୍ଷିକ ଉତ୍ସବ

ଡେରାବିଶ,୨ ।୧(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଚାନ୍ଦୋଳ ହାଟ ନିକଟରେ ଥିବା ମା’ ବୁଢ଼ୀ ଜାଗୁଳାଇ ଭାଗବତ ଟୁଙ୍ଗିର ୧୩ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି । ଭାଗବତ ଟୁଙ୍ଗି ପରିସରରେ ଭାଗବତ ଗ୍ରନ୍ଥ ପୂଜା କରାଯିବା ସହ ସଦସ୍ୟମାନେ ଭାଗବତ ପାଠ କରିଥିଲେ । ସନ୍ଧ୍ୟାରେ ଟୁଙ୍ଗି ପରିସରରେ ତ୍ରିନାଥ ମେଳା ଉତ୍ସବ ହୋଇଥିଲା । ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଉପସ୍ଥିତ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

## ୟୁୱାଇସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ପଟ୍ଟାମୁଣ୍ଡାଇ,୨ ।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ୟୁନାଇଟେଡ୍ ୟୁଥ କ୍ଲବ (ୟୁୱାଇସି) ଆନୁକୂଲ୍ୟରେ ନିତାଇ ଚୈତନ୍ୟ ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ୧୧ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଚୌଦକୁଲାଟ ଫାଣ୍ଡି ଅଧିକାରୀ ନୃସିଂହ ମହାନ୍ତି, ଜିଲ୍ଲା ସାମ୍ବାଦିକ ୟୁନିଅନ ଉପସଭାପତି ଅକ୍ଷୟ ସାହୁ, ସମିତି ସଭ୍ୟା ସ୍ମୃତିମୟୀ ମଲିକ, ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର, ବଡ଼ମୂଳବସନ୍ତ ସମବାୟ ସମିତି ସଭାପତି ସଞ୍ଜୟ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୟୁୱାଇସି ସଭାପତି ସଂଗ୍ରାମ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମ୍ବାଦିକ ଗଗନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଟୁର୍ଣ୍ଣାମେଣ୍ଟରେ ସାମ୍ବାଦିକ ଏକାଦଶ, ନପଙ୍ଗ, ନୀଳକଣ୍ଠପୁର, ବନ୍ଧସାହି ଅଳପୁଆ, ପଟ୍ଟାମୁଣ୍ଡାଇ, ସୋବଲା, ଗାଙ୍ଗପଡ଼ା ଆଦି ୮ ଦଳ ଭାଗ ନେଇଛନ୍ତି । ଆସନ୍ତା ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

## ମହାକାଳପଡ଼ା ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ

ମହାକାଳପଡ଼ା,୨ ।୧(ସମିସ): ମହାକାଳପଡ଼ା ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେସନ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଅଧକ୍ଷା ମୀରାରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦୀପ୍ତ ଦାସ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଆଜିର ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ବିଦ୍ୟୁତ ବିଭାଗର କାର୍ଯ୍ୟଧାରା ବିଷୟରେ ଆଲୋଚନା କରାଯିବା ସହ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଉପାଧକ୍ଷ ବିଜୟ କୁମାର ଶୁକ୍ଳା, ସାଂସଦଙ୍କ ପ୍ରତିନିଧି ଜାନକୀ ପ୍ରଧାନ ଓ ବିଧାୟକଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁମୋଦିତ ୨୨ କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୬ ଜଣ କାର୍ଯ୍ୟରତ ଥିବାକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ଅର୍ଦ୍ଧନିର୍ମିତ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅନେକ ପଞ୍ଚାୟତର ପ୍ରତିନିଧି ଦାବି କରିଥିଲେ । ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ଏଇଇ ରାଜଲକ୍ଷ୍ମୀ ଦାସ କହିଥିଲେ । ବସୁଧା ଯୋଜନାରେ ଗୋଟିଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ ଗୋଟିଏର କାର୍ଯ୍ୟ ଆଗାମୀ ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ସୁବ୍ରତ ସାହୁ କହିଥିଲେ । ବିଦ୍ୟୁତ୍ ବିଭାଗର ଆଲୋଚନା ବେଳେ ଟିପିସିଓଡିଏଲ ଯନ୍ତ୍ରୀଙ୍କ ଉତ୍ତରରେ ଉପଜିଲ୍ଲାପାଳ ବିରକ୍ତ ହେବା ସହ ସୌର ପ୍ରକଳ୍ପ ଉପରେ ଧ୍ୟାନ ଦେବାକୁ କହିଥିଲେ । କୁମ୍ଭୀର ଦାଉରୁ ସୁରକ୍ଷା ପାଇଁ ହୋଇଥିବା ବାଡ଼ ଭାଙ୍ଗି ଯାଇଥିବା ବେଳେ ତାହାର ମରାମତି ପାଇଁ ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା ଦାବି କରିଥିଲେ । ଏଥିରେ ଅନେକ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଅନୁପସ୍ଥିତ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସମିତିସଭ୍ୟ ରଞ୍ଜନ ଚୌଧୁରୀ ଦାବି କରିଥିଲେ । ଜଙ୍ଗଲ ଜମି ପଟ୍ଟା ପାଇଥିବା ଆବାସ ହିତାଧିକାରୀଙ୍କୁ ଅନୁମତି ଦେବାକୁ ଉପଜିଲ୍ଲାପାଳ କହିଥିଲେ । ବୈଠକରେ ସମିତି ସଭ୍ୟା ଅରୁଣା ରାଉତ, ରାଜ ମିଶ୍ର, କୃଷ୍ଣପଦ ମଣ୍ଡଳ, ସରପଞ୍ଚ ଅରବିନ୍ଦ ଜେନା, ପୂର୍ଣ୍ଣଚନ୍ଦ୍ର ରାଉତରାୟ, ମିଳନ ଦେବନାଥ, ଜ୍ୟୋତିରଞ୍ଜନ ଖଟୁଆ, ପ୍ରିୟଙ୍କା ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ମେଡିକାଲ ପରିସର ଔଷଧ ଦୋକାନରେ ଚଢ଼ିଲା ବୁଲଡୋଜର




ରାଜନଗର,୨ ।୧(ସମିସ): ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଜୟଗୁରୁ ମେଡିସିନ ଷ୍ଟୋରକୁ ଶୁକ୍ରବାର ବୁଲଡୋଜର ସାହାଯ୍ୟରେ ମାଟିରେ ମିଶାଇ ଦିଆଯାଇଛି । ମାଜିଷ୍ଟ୍ରେଟ ତଥା ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ଉପସ୍ଥିତିରେ ପ୍ରଥମେ ଷ୍ଟୋରରୁ ଔଷଧ ଖାଲି କରାଯିବା ପରେ ଦୋକାନ ଭାଙ୍ଗିଦିଆଯାଇଛି । ଦୀର୍ଘ ୧୦ ବର୍ଷର ଆଇନଗତ ଲଢ଼େଇ ପରେ କ୍ୟାମ୍ପସରେ ଥିବା ଏହି ଔଷଧ ଦୋକାନକୁ ଭାଙ୍ଗିବାରେ ମେଡିକାଲ କର୍ତ୍ତୃପକ୍ଷ ସକ୍ଷମ ହୋଇଛନ୍ତି ।

ସରକାର ୨୦୦୧ରେ ପ୍ରତ୍ୟେକ ମେଡିକାଲ ପରିସରରେ ଗୋଟିଏ ମେଡିସିନ ଷ୍ଟୋର ଖୋଲିବାକୁ ଅନୁମତି ଦେଇଥିଲେ । ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜୟଗୁରୁ ମେଡିସିନ ଷ୍ଟୋର ଖୋଲିଥିଲା । ୨୦୧୫ରେ ସରକାର ନିରାମୟ ମାଧ୍ୟମରେ ରୋଗୀଙ୍କୁ ମାଗଣା ଔଷଧ ଯୋଗାଣ ଆରମ୍ଭ କରିବା ପରେ କ୍ୟାମ୍ପସରେ ଥିବା ମେଡିସିନ ଷ୍ଟୋରଗୁଡ଼ିକୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ କେତେକ ମେଡିସିନ ଷ୍ଟୋର ମାଲିକ ସରକାରଙ୍କ ଏହି ନିର୍ଦ୍ଦେଶ ବିରୋଧରେ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ୨୦୨୪ରେ କ୍ୟାମ୍ପସ ମେଡିସିନ ଷ୍ଟୋର ଉଠାଇଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପରେ ରାଜନଗର ତହସିଲଦାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ଜୟଗୁରୁ ମେଡିସିନ ଷ୍ଟୋରକୁ ଉଠିଯିବାକୁ ନୋଟିସ ଦେଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ତହସିଲଦାରଙ୍କୁ ପକ୍ଷ କରି ମାମଲା ହୋଇଥିଲା ।

୨୦୨୫ ଡିସେମ୍ବର ୧୭ରେ ଉଚ୍ଛେଦ ଉପରେ ଥିବା ରହିତାଦେଶ ଉଠିଯାଇଥିଲା । ଏହା ପରେ ରାଜନଗର ତହସିଲଦାର ଜୟଗୁରୁ ମେଡିସିନ ଷ୍ଟୋରକୁ ଉଠିଯିବାକୁ ପୁଣି ନୋଟିସ ଦେଇଥିଲେ । ଶୁକ୍ରବାର କଣ୍ଟ ପୂରିବା ପରେ ପୁଲିସ ଫୋର୍ସ ସହିତ ତହସିଲଦାର ମେଡିକାଲ ପରିସରରେ ପହଞ୍ଚି ଜୟଗୁରୁ ମେଡିସିନ ଷ୍ଟୋର ମାଲିକଙ୍କୁ ଘଣ୍ଟାଏ ମଧ୍ୟରେ ଔଷଧ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଷ୍ଟୋର କର୍ମଚାରୀ ମେଡିସିନ ଖାଲି କରିବା ପରିବର୍ତ୍ତେ ଷ୍ଟୋରରେ ବସି ରହିଥିଲେ । ଘଣ୍ଟାଏ ପରେ ତହସିଲଦାର ଲୋକ ଲଗାଇ ମେଡିସିନ ଖାଲି କରିଥିଲେ । ପରେ ବୁଲଡୋଜର ସାହାଯ୍ୟରେ ଏହି ଆଜବେଷ୍ଟସ ଘରକୁ ମାଟିରେ ମିଶାଇ ଦିଆଯାଇଛି । ଉଦ୍ଧାର ମେଡିସିନକୁ ମାଲିକଙ୍କ ଜିମା ଦେବା ସହ ଜାଗାକୁ ମେଡିକାଲକୁ ହସ୍ତାନ୍ତର କରାଯାଇଛି ।

## କସ୍ତୁରୀ କଳା ନିକେତନର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୨ ।୧(ସମିସ): ପଟ୍ଟାମୁଣ୍ଡାଇ ମାଟିର ଉତ୍କର୍ଷ କଳା, ସାହିତ୍ୟ ଓ ସଂସ୍କୃତି ଆଜି ବିଶ୍ୱ ଦରବାରରେ ପହଞ୍ଚିପାରିଛି । ଏହି ମାଟିର ବହୁ କଳାକାର, ସାହିତ୍ୟିକ ଓ ନାଟ୍ୟକାର ପ୍ରତିଷ୍ଠା ଲାଭ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । କଳା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ଅନନ୍ୟ ପରିଚୟ ସୃଷ୍ଟି କରିଛି ବୋଲି ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ କସ୍ତୁରୀ କଳା ନିକେତନର ୩୩ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି ।

କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ସାହୁ କହିଲେ, ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ କସ୍ତୁରୀ କଳା ନିକେତନର ବଳିଷ୍ଠ ଅବଦାନ ରହିଛି । ଏହି ଅନୁଷ୍ଠାନର ବିକାଶ ପାଇଁ ଆବଶ୍ୟକ ଗୃହ ଯୋଗାଇ ଦେବାକୁ ସେ ଘୋଷଣା କରିଥିଲେ । ଗତବର୍ଷ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ବିଧାୟକ ସାହୁ ରାସ୍ତା ନିର୍ମାଣ ପାଇଁ ଘୋଷଣା କରିଥିବା ବେଳେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ୧୬ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର କରାଯାଇଛି ବୋଲି ପ୍ରକାଶ କରିଥିଲେ । ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ଓ ଲାସ୍ୟମୟୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ କୃପାସିନ୍ଧୁ ନାୟକ ବିବରଣୀ ପାଠ କରିଥିଲେ । କାଉନସିଲର ଗୋପୀବଲ୍ଲଭ ନାୟକ ସ୍ୱାଗତ ଭାଷଣ ଓ ନବକିଶୋର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ତବଲା ବାଦକ କସ୍ତୁରୀ ଚରଣ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ନାରାୟଣ ସାହୁ ମାନପତ୍ର ପାଠ କରିଥିଲେ । ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । ଗୋପୀନାଥ ତ୍ରିପାଠୀ, ଆଇନଜୀବୀ ପ୍ରମୋଦ ସାହୁ, କିଶୋର ଜେନା, ଗୋବିନ୍ଦ ସେଠୀ, ସ୍ୱରାଜଲକ୍ଷ୍ମୀ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଙ୍ଗୀତଗୁରୁ ଦୀନବନ୍ଧୁ ସାହୁ, ନୃତ୍ୟଗୁରୁ ଦୀପକ ସାହୁ, ତପନ ତରାଇ, ତବଲାଗୁରୁ ଡ. ସମୀର ଦାସ, ଚିତ୍ରଗୁରୁ ସନ୍ତୋଷ ଜେନା, ଅନନ୍ତ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କସ୍ତୁରୀ କଳା ନିକେତନର ପ୍ରତିଷ୍ଠାତା ସ୍ୱର୍ଗତ ଦିବାକର ବିଶ୍ୱାଳଙ୍କ ଷଷ୍ଠ ତିରୋଧାନ ଦିବସ ଉପଲକ୍ଷେ ଛାତ୍ରଛାତ୍ରୀ, କର୍ମକର୍ତ୍ତା, ଅଭିଭାବକ ଓ ଶୁଭେଚ୍ଛୁଙ୍କ ସହ ବାଇପାସଠାରୁ କଳା ନିକେତନ ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା । ଏଥିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଅତିଥି ଭାବେ ଯୋଗଦେଇଥିଲେ ।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପେଣ୍ଠ-ବରୁଣେଇ ବେଳାଭୂମି



ରାଜନଗର,୨ ।୧(ସମିସ): ରାଜନଗର ବ୍ଲକର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ପେଣ୍ଠ-ବରୁଣେଇ ବେଳାଭୂମି ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସ୍ପଷ୍ଟ ଦିବାଲୋକରେ ସକାଳୁ ସଞ୍ଜ ଯାଏ ମଦ୍ୟପ ଯୁବକମାନେ ଏଠାରେ ପସରା ମେଲାଉଛନ୍ତି । ପାଖରେ ପ୍ରଚୁର ପରିମାଣରେ ଚୋରାମଦ ମିଳୁଛି । ଆକଟ କରିବାକୁ କେହି ନାହାନ୍ତି । ବନ ବିଭାଗ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି । ଅପରପକ୍ଷରେ ଅନତିଦୂରରେ ଇକୋ ରିଟ୍ରିଟ୍ ମଧ୍ୟ ଅନୁଷ୍ଠିତ ହେଉଛି । ଅତୀତରେ ଏହି ବେଳାଭୂମିରେ ଦୁଷ୍କର୍ମ, ହତ୍ୟା ଆଦି ଅପରାଧିକ କାର୍ଯ୍ୟକଳାପ ଘଟିଛି । ଅସାମାଜିକଙ୍କ ଦ୍ୱାରା ବିଭିନ୍ନ ଯୁବକ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହୋଇ ବେଳାଭୂମିର ସୁନାମରେ ଆଞ୍ଚ ଆଣିଛି । ଏହି ବେଳାଭୂମିରେ ପର୍ଯ୍ୟଟକମାନେ କିପରି ସୁରକ୍ଷିତ ଭାବେ ପରିଭ୍ରମଣ କରିବେ, ସେ ନେଇ ପୁଲିସ ପ୍ରଶାସନ ଓ ବନବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ଗହୀରମଥାରୁ ଟ୍ରଲର ଜବତ: ୬ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨ ।୧(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଳୀ ମୁହାଣ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ଧର୍ମଶଙ୍କର-୫ ନାମକ ଟ୍ରଲରକୁ ବନବିଭାଗର ପାଟ୍ରୋଲିଂ ଦଳ ଜବତ କରିବା ସହ ୬ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।



ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବିଭାଗର କର୍ମଚାରୀମାନେ ଟ୍ରଲର ଜବତ କରିବା ସହ ସେଥିରୁ ଗୋଟିଏ ଜିପିଏସ (ଗ୍ରାମୀଣ-୫୮୦), ଦୁଇଟି ଭିଏଚଏଫ( ଆଇକମ-୨୩୦୦ଏଚ), ଗୋଟିଏ ଫିସ୍ ଫାଇଣ୍ଡର (ଗ୍ରାମୀଣ-୩୫୦), ୧୦ଟି ଟ୍ରଲିଂ ନେଟ୍ ଓ ୫୦ କିଲୋଗ୍ରାମ ମାଛ ଜବତ କରିଛନ୍ତି । ଗିରଫ ମତ୍ସ୍ୟଜୀବୀମାନେ ହେଲେ ପାଲେପୁ କାମେଶ୍ୱର ରାଓ, କୋମାରି ଭେଙ୍କଟେଶ୍ୱରାଲୁ, ଓଲିଟି ଶ୍ରୀନୁ, ଧୋମା ଶ୍ରୀନୁ, କାରି ନାଗେଶ୍ୱର ରାଓ, ଓଲେଟି ମହାଲକ୍ଷ୍ମୀ । ଏମାନେ ଆନ୍ଧ୍ରପ୍ରଦେଶ କାକିନାଡ଼ା ଜିଲ୍ଲାର ବୋଲି ଜଣାପଡ଼ିଛି । ସମସ୍ତଙ୍କୁ କେନ୍ଦ୍ରାପଡ଼ା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ଏନଡିଏମଏ ସଦସ୍ୟାଙ୍କ ସାତଭାୟା ପରିଦର୍ଶନ

ରାଜନଗର,୨ ।୧(ସମିସ): ବିଶ୍ୱ ତାପନ ତଥା ଜଳବାୟୁର ଅହେତୁକ ପରିବର୍ତ୍ତନ ଫଳରେ ସମୁଦ୍ରର କୂଳ ଲଙ୍ଘିବା ସହ ତଟକ୍ଷୟ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲା ବଙ୍ଗୋପସାଗର ତଟବର୍ତ୍ତୀ ସାତଭାୟାବାସୀ ପୁରୁଷ ପୁରୁଷର ଭିଟାମାଟି ହରାଇଛନ୍ତି । ୨୦୧୮ରୁ ସାତଭାୟାବାସୀ ବଗପାଟିଆ ଥଇଥାନସ୍ଥଳୀରେ ବାସ କରୁଛନ୍ତି । ଜଳବାୟୁର ପରିବର୍ତ୍ତନ ଫଳରେ ଭାରତବର୍ଷର ପ୍ରଥମ ଜନବସତି ସାତଭାୟା ବଙ୍ଗୋପସାଗରରେ ଲୀନ ହୋଇଛି । ଏହି କ୍ରମରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସଦସ୍ୟା ରୀତା ମିଶାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାତଭାୟାବାସୀଙ୍କ ନୂଆ ଠିକଣା ବଗପାଟିଆ ଥଇଥାନସ୍ଥଳୀରେ ପହଞ୍ଚି ସେମାନଙ୍କ ନୂଆ ଜୀବନ ଜୀବିକା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି । ଏହି ପ୍ରତିନିଧି ଦଳ ପ୍ରଥମେ ପୁରୁଣା ସାତଭାୟା ସମୁଦ୍ର କୂଳରେ ପହଞ୍ଚିଥିଲେ । ସେଠାରେ ସମୁଦ୍ରର ତଟକ୍ଷୟର ବିଭୀଷିକାକୁ ଅନୁଧ୍ୟାନ କରିଥିଲେ । ପରେ ବିସ୍ଥାପିତ ବଗପାଟିଆ ଥଇଥାନସ୍ଥଳୀରେ ପହଞ୍ଚି ସ୍ଥାନୀୟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ସହିତ ଭାବବିନିମୟ କରିଥିଲେ । ଝଡ଼ର ପୂର୍ବ ଓ ପର ସମୟର କରୁଣ ଚିତ୍ରକୁ ଲୋକମାନେ ଉପସ୍ଥାପନ କରିଥିଲେ । ସଦସ୍ୟା ମିଶାଲ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ପରିଚାଳନା କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଥିଲେ ।



ତାଙ୍କ ସହ କେନ୍ଦ୍ରାପଡ଼ା ଏଡିଏମ ନବକୃଷ୍ଣ ଜେନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅମୀୟ କେତନ ସ୍ୱାଇଁ, ଓସଡମାର ଜେନେରାଲ ମ୍ୟାନେଜର ବେବିତା ମଞ୍ଜରୀ ନାୟକ, ବିଡିଓ ତିଳୋତ୍ତମା ପୃଷ୍ଟି, ସରପଞ୍ଚ ପ୍ରସନ୍ନ କୁମାର ପରିଡ଼ା, ଓସଡମା ଅଧିକାରୀ ଅଜୟ କୁମାର ମହାନ୍ତି, ଫରେଷ୍ଟର ରଞ୍ଜନ କୁମାର ପାଣି, ନେଚର୍‌ସ କ୍ଲବର ବିରଜା ପ୍ରସାଦ ପତିଙ୍କ ସହ କରୁଣାକର ସ୍ୱାଇଁ, ସୁଦର୍ଶନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଭିତରକନିକା ଇକୋ ରିଟ୍ରିଟ୍‌ରେ ଉପମୁଖ୍ୟମନ୍ତ୍ରୀ




ରାଜନଗର,୨ ।୧(ସମିସ): ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ଭିତରକନିକା ଗସ୍ତରେ ଆସି ରାଜନଗର ପେଣ୍ଠ ସମୁଦ୍ର କୂଳରେ ଆୟୋଜିତ ଇକୋ ରିଟ୍ରିଟରେ ପହଞ୍ଚିଛନ୍ତି । ଇକୋ ରିଟ୍ରିଟରେ ରାତ୍ରିଯାପନ କରିବେ । ଶନିବାର ସକାଳେ ଗୁପ୍ତିରୁ ବୋଟ ଯୋଗେ ଭିତରକନିକାର ଶୋଭା ଉପଭୋଗ କରିବେ । ଡାଙ୍ଗମାଳରେ ପହଞ୍ଚି ଭାରତର ପ୍ରଥମ ଧଳା କୁମ୍ଭୀର ଗୋରୀ ଓ ମଲ୍ଲି, ଶ୍ୱେତା, ମ୍ୟୁଜିୟମ, କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲି ଦେଖିବା କାର୍ଯ୍ୟକ୍ରମ ରହିଛି । ଆଜି ଅପରାହ୍ନରେ ଇକୋ ରିଟ୍ରିଟରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

## ଚୋରି ଲୁହା ଛଡ଼ ଡଙ୍ଗାରୁ ଉଦ୍ଧାର



କେନ୍ଦ୍ରାପଡ଼ା,୨ ।୧(ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ କାର୍ଯ୍ୟସ୍ଥଳରୁ ଲୁହା ଛଡ଼ ଚୋରି ହେବା ଘଟଣା ମାର୍ଶାଘାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ମାର୍ଶାଘାଇ ଥାନା ନୀଳାଞ୍ଚଳ ବଜାର ମହାନଦୀ ପୋଲ ନିକଟରେ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଏସ୍‌ପିଏସ୍ ନାମକ ଠିକା ସଂସ୍ଥା ଦ୍ୱାରା କରାଯାଉଛି । ନୂଆବର୍ଷ ଅବସରରେ କର୍ମଚାରୀମାନଙ୍କ ଛୁଟି ଥିବା ସୁଯୋଗ ନେଇ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଠିକା ସଂସ୍ଥାର ଷ୍ଟକ୍‌ୟାର୍ଡରୁ ଲୁହା ଛଡ଼ ସହ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରି ଏକ ଡଙ୍ଗାରେ ନେଇଯାଇଥିଲେ । ତେବେ ଚୋରା ସାମଗ୍ରୀ ନେଉଥିବା ଏହି ଡଙ୍ଗା ଭୁତୁମୁଣ୍ଡାଇ ମହାନଦୀ ପୋଲଠାରୁ ପ୍ରାୟ ୫୦୦ ମିଟର ଦୂରେ ବୁଡ଼ିଯାଇଥିଲା । ଶୁକ୍ରବାର ସକାଳେ କାର୍ଯ୍ୟ ଆରମ୍ଭ ସମୟରେ ଷ୍ଟକ୍‌ୟାର୍ଡରେ ଥିବା ଲୁହା ଛଡ଼ ମଧ୍ୟରୁ ୪ରୁ ୫ ଟନ ରଡ୍ ନ ଥିବା ଠିକା ସଂସ୍ଥା ଅଧିକାରୀମାନେ ଜାଣିବାକୁ ପାଇଥିଲେ । ଖୋଜାଖୋଜି ବେଳେ ମହାନଦୀରେ ବୁଡ଼ିଥିବା ଡଙ୍ଗାରୁ ଅନ୍ୟ ଏକ ଡଙ୍ଗାକୁ ଲୁହା ଛଡ଼ ବାହାର କରାଯାଉଥିବା ଠିକା ସଂସ୍ଥା କର୍ମଚାରୀମାନେ ଦେଖିଥିଲେ । କର୍ମଚାରୀମାନେ ନିକଟକୁ ଆସୁଥିବା ଦେଖି ଡଙ୍ଗାଟି ଦ୍ରୁତଗତିରେ ସେଠାରୁ ପଳାଇଥିଲା । ଏନେଇ ଠିକା ସଂସ୍ଥା ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଥିଲା । ମାର୍ଶାଘାଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମହାନଦୀରେ ବୁଡ଼ିଥିବା ଡଙ୍ଗାରୁ ଠିକା ସଂସ୍ଥା କର୍ମଚାରୀମାନେ ୨ ଟନରୁ ଊର୍ଦ୍ଧ୍ୱ ଲୁହା ଛଡ଼ ଉଦ୍ଧାର କରିଥିବା ଜଣାପଡ଼ିଛି । ତେବେ ଏ ସମ୍ପର୍କରେ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ ।

## ବ୍ରହ୍ମାକୁମାରୀ କେନ୍ଦ୍ରରେ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨ ।୧(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପଟ୍ଟାମୁଣ୍ଡାଇ ସେବାକେନ୍ଦ୍ରରେ ନବବର୍ଷ ଅବସରରେ ବ୍ରହ୍ମଯୋଗିନୀ ଡ. କମଲେଶ ଦିଦିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । କେନ୍ଦ୍ର ସଞ୍ଚାଳିକା ଶଶିରେଖା ଦିଦିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏକ ପ୍ରମୁଖ ସମାଜ ସଂସ୍କାର ସଂଗଠନ ବୋଲି କହିଥିଲେ ।

ଏହି ସଂଗଠନ ଭ୍ରାତୃତ୍ୱ ଓ ସାମାଜିକ ଭାଇଚାରା ପ୍ରତିଷ୍ଠା କରିପାରିଛି । ତ୍ୟାଗର ପ୍ରତୀକ ଡ. କମଲେଶ ଦିଦି ଏହି ସଂଗଠନର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ । ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ସଙ୍ଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ଶିକ୍ଷାବିତ ସର୍ବେଶ୍ୱର ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ବ୍ରଜସୁନ୍ଦର ପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଶେଷରେ ଆଳି ସେବାକେନ୍ଦ୍ର ସଞ୍ଚାଳିକା ସଂଯୁକ୍ତା ଦିଦି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

# ଜାନୁଆରୀ ୬ରୁ ୨୦ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ କାର୍ଯ୍ୟକ୍ରମ




କେନ୍ଦ୍ରାପଡ଼ା,୨ ।୧(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଜାନୁଆରୀ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଜିଲ୍ଲା ସ୍ତରରେ ପାଳନ କରାଯିବ । ଏହାର ସଫଳ ଆୟୋଜନ ନିମନ୍ତେ ଶୁକ୍ରବାର ଜିଲ୍ଲା ପ୍ରଦକ୍ଷଣ ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟର ବୈଠକରେ ଅଧ୍ୟକ୍ଷତା କରି ପାଣି ପଞ୍ଚାୟତର ସୁଫଳ ଓ କାର୍ଯ୍ୟକାରିତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇ ଲୋକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଯିବ ବୋଲି ସେ କହିଥିଲେ ।

ପାଣି ପଞ୍ଚାୟତ ପକ୍ଷ ଅବସରରେ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ରଚନା, ବକ୍ତୃତା, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହେବ । ଡିଭିଜନ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୫୦୦, ୨୦୦୦ ଓ ୧୫୦୦ ଟଙ୍କା ପୁରସ୍କାର ଦିଆଯିବ । ସେହିପରି ଜିଲ୍ଲା ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩୦୦୦, ୨୫୦୦ ଓ ୨୦୦୦ ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରାଯିବ । ଜାନୁଆରୀ ୧୩ ତାରିଖ ଜଣ୍ଟିଲୋ ଡାକବଙ୍ଗଳାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ ଅନୁଷ୍ଠିତ ହେବ । ଉକ୍ତଦିନ ସନ୍ଧ୍ୟାରେ ଜିଲ୍ଲା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ମଞ୍ଚରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ । ଜାନୁଆରୀ ୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ପାଣି ପଞ୍ଚାୟତ ସଚେତନତା ରଥ ବାହାରି ଜିଲ୍ଲାର ସମସ୍ତ ବ୍ଲକ ଓ ମୁଖ୍ୟ ଅଞ୍ଚଳ ଗସ୍ତ କରି ସଚେତନତା ବାର୍ତ୍ତା ପ୍ରଚାର କରିବ । ଜିଲ୍ଲାର ଶ୍ରେଷ୍ଠ ବିବେଚିତ କୃଷକ ଜାନୁଆରୀ ୨୦ ତାରିଖ ରାଜ୍ୟସ୍ତରୀୟ ସମାରୋହରେ ସମ୍ବର୍ଦ୍ଧିତ ହେବେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ବୈଠକରେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଉଠା ଜଳସେଚନ ବିଭାଗ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁ, ଏଡିଭିଓ ଡା. ମନିଷ କୁମାର ସିଂହ, ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ ।

# ସମ୍ପାଦକୀୟ



ଭୂଗୋଳ ଆମକୁ ପଡ଼ୋଶୀ, ଇତିହାସ ଆମକୁ ବନ୍ଧୁ, ଅର୍ଥନୀତି ଆମକୁ ଅଂଶୀଦାର ଓ ଆବଶ୍ୟକତା ଆମକୁ ପରସ୍ପରର ସହଯୋଗୀ କରିଛି। ଯେଉଁମାନଙ୍କୁ ଭଗବାନ ଏକାଠି କରିଛନ୍ତି, ସେମାନଙ୍କୁ କେହି ଭାଗ ଭାଗ କରନ୍ତୁ ନାହିଁ।

- ଜନ୍ ଏଫ୍ କେନେଡି

ସକାଳ THE SAKALA

## ସ୍ୱଚ୍ଛ ସହରରେ ଅସ୍ୱଚ୍ଛ ଜଳ

ଦେଶର ସ୍ୱଚ୍ଛତମ ସହର ଭାବେ ଗତ ୮ ବର୍ଷ ଧରି ମାନ୍ୟତା ବଜାୟ ରଖିଥିବା ମଧ୍ୟପ୍ରଦେଶର ଇନ୍ଦୋର ମ୍ୟୁନିସିପାଲିଟି ନିଗମ ଅଞ୍ଚଳରେ ଦୂଷିତ ପାନୀୟ ଜଳ ଯେ ଏକ ସମସ୍ୟା ରୂପେ ମୁଣ୍ଡ ଟେକିବ ଏକଥା କେହି ଅନୁମାନ କରି ନ ଥିଲେ। ଝାଡ଼ାବାନ୍ତିରେ ୧୦ ଜଣଙ୍କ ମୃତ୍ୟୁ ଓ ୧୫୦ ଅସୁସ୍ଥ ହୋଇପଡ଼ିବା ଘଟଣାର କାରଣ ସଂପର୍କରେ କରାଯାଉଥିବା ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଭାଗୀରଥପୁରା ଅଞ୍ଚଳରୁ ଯୋଗାଇ ଦିଆଯାଇଥିବା ପିଇବା ପାଣି କେବଳ ଦୂଷିତ ନୁହେଁ ବିଷାକ୍ତ। ନର୍ମଦା ନଦୀରୁ ସଂଗୃହୀତ ଜଳକୁ ବିନା ଶୋଧନରେ ଲୋକଙ୍କୁ ଯୋଗାଇ ଦିଆଯାଇଛି।

ସ୍ୱଚ୍ଛ ପାନୀୟ ଜଳ ଯୋଗାଣକୁ ପ୍ରାଧନ୍ୟ ଦେଇ ବିଭିନ୍ନ ରାଜ୍ୟକୁ କେନ୍ଦ୍ର ସରକାର ବିପୁଳ ଅର୍ଥ ମଞ୍ଜୁର କରିଥିଲେ ମଧ୍ୟ ତାହାର କାର୍ଯ୍ୟକାରିତାରେ ପରିଲକ୍ଷିତ ବିଫଳତାରୁ ସ୍ପଷ୍ଟ ହେଉଛି ଯେ ଅଗ୍ରାଧିକାର କ୍ଷେତ୍ର ପ୍ରତି କ୍ଷମତା ଆଦୌ ସଜାଗ ବା ସଚେତନ ନୁହେଁ। ଆମ ରାଜ୍ୟରେ ମଧ୍ୟ ପାନୀୟ ଜଳ ପ୍ରକଳ୍ପ ବିଭିନ୍ନ କାରଣରୁ ଅସଂପୂର୍ଣ୍ଣ ହୋଇପଡ଼ିରହିଛି। ଏ କ୍ଷେତ୍ରରେ କ୍ଷମତା ପରିବର୍ତ୍ତନ ହିଁ ପାଲଟିଛି ପ୍ରତିବନ୍ଧକ। ଇନ୍ଦୋର ସହରର ଭାଗିରଥୀପୁର ଅଞ୍ଚଳରେ ଯାଇଥିବା ମୁଖ୍ୟ ପାନୀୟଜଳ ପାଇପର ଉପର ଭାଗରେ ନିର୍ମିତ ପାଇଖାନା ହିଁ ପାଲଟିଛି ଦୁଃଖର କାରଣ। ତଥ୍ୟ ଅନୁଯାୟୀ ସେହି ସ୍ଥାନରେ ଥିବା ପାଇପର ସଂଯୋଗ ସ୍ଥଳ ସାମାନ୍ୟ ଢିଲା ଥିବାରୁ ପାନୀୟ ଜଳ ଦୂଷିତ ହୋଇଛି। ଏହାକୁ ଅନୁଶୀଳନ କଲେ, ଏଭଳି ଅବ୍ୟବସ୍ଥା ପ୍ରତି ନିଗମ କର୍ତ୍ତୃପକ୍ଷ ଆଜି ଯାଏଁ ଉଦାସୀନ ଥିଲେ କିପରି? ସେଥିରେ ପୁଣି ପାଇପ ଉପରେ ପାଇଖାନା ଯାହାର ସେପ୍ଟିଟ୍ୟାଙ୍କ ନାହିଁ। ନିହାତି ଅବାସ୍ତବ ଓ ଅସମ୍ଭବ ପରିସ୍ଥିତି ପୁଣି ସ୍ୱଚ୍ଛତମ ସହରରେ କେମିତି ସମ୍ଭବ ହେଲା? ଏଭଳି ଅନେକ ପ୍ରଶ୍ନର ଯଥାର୍ଥ ଉତ୍ତର ମିଳୁନାହିଁ। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ହାଇକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ସଂପୃକ୍ତ ଅଞ୍ଚଳରେ ପାଇପ ମାଧ୍ୟମରେ ଯୋଗଇ ଦିଆଯାଉଥିବା ପାନୀୟ ଜଳ ବ୍ୟବହାରକୁ ସାମୟିକ ନିଷିଦ୍ଧ କରାଯାଇଛି। ୬୦ ରୁ ୭୦ ଟି ଟ୍ୟାଙ୍କର ମାଧ୍ୟମରେ ପିଇବା ପାଣି ଯୋଗାଇ ଦିଆଯାଇଛି। ଆଶା କରାଯାଉଛି ୩ ଦିନ ମଧ୍ୟରେ ପାଇପ ଲାଇନକୁ ବଦଳାଇ ସ୍ଥିତିରେ ସୁଧାର ଅଣାଯିବ। ମ୍ୟୁନିସିପାଲିଟି ନଗର ନିଗମ ଅଞ୍ଚଳରେ ପାନୀୟ ଉପଯୋଗୀ ଜଳ ଯୋଗାଇବା ଯଦି ସମ୍ଭବ ନହେବ ତେବେ ସମଗ୍ର ଦେଶବାସୀଙ୍କୁ ଏହା ଉପଲବ୍ଧ ହେବ କେବେ? ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଥିବା ଦଳ ଯଦି ରାଜ୍ୟ କ୍ଷମତାରେ ଥାଇ ମଧ୍ୟ ଏଭଳି ଚିତ୍ର ଦେଖିବାକୁ ମିଳୁଛି ତା' ହେଲେ ଆମେ କହିବା କାହାକୁ?

ଅମୃତ ଯୋଜନାର ଏହି ଦୁର୍ଗତିକୁ ଦେଖିଲେ ମନେ ହୁଏ ବାହାରକୁ ଚକ୍‌ଚାକ୍ ଦେଖାଯାଉଥିବା ନବ୍ୟ ଭବ୍ୟ ସହରୀ ଭାରତର ସ୍ୱାସ୍ଥ୍ୟ ଏବେ ବି ଠିକ୍ ନାହିଁ। ନଦୀରୁ ପିଇବା ପାଣି ସଂଗ୍ରହ କରି ବିନା ବିଶୋଧନରେ ଲୋକଙ୍କୁ ଯୋଗାଣ ଏକ ଧର୍ତ୍ତବ୍ୟ ଅପରାଧ ହେବା ଉଚିତ୍। ଦୂଷିତ ଜଳକୁ ନେଇ ଏବେ ସେଠାରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ କିଏ ଉତ୍ତରଦାୟୀ ତାହା ମଧ୍ୟ ଧାର୍ଯ୍ୟ ହେବା ଉଚିତ। ●

## ପତିଆରା ଲଢ଼େଇ

ଶକ୍ତି, ସାମର୍ଥ୍ୟ ଓ ଅର୍ଥନୀତି ଦୃଷ୍ଟିରୁ ଆମେରିକାର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଚୀନ। ଚୀନର ବିସ୍ତାରବାଦୀ କୂଟନୀତି ଆମେରିକା ବିରୋଧୀଙ୍କୁ ଏକଜୁଟ କରୁଥିବା ବେଳେ ତାହାର ସ୍ୱାଭାବିକ ପ୍ରତିଫଳନ ୱାଶିଂଟନରେ ଅନୁଭୂତ ହେଉଛି। ବିଶେଷକରି ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ଯୁଦ୍ଧରେ କ୍ଷତିଗ୍ରସ୍ତ ରାଷ୍ଟ୍ରଙ୍କୁ ଏକ ବିକଳ୍ପ ମଞ୍ଚର ଆବଶ୍ୟକତା ଥିବା ବେଳେ ଚୀନ ଓ ରୁଷର ମିଳିତ ଭୂମିକା ବିଶ୍ୱ ଭୂ-ରାଜନୈତିକ ଚିତ୍ରପଟ୍ଟରେ ଯେଉଁ ପରିବର୍ତ୍ତନର ଆଭାସ ପରିଲକ୍ଷିତ ହୋଇଛି ତାହା ବ୍ୟସ୍ତବିବ୍ରତ କରିଛି ଆମେରିକାକୁ। ସେ ଭାରତ ବିରୋଧୀ ଚୀନ ଆଭିମୁଖ୍ୟ ହେଉ କିମ୍ବା ଭାରତ-ପାକିସ୍ତାନ ସମ୍ଭାବ୍ୟ ଯୁଦ୍ଧକୁ ନେଇ ଆମେରିକା ଗୋଟିକ ପରେ ଗୋଟିଏ ରିପୋର୍ଟ ପ୍ରକାଶ କରି ଦକ୍ଷିଣ-ଏସିଆରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ ଭାରତ-ପାକିସ୍ତାନ ମଧ୍ୟରେ ପାରମାଣବିକ ଯୁଦ୍ଧ ଆଶଙ୍କାକୁ ଦୂର କରିବାରେ ଟ୍ରମ୍ପଙ୍କ ନିର୍ଣ୍ଣାୟକ ମଧ୍ୟସ୍ଥତା ବିତର୍କର ସୂତ୍ରପାତ କରିଥିଲା। ଭାରତ ତାହାର ଦୃଢ଼ ଖଣ୍ଡନ କରିଥିବା ବେଳେ ଏବେ ଚୀନ ଆମେରିକା ରାସ୍ତାରେ ଯାଇ ଅନୁରୂପ ଦାବି କରିଛି। ଏହି ଶ୍ରେୟହାସଲ ପ୍ରତିଯୋଗିତାରେ ଭାରତ ତା'ର ଉତ୍ତରରେ ଦୃଢ଼ ରହିଛି ଯେ ଭାରତ-ପାକିସ୍ତାନ ପ୍ରସଙ୍ଗରେ ତୃତୀୟ ପକ୍ଷ ମଧ୍ୟସ୍ଥତାର ସ୍ଥାନ ନାହିଁ।

'ଅପରେସନ ସିନ୍ଦୂର' ଥିଲା ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ। ଅଧିକୃତ କାଶ୍ମୀର ଓ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରିବା ଥିଲା ଭାରତର ଉଦ୍ଦେଶ୍ୟ। ଶେଷପର୍ଯ୍ୟନ୍ତ ଭାରତ ଯୁଦ୍ଧ ଘୋଷଣା କରିନାହିଁ। କେବଳ ଆକ୍ରମଣର ପାଲଟା ଜବାବ ଦିଆଯାଇଛି। ଏହାର ପୃଷ୍ଠଭୂମିରେ ଆମେରିକା ଓ ଚୀନର ଥିଲା ଭିନ୍ନ ଭୂମିକା। ନୁର୍‌ଖାଁ ଏୟାର ବେସ ଭାରତର ପାଲଟା କାର୍ଯ୍ୟାନୁଷ୍ଠାନରେ କ୍ଷତିଗ୍ରସ୍ତ ହେବା ପରେ ଆମେରିକା ନିଜର ସ୍ୱତନ୍ତ୍ର ସ୍ୱାର୍ଥ ଦୃଷ୍ଟିରୁ ବିବ୍ରତ ହୋଇପଡ଼ିଥିଲା। ଅନ୍ୟପକ୍ଷରେ ଏହି ଆକ୍ରମଣ ଓ ପ୍ରତିଆକ୍ରମଣରେ ଚୀନର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ନିଜର ସମସ୍ତ ଅତ୍ୟାଧୁନିକ ସାମରିକ ଯୁଦ୍ଧାସ୍ତ୍ର ପ୍ରୟୋଗ ଓ ପରୀକ୍ଷଣ କରିଥିଲା ସେ ପାକିସ୍ତାନ ମାଧ୍ୟମରେ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଭାରତୀୟ ସେନାବାହିନୀର ସମସ୍ତ ଗତିବିଧି ସଂପର୍କରେ ଆଗୁଆ ତଥ୍ୟ ଯୋଗାଇ ପାକିସ୍ତାନ ରଣକୌଶଳରେ ସହାୟତା କରୁଥିଲା ଚୀନ। କହିବାକୁ ଗଲେ ପାକିସ୍ତାନ, ତୁର୍କୀ ଓ ଚୀନର ମିଳିତ ସାମ୍ମୁଖ୍ୟର ମୁକାବିଲା କରିଥିଲା ଭାରତ। ନିଜର ବିଫଳତାକୁ ଲୁଚାଇବା ପାଇଁ ଚୀନ୍ ଏବେ ଯେଉଁ ମଧ୍ୟସ୍ଥତା ଦାବି କରୁଛି ତାହାର ଯଥାର୍ଥତା କେତେ ବିଶ୍ୱ ସମୁଦାୟ ଜାଣିଛି। ଦୁଇ ପଡ଼ୋଶୀ ରାଷ୍ଟ୍ରର ବିପଦରେ ପକ୍ଷଭୁକ୍ତ ହୋଇଥିବା ରାଷ୍ଟ୍ର ନିଜକୁ ମଧ୍ୟସ୍ଥି ଦାବି କରିବା ହାସ୍ୟାସ୍ପଦ। କେବଳ ସେତିକି ନୁହେଁ ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନ ପାଇଁ ଜାତିସଂଘରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିରେ ପାକିସ୍ତାନକୁ ସମର୍ଥନ ଚୀନ ଯେଉଁ ଭୂମିକା ନିଭାଇଛି ତାହା ମଧ୍ୟ ଭାରତ ସ୍ୱାର୍ଥବିରୋଧୀ। ଏଠାରେ ମନେରଖିବାକୁ ହେବ ଯେ ସାଂଘାଇ ସମ୍ମିଳନୀରେ ଭାରତର ଯୋଗଦାନ କେବଳ ଥିଲା କୂଟନୈତିକ ଆବଶ୍ୟକତା।

ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ହାସଲ ପାଇଁ ଆମେରିକା ଚୀନ ମଧ୍ୟରେ ଯେଉଁ ପ୍ରତିଯୋଗିତା ଆରମ୍ଭ ହୋଇଛି ସେଥିରୁ ସ୍ପଷ୍ଟ ଯେ ଦୁଇ ପ୍ରମୁଖ ଶକ୍ତି ଉଭୟ ଉଭୟଙ୍କୁ ଛକାଛକି ପ୍ରୟାସରେ ଅଛନ୍ତି। ଦକ୍ଷିଣ-ଏସିଆରେ ପ୍ରାଧାନ୍ୟ ଓ ପ୍ରତିପତ୍ତି ଜାହିର କରିବା ଭାରତକୁ ବାଦ ଦେଇ ସମ୍ଭବ ନୁହେଁ। ତେଣୁ ଦୁଇପକ୍ଷ ପରୋକ୍ଷରେ ଭାରତର ସମର୍ଥନ ଯେ ଲୋଡ଼ୁଛନ୍ତି ଏହା ସ୍ପଷ୍ଟ ହୋଇଛି। ●

# ରଙ୍ଗୀନ ମିଠାରେ ଜହର

**ବିଦ୍ୟାଧର ମହାରଣା**

ଇନ୍ଦ୍ରଧନୁର ସପ୍ତରଙ୍ଗ ଦର୍ଶକଙ୍କୁ ଉଲ୍ଲାସ କରେ। ସେହିପରି ରଙ୍ଗୀନ ଦୁନିଆରେ ଦର୍ଶକର ମନକୁ କିଣିନେବା ଭଳି ପ୍ରତିଟି ଜିନିଷ ଆକର୍ଷଣୀୟ ରଙ୍ଗରେ ସଜେଇ ହୋଇଛି। ବାସ୍ତବରେ ରଙ୍ଗବେରଙ୍ଗର ଦୁନିଆରେ ଗୁଣ ଅପେକ୍ଷା ରଙ୍ଗର ଆଦର ବେଶୀ। ନୀତିଶାସ୍ତ୍ରରେ ଲେଖା ଯାଇଛି 'ରୂପଯୌବନସମ୍ପନ୍ନାଃ ବିଶାଳ କୁଳ ସମ୍ଭବାଃ, ବିଦ୍ୟାହୀନାଃ ନଶୋଭନ୍ତେ ନିର୍ଗନ୍ଧାଏବ କିଂଶୁକାଃ।' ଏଣୁ ରୂପ ଅପେକ୍ଷା ଗୁଣ ଅଧିକ ମୂଲ୍ୟବାନ। ପଳାଶ ଫୁଲର ରଙ୍ଗ ଦର୍ଶକଙ୍କୁ ମୋହିତ କରିପାରେ, କିନ୍ତୁ ଭ୍ରମରକୁ ନୁହେଁ। ତଥାପି ବ୍ୟବସାୟ ଜଗତରେ ଆକର୍ଷଣୀୟ ରଙ୍ଗର ଏକ ମୂଲ୍ୟ ରହିଛି। ଦେଖୁନାହାନ୍ତି ଆମେ ଯେଉଁ ଖାଦ୍ୟ ଖାଉଛନ୍ତି ସେସବୁ କିପରି ରଙ୍ଗୀନ! ମିଠା ଦୋକାନୀ ବିନା ରଙ୍ଗରେ ଆଉ ମିଠା ପ୍ରସ୍ତୁତ କରୁନାହାନ୍ତି। ଜିଲାପି, ରସଗୋଲା, ପୋଡ଼ପିଠା, ବୁନ୍ଦିଆ, ଲଡୁ, ଗଜା, ଗୋଲାପଜାମୁ ଇତ୍ୟାଦି ମିଠାରେ ବହୁ ରାସାୟନିକ ରଙ୍ଗ ମିଶାଯାଉଥିବା ଜଣାଯାଏ। ଜଣେ ସାମ୍ବାଦିକ ବନ୍ଧୁ କଥା ପ୍ରସଙ୍ଗରେ କହିଲେ ଜଣେ ମିଠା କାରିଗର ଛଅ ପ୍ୟାକେଟ୍ ରଙ୍ଗ କିଣିବା ବେଳେ ସେ ତାଙ୍କୁ ଏହାର ଉପାଦେୟତା ବିଷୟରେ ପଚାରିଲେ। ଉତ୍ତର ମିଳିଲା ରଙ୍ଗ ନମିଶିଲେ ମିଠା ବେପାର କମିଯିବ। ଶସ୍ତା ରଙ୍ଗ ମିଶାଇ ମିଠା କରିବା ଓ ଗରାଖମାନଙ୍କୁ ଆକୃଷ୍ଟ କରିବା କୌଶଳ ଅଧିକାଂଶ ବେପାରୀ ବ୍ୟବହାର କରୁଛନ୍ତି। ବହୁ ସଂଶ୍ଳେଷିତ ରଙ୍ଗ କୋଲଟାରରୁ ପ୍ରସ୍ତୁତ ହେଉଥିବାରୁ ବିଷାକ୍ତ ହୋଇ ଶରୀରରେ ବହୁ ବ୍ୟାଧି ସୃଷ୍ଟି କରେ ଏବଂ କେତେକ ଅଙ୍ଗକୁ କ୍ଷତି ପହଞ୍ଚାଇଥାଏ। ମିଠା ସହିତ ମସଲା, ଚାହା ଓ ତେଲ ଘିଅ ମଧ୍ୟ ରଙ୍ଗୀନ୍ କରାଯାଏ।

ଆମେ ଖାଉଥିବା ମିଠାରେ ମିଶାଯାଉଥିବା ରୋଡାମିନ୍-ବି, ମେଟାଲିନ୍ ହଳଦିଆ, ସନ୍ ସେଟ୍ ହଳଦିଆ ଓ ଟାଟ୍ରାଜାଇନ୍(ଇ୧୦୨) ଏପରି ରଙ୍ଗ, ଯାହାଦ୍ୱାରା ଅତିରିକ୍ତ ଅମ୍ଳ ରୋଗ, ବିଭିନ୍ନ ଅଙ୍ଗ କ୍ଷତି ଓ କର୍କଟ ପରି ଦୁରାରୋଗ୍ୟ ମଧ୍ୟ ହୋଇପାରେ। ବେଳେବେଳେ ଶସ୍ତା ଆଲୁମିନିୟମ ଫଏଲ ମଧ୍ୟ ବ୍ୟବହାର କରାଯାଏ, ଯାହା ଅଧିକ କ୍ଷତିକାରକ। କେତେକ ରଙ୍ଗ ଅଧିକ ବିଷାକ୍ତ ହୋଇ ମୃତ୍ୟୁର କାରଣ ମଧ୍ୟ ହୋଇପାରେ।

ରୋଡାମିନ୍-ବି (ପାଟଳ/ନାଲି) କର୍କଟ ରୋଗ ସୃଷ୍ଟି କରିବା ଯୋଗୁଁ କେତେକ ରାଜ୍ୟ ଏହାକୁ ନିଷେଧ କରିଛନ୍ତି। ତେବେ କେତେକ ଅସାଧୁ ବ୍ୟବସାୟୀ ଏହାକୁ କଟନ୍ କାଣ୍ଡି ଓ ଅନ୍ୟ ମିଠାରେ ବ୍ୟବହାର କରୁଛନ୍ତି। ମେଟାଲିନ୍ ହଳଦିଆ(ହଳଦିଆ/କମଳା) ଅନୁମୋଦନ କରାଯାଇ ନ ଥିବା ଅନ୍ୟ ଏକ କ୍ଷତିକାରକ ରଙ୍ଗ, ଯାହାକୁ ମିଠାରେ ବ୍ୟବହାର କରାଯାଉଛି। ସନସେଟ୍ ହଳଦିଆ ଏଫ୍‌ସିଏଫ୍ (ଇ୧୧୦) ରଙ୍ଗ ଯୋଗୁଁ ଶିଶୁମାନଙ୍କ କାର୍ଯ୍ୟକଳାପ ଅତିମାତ୍ରାରେ ବଢ଼ିଯାଏ ଏବଂ ସେମାନେ କୌଣସି ବିଷୟରେ ଧ୍ୟାନ ନଦେଇ ସର୍ବଦା ଅନ୍ୟମନସ୍କ ହୁଅନ୍ତି। ଟାଟ୍ରାଜିନ୍(ଇ୧୦୨, ୟେଲୋ ୫)ମିଠାରେ ମିଶିବା ଫଳରେ ଯକୃତ ଓ ବୃକକ ରୋଗ ହେବା ସହିତ ବ୍ୟବହାରରେ ପରିବର୍ତ୍ତନ ଘଟିପାରେ। ଆଲୁରା ଲାଲ ଏସ((ରେଡ୍ ୪୦) ମିଠାରେ ଅଧିକ ବ୍ୟବହାର ହେବା ଦ୍ୱାରା କେତେକ ସ୍ୱାସ୍ଥ୍ୟ ସମସ୍ୟା ଓ ଅତିରିକ୍ତ ଚଳନ ସୃଷ୍ଟି ହୁଏ। ଆଲୁମିନିୟମ୍ ଫଏଲ ରୁପା ପରିବର୍ତ୍ତେ ବ୍ୟବହାର ଯୋଗୁଁ ଶରୀରରେ ଭାରି ଧାତୁ ଅବଶେଷ ରହି ବିପଦ ସୃଷ୍ଟି କରେ। ସବୁଠାରୁ ବିପଦପୂର୍ଣ୍ଣ ରଙ୍ଗ ହିସାବରେ ସୁଦାନ ଡାଇ, ରୋଡାମାଇନ୍ ବି, ମେଟାନିଲ୍ ହଳଦିଆ, କୋଲଟାର, ମାଲାଚାଇଟ୍ ସବୁଜ ଇତ୍ୟାଦି ବ୍ୟବହାର କରାଯାଏ। କିନ୍ତୁ ବଜାରରୁ ରଙ୍ଗବେରଙ୍ଗୀ ଖାଦ୍ୟ ସାମଗ୍ରୀ କିଣିବା କି ରଙ୍ଗ ବ୍ୟବହାର ହୋଇଛି ପଚାରୁନାହିଁ କି ବିକ୍ରେତା ମଧ୍ୟ ବ୍ୟବହାର କଲା ବେଳେ ଏ ବିଷୟରେ ଅବଗତ ହେଉନାହିଁ। ତେଣୁ ଖାଦ୍ୟକୁ ଲୋଭନୀୟ କରୁଥିବା ରଙ୍ଗ ଜରିଆରେ ଆମେ ବିଷ ହିଁ କିଣି ଖାଉଛୁ।

ଅତ୍ୟଧିକ ରଙ୍ଗ ବ୍ୟବହାର କରିବାର ମୁଖ୍ୟ କାରଣ ହେଉଛି ପଚା ସଢ଼ା, ଦାଗ ଥିବା ଏବଂ ନିମ୍ନ ପ୍ରକାରର ମସଲା, ମିଠା, ତେଲ ଓ ପାନୀୟଗୁଡ଼ିକ ରଙ୍ଗୀନ୍ କରି ଗ୍ରାହକଙ୍କୁ ଠକିବା। ଦ୍ୱିତୀୟ କାରଣ ହେଉଛି ଶସ୍ତା ଉପାଦାନକୁ ବ୍ୟବହାର କରି ଲୋକଙ୍କୁ ଭୁଲାଇବା। ନକଲି ରଙ୍ଗ ଦିଆଯାଇଥିବା ଖାଦ୍ୟକୁ ପରୀକ୍ଷା କରିବା ପାଇଁ ଏହାର ନମୁନାକୁ ପାଣିରେ ପକାଇଲେ ସେଥିରୁ ରଙ୍ଗ ବାହାରେ। ପ୍ରୟୋଗଶାଳାରେ ଏଚ୍.ପି.ଏଲ୍.ସି(ହାଇ ପରଫମାନ୍ସ କ୍ରୋମାଟୋଗ୍ରାଫି) ଏବଂ ଏଲ୍‌ସି-ଏମ୍‌ଏସ୍ ପ୍ରଣାଳୀରେ ନକଲି ରଙ୍ଗ ପରୀକ୍ଷା କରାଯାଏ। ମିଠା ଓ ଅନ୍ୟାନ୍ୟ ଖାଦ୍ୟରେ ଏପରି ବିଷାକ୍ତ ରଙ୍ଗ ମିଶ୍ରଣକୁ ନିୟନ୍ତ୍ରଣ କରିବା ପାଇଁ 'ଫସାସାଇ' ( ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ କର୍ତ୍ତୃପକ୍ଷ) କାର୍ଯ୍ୟ କରେ। ଖାଦ୍ୟ ସୁରକ୍ଷା ଓ ମାନକ ନିୟନ୍ତ୍ରଣ ଆଇନ୍ ୨୦୧୧ ଅନୁସାରେ କେଉଁ ରଙ୍ଗ ମିଠାରେ ମିଶାଯାଇ ପାରିବ ଏବଂ କେଉଁଗୁଡ଼ିକ ନିଷେଧ ତାହାକୁ 'ଫସାସାଇ' ସ୍ଥିର କରେ। ଅନୁମୋଦିତ ରଙ୍ଗ ପାଇଁ ସ୍ୱତନ୍ତ୍ର ଆଇ.ଏନ୍.ଏସ୍ (ଅନ୍ତର୍ଜାତୀୟ ନମ୍ବର ସିଷ୍ଟମ) ସଂଖ୍ୟା ଦିଆଯାଏ। ପ୍ରତି ରଙ୍ଗର ଅନୁମୋଦିତ ମାତ୍ରାରେ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଏ। 'ଫସାସାଇ' ଆଠ ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର ପାଇଁ ଅନୁମୋଦନ କରିଛି। ଟାଟ୍ରାଜିନ୍ ୧୦୨ ମିଠା, ପାନୀୟ ଓ ପାଉଁରୁଟି ଇତ୍ୟାଦିରେ, ସନ ସେଟ ହଳଦିଆ ଏଫ୍ ସି ଏଫ୍ ୧୧୦ ମୃଦୁ ପାନୀୟ, ବିସ୍କୁଟ, ଜାମ୍ ତିଆରିରେ, କାର୍ମୋସାଇନ୍ ୧୨୨ ଆଇସକ୍ରିମ୍, ଡେଜର୍ଟ ଓ କନ୍‌ଫେକସନସ ପାଇଁ, ପୋନସିଉ ୪ଆର ୧୨୪ କାଣ୍ଡି, ପାଉଁରୁଟି, ପାନୀୟ ପାଇଁ, ଏରିଥ୍ରୋସାଇନ ୧୨୭ ଉଜ୍ଜ୍ୱଳ ଚେରୀ କେକ୍ ଓ ସାଜସଜ୍ଜା ପାଇଁ, ଆଲୁରା ନାଲି ଏ ସି ୧୨୯ ମୃଦୁ ପାନୀୟ, ଜେଲି, ସିରପ ପାଇଁ, ଉଜ୍ଜ୍ୱଳ ନୀଳ ଏଫ୍‌ସିଏଫ୍ ୧୩୩ ଆଇସ ପପ୍, କ୍ଷୀର ଉତ୍ପାଦ ଓ କାଣ୍ଡି ପାଇଁ ଏବଂ ଇଣ୍ଡିଗୋ କାରମାଇନ ୧୩୨ କାପସୁଲ, ମିଠା ଓ ବେକରୀ ଆଇଟମ ପାଇଁ ବ୍ୟବହାର କରାଯାଇପାରିବ। ପ୍ରାକୃତିକ ରଙ୍ଗ ହିସାବରେ କାରମେଲ ମିଠା ପାଇଁ, ହଳଦୀ ଓ ସାଫ୍ରନ ମିଠା ପାଇଁ, ବେଟା କାରୋଟିନ ଚକଲେଟ ପାଇଁ, କ୍ଲୋରୋଫିଲ୍ ମଟର ପାଇଁ, ରିବୋଫ୍ଲାବିନ ମିଠାଇ ପାଇଁ ଓ ଆନାଟୋଖାଇବା ତେଲ ପାଇଁ ବ୍ୟବହାର ହୋଇପାରେ। ଏହି ରଙ୍ଗଗୁଡ଼ିକ ରାସାୟନିକ ରଙ୍ଗ ଅପେକ୍ଷା ନିରାପଦ।

ତେବେ ଏଥିପାଇଁ କେତେକ ନିୟମାବଳୀ ରହିଛି। କେବଳ 'ଫସାସାଇ' ଅନୁମୋଦିତ ରଙ୍ଗ ବ୍ୟବହାର କରିବା ସହିତ ଆଇଏନ୍‌ଏସ୍ ସଂଖ୍ୟା ସହିତ ନାମ ଚିହ୍ନଟ ଫଳକରେ ବା ଲେବୁଲ ଉପରେ ଉଲ୍ଲେଖ ରହିବ। କେବେବି ଅନ୍ୟ ରଙ୍ଗ ଏହା ସହିତ ମିଶିବ ନାହିଁ। ଅନୁମୋଦିତ ରଙ୍ଗ ସର୍ବାଧିକ ୧୦୦ ନିୟୁତାଂଶ ହିସାବରେ ବା କିଲୋଗ୍ରାମ ପ୍ରତି ୧୦୦ ମିଲିଗ୍ରାମ ହିସାବରେ ବ୍ୟବହାର ହୋଇପାରିବ। ଏହାର ଅବମାନନାକାରୀଙ୍କ ଉପରେ କଠୋର ଜୋରିମାନା ହୋଇପାରେ କିମ୍ବା ତାଙ୍କର ଲାଇସେନ୍ସ ବାତିଲ ହୋଇପାରେ। ଯାଞ୍ଚ ଓ ଦଣ୍ଡବିଧାନ ସୁପାରିସ ଦାୟିତ୍ୱ ରାଜ୍ୟ ଖାଦ୍ୟ ପରିଦର୍ଶକ( ଫୁଡ୍ ଇନ୍‌ସପେକ୍ଟର)ଙ୍କର। କିନ୍ତୁ ଏ ଦିଗରେ ଆଶାନୁରୂପ ତତ୍ପରତା ପ୍ରକାଶ ପାଉ ନଥିବା ଦେଖାଯାଉଥିବାରୁ ଆମେ ନିଜେ ହିଁ ସତର୍କ ହେବାକୁ ପଡ଼ିବ।

ଯେଉଁ ମିଠା ବା ରଙ୍ଗୀନ୍ ଖାଦ୍ୟ ଆମେ କିଣିବାକୁ ଯାଉଛେ ପ୍ରଥମେ ତା' ଉପରେ ଥିବା ଲେବେଲ ଭଲ ଭାବରେ ପଢ଼ିବା ଆବଶ୍ୟକ। କାରଣ 'ଫସାସାଇ' ଖାଦ୍ୟରେ ଥିବା ଅନୁମୋଦିତ ଉପାଦାନ ଓ ପରିମାଣ ଲିପିବଦ୍ଧ କରନ୍ତି। ଦ୍ୱିତୀୟରେ, ଯେଉଁ ମିଠା ଦୋକାନ ଦୀର୍ଘଦିନ ଧରି ବିନା ଅଭିଯୋଗରେ ସଠିକ ବ୍ରାଣ୍ଡ ନାମରେ ବ୍ୟବସାୟ କରୁଛନ୍ତି ସେହି ଦୋକାନରୁ ମିଠା କିଣିବା ନିରାପଦ। ତୃତୀୟରେ, ଯେଉଁ ମିଠା ଅତ୍ୟଧିକ ଉଜ୍ଜ୍ୱଳ ରଙ୍ଗ ଦେଖାଯାଏ ତାହାକୁ ପରିହାର କରିବା ଭଲ। କ୍ଷୀର ଓ ଛେନାରୁ ତିଆରି ମିଠା ସର୍ବଦା ଧଳା କିମ୍ବା ହାଲୁକା କ୍ରିମ ରଙ୍ଗ ହେବା ଆବଶ୍ୟକ। ଯଦି ମିଠାରୁ ରଙ୍ଗ ଝରେ କିମ୍ବା ମିଠାରୁ ଅଲଗା ହୋଇଥାଏ ତେବେ ଏହା ନିଶ୍ଚିତ ଭାବରେ ରାସାୟନିକ ରଙ୍ଗ। ଅଣ ପଞ୍ଜୀକୃତ ବ୍ୟବସାୟୀ ବିନା 'ଫସାସାଇ' ଲେବୁଲରେ ଓ ବିନା ଲୋଗୋରେ ବିକ୍ରି କରୁଥିଲେ ଏଗୁଡ଼ିକ ସନ୍ଦେହଜନକ। ଗୋଟିଏ ତୁଳା ଗୁଳା କିମ୍ବା ଧଳା ଟିସୁ କାଗଜ ଉପରେ କେଇ ବୁନ୍ଦା ପାଣି ବା ଖାଇବା ତେଲ ପକାଇ ଧୀରେ ଧୀରେ ମିଠା ଉପରେ ଘଷିଲେ ଏହା ଯଦି ଶୀଘ୍ର ରଙ୍ଗୀନ ହୋଇଯାଏ ତେବେ ମିଠାରେ ରାସାୟନିକ ରଙ୍ଗ ମିଶିବାର ଜଣାଯାଏ। ରଙ୍ଗ ନଲାଗିଲେ କିମ୍ବା ହାଲୁକା ହେଲେ ମିଠା ନିରାପଦ ବୋଲି ଜଣାଯାଏ। ଅଧିକ ଜାଣିବା ପାଇଁ 'ଫସାସାଇ' ଡାର୍ଟ ( ଡିଟେକ୍ଟ ଆଡଲ୍ଟରେସନ ଉଇଥ ରାପିଡ ଟେଷ୍ଟ) ମାନୁଆଲ ପଢ଼ିବା ଉଚିତ। ବଜାରରେ ମିଳୁଥିବା ରଙ୍ଗୀନ ମିଠାର ଅପମିଶ୍ରଣରୁ ରକ୍ଷା ପାଇବା ପାଇଁ ଜନ ସଚେତନତା ଅତ୍ୟନ୍ତ ପ୍ରୟୋଜନ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ହାଟ-ବାଟ-ଘାଟ

**ଅର୍ଜୁନ ଘଡ଼େଇ**

ସଂସାର ହାଟ ସବୁଦିନ ବସେ। ବିକା କିଣା ଚାଲେ। ଫେରିବା ବାଟରେ ଭଲ-ମନ୍ଦ, କର୍ମ-ଅକର୍ମ ବିଚାର ଚାଲେ ମନରେ। ଘାଟ ପାଖରେ ଘାଟୁଆର ସତର୍କତା ଯୋଗୁଁ ସଠିକ୍ ସମୟରେ ପହଞ୍ଚିଗଲେ ଘାଟ ପାରି ସହଜ ହୁଏ, ନ ହେଲେ ଘାଟରେ ଅଘଟଣ ଘଟେ। ଏକଥା ମଣିଷ ଜାଣିଲେ ବି ଅଜଣା ଭାବେ ସାଂସାରିକ କର୍ମ ନିର୍ବାହ କରିଥାଏ। ଜୀବନର ଶକ୍ତି-ଗତି-ମୁକ୍ତି ସବୁ କିଛି ବଦଳିଥାଏ 'ହାଟ-ବାଟ-ଘାଟ'ର ସାମାଜିକ ତତ୍ତ୍ୱ ନ ଜାଣିପାରିବାରୁ। ସମାଜ ହାଟ ପରି ସଂସାର ହାଟ ସବୁବେଳେ ଚାଲିଛି।

ହାଟ-ନାଟ, ବାଟ-ଘାଟ ସବୁ କିଛି ମନେରଖି ଠିକ୍ ସମୟରେ ଶେଷ କରିବା ପ୍ରତ୍ୟେକ ସଚେତନ ମଣିଷର ସାଂସାରିକ କର୍ମ। ଜୀବନର ଏଇ ତିନୋଟି ପର୍ଯ୍ୟାୟ ଅତିକ୍ରମ କରିବା ଯେତିକି ସହଜ, ସେତିକି ଅସହଜ। ଈଶ୍ୱର ବି ମାନବୀୟ ଲୀଳା କରନ୍ତି ସଂସାରରେ। ବିଦାୟ ବି ନିଅନ୍ତି ଠିକ୍ ସମୟରେ। ଜୀବନସାରା କରିଥିବା ସମସ୍ତ କର୍ମର ଫଳ କିମ୍ବା ପୂର୍ବଜନ୍ମ ସୁକୃତର ଫଳ ଭୋଗୀବାକୁ ସଂସାର ହାଟରେ ବହୁ ନାଟ କରିବାକୁ ପଡ଼େ। ମାତୃଗର୍ଭରୁ ଜନ୍ମ ଘାଟ ଦେଇ ଆସିବା ବେଳେ ସତର୍କ କରିଥା'ନ୍ତି ପରମେଶ୍ୱର। ପ୍ରତିଶ୍ରୁତି ବି ଦେଇଥାଏ ଜୀବ, ତାଙ୍କରି ନିର୍ଦ୍ଦେଶିତ କାମ କରିବ ସଂସାରରେ। ସାଂସାରିକ କର୍ମମୟ ଜୀବନ ସରିଲେ ଅପେକ୍ଷାରତ 'ଘାଟୁଆ'ଙ୍କ କଥା ମାନି ଠିକ୍ ସମୟରେ ସଂସାରରୁ ବିଦାୟ ନେବାକୁ ହେବ। ଏକଥା ମଣିଷ ସ୍ମରଣ ରଖେ ନାହିଁ। ବାଟ ଭୁଲେ। ଶେଷରେ ଜୀବନ ଘାଟରେ ପାରି ହୋଇ ନ ପାରି ଦୁଃଖ ଯନ୍ତ୍ରଣା ଭୋଗେ। ଏହା ହିଁ ବିଡ଼ମ୍ବନା।

ଜୀବନ-ଜୀବିକା ପାଇଁ ସଂସାର ହାଟ ବସେ। ଅନେକ ଲୋକଙ୍କର ସମାବେଶରେ, ଦୁଃଖ-ସୁଖ କଥାବାର୍ତ୍ତା ଭିତରେ କ୍ରେତା-ବିକ୍ରେତାଙ୍କ ସଂପର୍କ କିନ୍ତୁ ନିର୍ଦ୍ଦିଷ୍ଟ ଥାଏ। ବିକ୍ରେତା ଭାବେ ଉଚିତ ଦରରେ ଜିନିଷ ବିକୁଛି କି ନାହିଁ, କ୍ରେତା ଭାବେ ଉଚିତ୍ ମୂଲ୍ୟରେ ଠିକ୍ ଜିନିଷ କିଣୁଛି କି ନାହିଁ ବିଚାର ଚାଲେ ମନରେ। ଦ୍ରବ୍ୟର ଭଲ-ମନ୍ଦର ବିଚାର କରି ଉଚିତ ଦାମ୍‌ରେ ଜିନିଷ କିଣିପାରିଲେ ଖୁସି ହୁଏ କ୍ରେତା। ଟିକିଏ ଆନମନା ହେଇ କ୍ରୟ କଲେ ଖରାପ ଜିନିଷ ବ୍ୟାଗରେ ରଖି ଘରକୁ ଫେରେ, ମନସ୍ତାପ କରେ। ସଂସାର ହାଟରୁ ଜିନିଷ କିଣିବାରେ ସତର୍କତା ଅବଲମ୍ବନ କରିବା ଜରୁରୀ ମନେ ହୁଏ। ହୃଦୟ ଭିତରେ ହରି ହାଟ ବସେ। ହାଟରେ ପାଞ୍ଚ ଲୋକଙ୍କ ପରି ପଚିଶ ପ୍ରକୃତି ଅନେକ ଜିନିଷ କିଣିବାକୁ ଚାହାନ୍ତି। କିନ୍ତୁ ଯାହା ଶରୀର ଉପଯୋଗୀ, ଆତ୍ମାର ସୁଖ, ଶାନ୍ତି ପାଇଁ ଆବଶ୍ୟକ ସେପରି ଦ୍ରବ୍ୟ ଏବଂ ଗୁଣ ଗ୍ରହଣ ନକରି ଅଦରକାରୀ ଗୁଣ ଗ୍ରହଣ କଲେ, ସମାଜ ହାଟରେ ଅମନଯୋଗିତାରୁ ମନ୍ଦ ଜିନିଷ କିଣି ମନସ୍ତାପ କଲା ପରି, ଶରୀର କଷ୍ଟ ପାଏ, ଆତ୍ମା ଅସୁଖୀ ହୁଏ। 'ହାଟ-ନାଟ' ପୁଣି ନିର୍ଦ୍ଧାରିତ ସମୟରେ ସାରିବାକୁ ହୁଏ। ନହେଲେ ବିକ୍ରେତା ଜିନିଷ ବିକି ନ ପାରି ଯେତିକି ଦୁଃଖୀ ହୁଏ, ସେତିକି ଦୁଃଖୀ ହୁଏ କ୍ରେତା ଜଣଙ୍କ। ଭଲ ଜିନିଷ ପରଖି ନପାରି ତରବରରେ ଖରାପ ଜିନିଷ କିଣି ଘରକୁ ଫେରିଲେ ମନସ୍ତାପ କରେ। ସଂସାର ହାଟରୁ ଜୀବନ ସଉଦା କରିବା ପାଇଁ ଆମର ଚେତନା ଶକ୍ତିର ଆବଶ୍ୟକତା ଯଥେଷ୍ଟ ରହିଛି।

ରାତି ହୋଇଗଲେ ବାଟ ଭୁଲିଯିବାର ସମ୍ଭାବନା ଥାଏ। ଚଞ୍ଚଳ ପହଞ୍ଚିବାର ମାନସିକତା ସୃଷ୍ଟି ହେଲେ, କାହାର ପରାମର୍ଶରେ ସଅଳ ପହଞ୍ଚିବାର ବାଟ ଖୋଜିଲେ ବିପଦ ଘଟିବାର ଆଶଙ୍କା ଥାଏ। ପଥଭ୍ରଷ୍ଟ ହେଲେ ଘାଟରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବା ସମ୍ଭବ ହୁଏନି। ଫେରିବାର ରାସ୍ତା ଆମେ ହାଟକୁ ଆସିବା ବେଳେ ଜାଣିଥିଲେ ଯେତେବେଳେ ଫେରିବା ବେଳେ ଭୁଲିଯିବା କେମିତି? ଅବଶ୍ୟ ଯିଏ ଯେଉଁ ବାଟରେ ଗଲେ ବି ଘାଟରେ ପହଞ୍ଚିବା। କିନ୍ତୁ ଅବାଟରେ ଗଲେ ବା ଅବାଟରେ ଫେରିଲେ କଣ୍ଟା ମାଡ଼ିବା, କ୍ଷତାକ୍ତ ହେବା ପରି ପରିଣାମ ଭୋଗୀବାକୁ ପଡ଼ିପାରେ। ଏକଥା ପ୍ରତି କ'ଣ ଆମେ ସତର୍କ ହେବା /ସଚେତନ ହେବା ଉଚିତ ନୁହେଁ? ଏକଥା ଆମେ ଜାଣିଛେ, ପୁଣି ଭୁଲ୍ କରୁଛେ। ହାଟ ମୋହରେ ମନକୁ ଚଞ୍ଚଳ କରି ବାଟ ଭୁଲିବା ପରି, ସଂସାର ମୋହରେ ଆସକ୍ତ ହୋଇ ଜୀବନ-ରାସ୍ତା ଭୁଲି ଯିବା ବିଜ୍ଞତାର ପରିଚାୟକ ନୁହେଁ। ଆମର ସଠିକ୍ କର୍ମ ହିଁ ଆମକୁ ଉପଯୁକ୍ତ ମାର୍ଗ ଦେଖାଇଥାଏ। ସଂସାର କର୍ମରେ ଅସଂଯତ ହେଲେ ଜୀବନ-ପଥ କଣ୍ଟକିତ ହୁଏ, ସତ୍‌କର୍ମ ହିଁ ସତ୍‌ମାର୍ଗ ସୃଷ୍ଟି କରେ।

ଏଥର ବିଚାର କରିବା 'ଘାଟ' କଥା। 'ଘାଟୁଆ' ବଡ଼ ଚାଲାକ। ବିଚାରବନ୍ତ ନାବିକଟିଏ। ସଂସାର ହାଟକୁ ଆସିବା ବେଳେ ଅନେକ ପରାମର୍ଶ ଦେଇଥାଏ ଉଭୟ କ୍ରେତା ବା ବିକ୍ରେତାମାନଙ୍କୁ। ବିକ୍ରେତାଙ୍କୁ କହେ 'କଷି କଷାଇ ଧନ ଦେବ, ନହେଲେ ବାହୁଡ଼ାଇ ଦେବ।' କ୍ରେତାଙ୍କୁ କୁହେ, 'ଚଞ୍ଚଳ ମନା ନହୋଇ ଭଲ-ମନ୍ଦ ପରଖି ଜିନିଷ କିଣିବ।' ସମୟ ଭିତରେ ବେଳଥାଉଁ ଥାଉଁ କିଣା, ବିକା ସାରି ଘାଟରେ ପହଞ୍ଚିବା ପାଇଁ ବି ସତର୍କ କରିଥାଏ ନାଉରିଆ। ତା'ର ସବୁକଥା ମାନିଗଲେ 'ହାଟ-ନାଟ' ଖୁସିରେ ସରିବ। ଫେରିବା ବାଟ ଭୁଲି ହେବ ନାହିଁ କିମ୍ବା ଘାଟ ପାରି କରିବାକୁ ନାଉରିଆ ଅପେକ୍ଷା କରିବ ନାହିଁ। କିନ୍ତୁ ଆମେ ସେସବୁକୁ ସ୍ମରଣ ନ ରଖିପାରିବା କାରଣରୁ ଦୁଃଖ, ଯନ୍ତ୍ରଣା ଭୋଗିବାକୁ ବାଧ ହେଉଛେ ଏ ସଂସାରରେ ହାଟରେ ଏହା ହିଁ ବାସ୍ତବତା।

ଆମେ ସଂସାର ହାଟରେ ମୋହବଶତଃ ଏତେ କିଣା-ବିକା କରି ସମୟ ନଷ୍ଟ କରିବା କାହିଁକି? କିଏ କେମିତି କାହାକୁ ଦଉଛି, କିଏ କେମିତି କାହାଠାରୁ ନେଉଛି, ଏସବୁର ବିଚାର ଉପରେ ଲେଖା ଚାଲିଛି। ନିର୍ଦ୍ଧାରିତ ବି ହୋଇ ସାରିଛି କିଏ, କ'ଣ ପାଇଁ ଏ ସଂସାର-ହାଟକୁ ଆସିଛି? କେମିତି ଫେରିବ? କେଉଁଠିକି ଫେରିବ?

'ହାଟ-ବାଟ-ଘାଟ' ଏସବୁ ସାମାଜିକ ଜୀବନର ଗୋଟିଏ ଗୋଟିଏ ପାହାଚ ବା ଅବସ୍ଥା। ଆମର ଆଧ୍ୟାତ୍ମିକ ଚେତନା ବଳରେ ସମସ୍ତ ସାମାଜିକ କର୍ମ ଈଶ୍ୱର ସମର୍ପିତ ହେବା ବିଧେୟ। ଅକର୍ମ-କୁଚିନ୍ତା ପରି ମାନସିକତା ଦୂରୀଭୂତ କରି ସଂସ୍କାରପୂର୍ଣ୍ଣ ଜୀବନ ନିର୍ବାହ କଲେ ସଂସାର ସାଗର ପାର କରିବା ପାଇଁ ଅକର୍ମ-କର୍ମ ଦାୟକ, କୃପାମୟ ନାରାୟଣ କୃପା କରିବେ ଏହା ସୁନିଶ୍ଚିତ। ଜୀବନରେ ସାମାଜିକ ସମସ୍ୟାର ସମାଧାନ କରିବାର ମାଧ୍ୟମ ଆମର ସୁକର୍ମର ଫଳ ବା ଈଶ୍ୱରଙ୍କ କୃପା ଭାବେ ଗ୍ରହଣୀୟ ହେବ, ଯେତେବେଳେ ଆମେ ସଂସାର ହାଟ ଭଲରେ ସାରି ଠିକ୍ ରାସ୍ତାରେ ଫେରି, ଭଲରେ ଘାଟ ପାରିହେବା। ●

ଦାଣ୍ଡମୁକୁନ୍ଦପୁର(ପୁରୀ),ମୋ: ୯୪୩୮ ୦୪୮ ୬୧୫

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ପଦ୍ମସମ୍ଭବ ସମଗ୍ର ବିଶ୍ୱରେ 'ଉଡ୍ଡୀୟାନ ଗୁରୁ' ଭାବେ ସୁପରିଚିତ। କାରଣ ସେ ହେଉଛନ୍ତି ଉଡ୍ଡୀୟାନ କ୍ଷେତ୍ରରେ ଜନ୍ମିତ ଏବଂ ମୂଳ ବାସିନ୍ଦା। ସେ ହେତୁ ଉଡ୍ଡୀୟାନ ସହ ସଂଯୁକ୍ତ ତଥା ସଂପର୍କୀତ ପ୍ରସଙ୍ଗ, ଯେପରିକି ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, ସମ୍ଭଳ, ଲଙ୍କାପୁରୀ ସହୋର, ଶାନ୍ତରକ୍ଷିତ ଆଦିଙ୍କ ସମ୍ପର୍କରେ ମଧ୍ୟ ପୂର୍ବରୁ ସମ୍ୟକ୍ ଭାବେ ଆଲୋଚନା କରାଯାଇଛି।

ଆଲୋଚ୍ୟ ବୃତ୍ତାନ୍ତର ମୁଖ୍ୟ ପ୍ରସଙ୍ଗ ହେଉଛି 'ଉଡ୍ଡୀୟାନ'। ଏଣୁ ସେ ସଂପର୍କରେ ମଧ୍ୟ ଏକ ସ୍ୱତନ୍ତ୍ର ଅଧ୍ୟାୟରେ ବିସ୍ତୃତଭାବେ ଆଲୋଚନା କରାଯାଇଛି। ଉଡ୍ଡୀୟାନ ସଂପର୍କୀୟ ସମସ୍ତ ଆଲୋଚନାର ଅନ୍ତିମ ନିଷ୍କର୍ଷ ଅଥବା ସିଦ୍ଧାନ୍ତ ହେଉଛି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର ହେଉଛି ବର୍ତ୍ତମାନର ଓଡ଼ିଶା। ଏହା ଏକ ନିର୍ଦ୍ଦିଷ୍ଟ ସ୍ଥାନ ନୁହେଁ, ବରଂ ଏକ ବିରାଟ ଭୂଖଣ୍ଡ, ଯାହା ପ୍ରାଚୀନ କାଳରେ 'ଉଡ୍ଡୀୟାନ' ଭାବେ ପରିଚିତ ଥିଲା।

ସିଦ୍ଧ ଇନ୍ଦ୍ରଭୂତି ହେଉଛନ୍ତି ପ୍ରାଚୀନ ସମ୍ଭଳ ବା ସମ୍ବଳକ ରାଜ୍ୟର ରାଜା। ଏହି ସମ୍ବଳ ଥିଲା ଉଡ୍ଡୀୟାନ କ୍ଷେତ୍ରର ଏକ ଅଂଶବିଶେଷ। ପ୍ରାଚୀନ ସମ୍ଭଳ ହେଉଛି ବର୍ତ୍ତମାନର ଓଡ଼ିଶାର ଅବିଭକ୍ତ ତଥା ବୃହତ୍ତର ସମ୍ବଲପୁର ଅଞ୍ଚଳ। ଇନ୍ଦ୍ରଭୂତିଙ୍କ ଭଗିନୀ ଭଗବତୀ ଲକ୍ଷ୍ମୀଙ୍କରା, ଯେ କି ଜଣେ ସିଦ୍ଧସାଧିକା, ସେ ମଧ୍ୟ ଥିଲେ ସମ୍ବଲପୁରର ସନ୍ନକଟ ଲଙ୍କାପୁରୀର ରାଜବଧୂ। ଏହି ଲଙ୍କା ହେଉଛି ବର୍ତ୍ତମାନର ପଶ୍ଚିମଲଙ୍କା ଅଥବା ସୋନପୁର (ସୁବର୍ଣ୍ଣପୁର) ଅଞ୍ଚଳ। ସୋନପୁର ହେଉଛି ସମ୍ବଲପୁରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ।



ଦ୍ୱିତୀୟ-ବୁଦ୍ଧ କଥା

ସହୋର ବା ଜାହୋର ହେଉଛି ଆଚାର୍ଯ୍ୟ ଶାନ୍ତରକ୍ଷିତ ଏବଂ ତାଙ୍କ ଭଗିନୀ ମନ୍ଦରଭାଙ୍କ ରାଜ୍ୟ। ମନ୍ଦରଭା ଗୁରୁପଦ୍ମସମ୍ଭବଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ଦ୍ୱିତୀୟ ପତ୍ନୀ ଭାବେ ସାରାଜୀବନ ପଦ୍ମସମ୍ଭବଙ୍କ ସହ ରହିଥିଲେ। ଏହି ସହୋର ମଧ୍ୟ ହେଉଛି ଦଶମ ଶତାବ୍ଦୀର ବୌଦ୍ଧାଚାର୍ଯ୍ୟ ଦୀପଙ୍କର ଶ୍ରୀଜ୍ଞାନ ଅଥବା ଅତୀସଙ୍କର ରାଜ୍ୟ। ସେ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କ ବଂଶଧର ଏବଂ ଗୋଟିଏ ରାଜ ପରିବାରର। ଏହି ସହୋର ବା ଜାହୋରକୁ ବର୍ତ୍ତମାନର ବିହାର-ବଙ୍ଗଳା ସୀମା ନିକଟରେ ଭାଗଲପୁର ନିକଟସ୍ଥ ଗଙ୍ଗାନଦୀ ତଟରେ ଅବସ୍ଥିତ ବିକ୍ରମଶିପୁରକୁ ଚିହ୍ନଟ କରାଯାଇଛି।

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଚରିତ ସହ ସଂଯୁକ୍ତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟପଟ୍ଟ ହେଉଛି ମନ୍ଦରଭା ଏବଂ ୟେଶେ ସୋଗ୍ୟାଲଙ୍କୁ ନେଇ। ଗୁରୁଙ୍କର ପ୍ରଥମ ପତ୍ନୀ ହେଉଛନ୍ତି ସିଂଘଳ ଅଥବା ସିଂହପୁରର ରାଜକୁମାରୀ ଭାସଧାରା। ପଦ୍ମସମ୍ଭବ ସମ୍ଭଳରୁ ନିର୍ବାସିତ ହେଲା ବେଳ ସେ ଭାସଧାରାଙ୍କୁ ଉଡ୍ଡୀୟାନରେ ଅଥବା ସମ୍ଭଳ ରାଜ୍ୟପ୍ରାସାଦରେ ହିଁ ଛାଡ଼ି ଏକା ଏକା ରାଜ୍ୟ ପରିତ୍ୟାଗ କରି ଚାଲିଗଲେ। ଭାସଧାରାଙ୍କ ସହ ତାଙ୍କର ପରବର୍ତ୍ତୀ କାଳରେ ମଧ୍ୟ କୌଣସି ପ୍ରକାର ସଂପର୍କ ହିଁ ନଥିଲା। ସେ ବିରଜା କ୍ଷେତ୍ରରେ ସିଦ୍ଧି ଲାଭ କରିବା ପରେ ରତ୍ନଗିରି ମହାବିହାରରେ କିଛି କାଳ ଶିକ୍ଷା ଲାଭ କରିବା କରିସାରି ଭାରତ ଭ୍ରମଣ କରିବା ସମୟରେ ମନ୍ଦରଭାଙ୍କ ରାଜ୍ୟ ଦେଇ ଯାଉଥିବା କାଳରେ କୌଣସିମତେ ଏହି ରାଜକନ୍ୟାଙ୍କ ସହ ପଦ୍ମସମ୍ଭବଙ୍କ ସଂପର୍କ ସ୍ଥାପନ ହୋଇଥିଲା। ଘଟଣାକ୍ରମେ ସେ ମନ୍ଦରଭାଙ୍କୁ ବିବାହ ମଧ୍ୟ କରିଥିଲେ। ମନ୍ଦରଭା ସମଗ୍ର ଜୀବନକାଳ ପଦ୍ମସମ୍ଭବଙ୍କ ସଙ୍ଗିନୀ ଓ ପତ୍ନୀ ଭାବେ ବିତାଇଥିଲେ। ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇପାରିଥିଲେ। ଗୁରୁ ପଦ୍ମସମ୍ଭବ ତିବ୍ବତରେ ପହଞ୍ଚିବା ପରେ ତିବ୍ବତର ରାଜା ତାଙ୍କର ନବ ବିବାହିତା ପତ୍ନୀ ତଥା ଅତ୍ୟନ୍ତ ଯୋଗ୍ୟା ୟେଶେ ସୋଗ୍ୟାଲଙ୍କୁ ପଦ୍ମସମ୍ଭବଙ୍କ ଦାୟିତ୍ୱ ଏବଂ ଯତ୍ନ ନେବା ସହ ତାଙ୍କୁ ସମସ୍ତ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବା କାର୍ଯ୍ୟରେ ନିୟୋଜିତ କରିଥିଲେ। ଏହି ୟେଶେ ପଦ୍ମସମ୍ଭବଙ୍କ ଜଣେ ଅତ୍ୟନ୍ତ ଦାୟିତ୍ୱସଂପନ୍ନ ସହଯୋଗୀ ତଥା ବ୍ୟକ୍ତିଗତ ଏବଂ ଧାର୍ମିକ ସମସ୍ତ କାର୍ଯ୍ୟରେ ସେ ତିବ୍ବତରେ ରହିଥିବା ସମୟରେ ସବୁଠାରୁ ନିକଟତମ ସହଯୋଗୀ ହୋଇପାରିଥିଲେ। ପଦ୍ମସମ୍ଭବଙ୍କ ଧାର୍ମିକ ସାଧନାରେ ମଧ୍ୟ ସେ ସଙ୍ଗିନୀ ହୋଇପାରିଥିଲେ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡେଲିଭରୀ ବଏ...

କରିବାକୁ ପଡିବ, ଯାହା ସେମାନଙ୍କର ଆଧାର କାର୍ଡ ସହିତ ଲିଙ୍କ୍ ହେବ। ଶ୍ରମିକଙ୍କ ତଥ୍ୟ ଇ-ଶ୍ରମ ପୋର୍ଟାଲରେ ରେକର୍ଡ କରାଯିବ। ଯେପରି ପିଏଫ୍ କଟୁଥିବା କର୍ମଚାରୀମାନଙ୍କର ଏକ ସ୍ଥାୟୀ ନମ୍ବର ଥାଏ, ସେହିପରି ଗିଗ୍ କର୍ମୀଚାରୀଙ୍କୁ ମଧ୍ୟ ଏକ ଅନନ୍ୟ ପରିଚୟ ନମ୍ବର ଦିଆଯିବ। ପ୍ରତ୍ୟେକ ପଞ୍ଜିକୃତ କର୍ମଚାରୀ ଏକ ଡିଜିଟାଲ୍ ପରିଚୟ ପତ୍ର ପାଇବେ, ଯାହା ସାରା ଦେଶରେ ସେମାନଙ୍କର ପରିଚୟ ଏବଂ ଯୋଗ୍ୟତା ପ୍ରମାଣିତ କରିବ।

### ଫେବୃଆରୀରୁ ରହିବନି...

ପଡୁଥିଲା। ଏହାଦ୍ୱାରା ୟୁଜର୍ସଙ୍କୁ ପରେ ଡକ୍ୟୁମେଣ୍ଟ ଦେବାକୁ ପଡୁଥିଲା। କିନ୍ତୁ ଏବେ ଏହି ନୂଆ ପଦକ୍ଷେପରେ କେଓ୍ୱାଇଭିର ଆବଶ୍ୟକତାକୁ ଶେଷ କରିଦିଆଯାଇଛି। ଯେଉଁ ଗାଡ଼ିରେ ପୂର୍ବରୁ ଫାସ୍ଟ୍ୟାଗ ରହିଛି। ସେମାନଙ୍କ ପାଇଁ ମଧ୍ୟ ରୁଟିନ କେଓ୍ୱାଇଭିର ଆବଶ୍ୟତା ରହିବନି। ଏହି ଯାଞ୍ଚ କେବଳ ସ୍ୱତନ୍ତ୍ର ମାମଲାରେ ହେବ, ଯେମିତି କି ଫାସ୍ଟ୍ୟାଗ ଭୁଲ ଉପାୟରେ ଜାରି ହୋଇଥିଲେ କିମ୍ବା ଅନୁଚିତ ବ୍ୟବହାର ହୋଇଥିବା ଅଭିଯୋଗ ଆସିଥିଲେ। ଯଦି କୌଣସି ଅଭିଯୋଗ ହୋଇନାହିଁ ତା' ହେଲେ ପୁରୁଣା କାରର ଫାସ୍ଟ୍ୟାଗ ଉପରେ କୌଣସି କେଓ୍ୱାଇଭି କରିବାକୁ ପଡ଼ିବନି। ବ୍ୟାଙ୍କଗୁଡ଼ିକ ଏବେ ବାହନ ପୋର୍ଟାଲରେ ଗାଡ଼ିର ବିବରଣୀ ଯାଞ୍ଚ କରିବା ପରେ ହିଁ ଫାସ୍ଟ୍ୟାଗ ଆକ୍ଟିଭ କରିପାରିବେ। ଏବେ ପ୍ରଥମେ ଆକ୍ଟିଭ ଏବଂ ତା' ପରେ ଯାଞ୍ଚ ସିଷ୍ଟମକୁ ବନ୍ଦ କରାଯାଇଛି।

### ନିଃଶ୍ୱାସକୁ ପାଉନି...

କରିଥିବା ତଥ୍ୟ ଆହୁରି ଚିନ୍ତା ବଢ଼ାଇଛି। ଶୁକ୍ରବାର ଦେଶର ଅତି ଖରାପ ବାୟୁ ମାନ ଥିବା ୯ ସହର ମଧ୍ୟରେ ରହିଛି ଓଡ଼ିଶାର ୬। ଏହା ମଧ୍ୟରୁ ଦେଶର ସବୁଠୁ ଖରାପ ବାୟୁ ସୂଚୀରେ ଶୀର୍ଷରେ ରହିଛି ତାଳଚେର। ତାଳଚେରରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ୩୮୦ ରହିଛି ଓ ଏହି ବାୟୁ ସଂସ୍ପର୍ଶରେ ଅଧିକ ସମୟ ଆସିଲେ ବା ବୁଲାବୁଲି କଲେ ଶ୍ୱାସକ୍ରିୟା ଜନିତ ରୋଗ ହେବାର ଆଶଙ୍କା ରହିଛି।

କେବଳ ତାଳଚେର ନୁହେଁ; ତାଲିକାରେ ରାଜ୍ୟର ଅନ୍ୟ ୫ଟି ସହରର ଏକ୍ୟୁଆଇ ମଧ୍ୟ ୩୦୦ ଉପରେ ରହିଛି। କଟକରେ ଏକ୍ୟୁଆଇ ୩୨୪ ରହିଥିବା ବେଳେ, ବାଲେଶ୍ୱରରେ ୩୧୮, ଭୁବନେଶ୍ୱର ୩୧୭, ବାରିପଦା ୩୧୨ ଓ କେନ୍ଦୁଝରର ଏକ୍ୟୁଆଇ ୩୧୧ ରହିଛି। ଓଡ଼ିଶାର ୬ ଟି ସହର ସମେତ ଦେଶର ବିକାନେର୍, ସିଙ୍ଗରାଲୁ ଓ ତିରୁପତିରେ ମଧ୍ୟ ଏକ୍ୟୁଆଇ ଯଥାକ୍ରମେ ୩୨୯, ୩୨୦ ଓ ୩୪୧ ରହିଛି। ପୂର୍ବରୁ ରାଜ୍ୟର ପ୍ରଦୂଷିତ ସହର କଥା କହିଲେ କେବଳ ଅନୁଗୁଳ ଓ ତାଳଚେର ଭଳି ସହର କଥା ମନକୁ ଆସୁଥିଲା। ମାତ୍ର ଏବେ ରାଜ୍ୟର ଏକାଧିକ ସହରରେ ବାୟୁ ପ୍ରଦୂଷଣ ଚିନ୍ତାଜନକ ରହୁଛି। ବାୟୁର ମାନ ଦିନକୁ ଦିନ ଖରାପ ହେଉଥିବା ହେତୁ ସକାଳେ ଓ ସନ୍ଧ୍ୟାରେ ବାହାରକୁ ଯିବା କମାଇ ଦେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏମିତି କି ମର୍ଣ୍ଣିଂୱାକ୍ ନ କରିବାକୁ ମଧ୍ୟ କୁହାଯାଉଛି। ସକାଳେ ଓ ରାତିରେ ବାୟୁମଣ୍ଡଳରେ ତାପମାତ୍ରା କମ୍ ରହୁଥିବା ହେତୁ ଏହି ସମୟରେ କ୍ଷତିକାରକ୍ ପିଏମ୍ ୨.୫ ପାର୍ଟିକଲ ବାୟୁମଣ୍ଡଳରେ ରହିଥାଏ। ଖରାପଡ଼ିବା ପରେ ଏହା ଧୀରେ ଧୀରେ ଉପରକୁ ଉଠେ ଓ ସନ୍ଧ୍ୟାରେ ପୁଣି ତଳକୁ ଖସିଆସେ। ତେଣୁ ଏହି ସମୟରେ ପ୍ରାତଃ ଭ୍ରମଣ ଓ ସନ୍ଧ୍ୟା ଭ୍ରମଣ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡ଼ିଥାଏ। ଏହାସହିତ ନିର୍ମାଣ ଶ୍ରମିକ, ବୃଦ୍ଧ, ଶିଶୁ, ହୃଦରୋଗୀ ଓ ଶ୍ୱାସ ରୋଗୀମାନଙ୍କ ପାଇଁ ଏହା ଆହୁରି କ୍ଷତିକାରକ ହୋଇଥିବାରୁ ସେମାନଙ୍କ ପାଇଁ ଏନ୍-୯୫ ମାସ୍କ ବ୍ୟବହାର ଏକ ପ୍ରକାର ଅପରିହାର୍ଯ୍ୟ ହୋଇପଡ଼ିଛି। ପିଏମ୍ ୨.୫ ଶ୍ୱାସନଳୀ ଦେଇ ରକ୍ତରେ ସିଧା ମିଶୁଥିବା କାରଣରୁ ଦୀର୍ଘକାଳୀନ ଭାବେ ଏହା ଶ୍ୱାସଜନିତ ରୋଗର ବଡ଼ କାରଣ ସାଜିଥାଏ।

ଅନ୍ୟପଟେ ପ୍ରଦୂଷଣ ହ୍ରାସ ଦିଗରେ ବାୟୁ ଚଳାଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ହେଲେ ରାଜ୍ୟରେ ବର୍ତ୍ତମାନ ବିଶେଷ ବାୟୁ ଚଳାଚଳ ହୋଇପାରୁ ନାହିଁ। ଓଡ଼ିଶା ଉପରେ ଗୋଟିଏ ଗୁରୁଚାପ ବଳୟର ପ୍ରଭାବ ହେତୁ ରାଜ୍ୟକୁ ସମୁଦ୍ର ଆଡ଼କୁ ବାୟୁ ପ୍ରବାହ ବହୁନାହିଁ। ଏହାର ପରିଣାମ ସ୍ୱରୂପ ପ୍ରଦୂଷଣର ମାତ୍ରା ହ୍ରାସ ହୋଇପାରୁ ନାହିଁ। ବାୟୁ ଚଳାଚଳ ସ୍ୱାଭାବିକ ହେଲେ ପ୍ରଦୂଷଣ କମିବାର ସମ୍ଭାବନା ରହିଛି। ଅନ୍ୟପଟେ ରାଜ୍ୟରେ ପ୍ରଦୂଷଣ ବଢ଼ିବା ପରେ ନିକଟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଖଣି ପ୍ରବଣ ଓ ପ୍ରଦୂଷଣ ଦୃଷ୍ଟିରୁ ସମ୍ବେଦନଶୀଳ ୧୨ ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖି ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥରେ ମୁଖ୍ୟତଃ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ପ୍ରତିଦିନ ଜିଲା ତଥା ସହରର ବିଭିନ୍ନ ସ୍ଥାନରୁ ବାହାରୁଥିବା ଧୂଳିକଣା ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଏହାର କାରଣ ଓ ନିରାକରଣ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଏହାସହିତ ପ୍ରତିଦିନ ରାସ୍ତାଘାଟ ରୋଡ୍‌କ୍ଲିନର୍ ମାଧ୍ୟମରେ ସଫା ରଖିବା, ରାସ୍ତାରେ ପାଣି ସିଞ୍ଚନ କରିବା, ରାସ୍ତାପାଖ ଢାବାରେ ଯେପରି କୋଇଲା ପ୍ରଭୃତି ବ୍ୟବହାର ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ।

### ଓଡ଼ିଶା ଉପରେ...

ଉଡାଣ ବିଳମ୍ବ ହେଉଛି। ଅତି କମରେ ଦୃଶ୍ୟମାନ ୫୫୦ ମିଟର ରହିଲେ ବିମାନ ଉଡାଣ ଓ ଅବତରଣ ହୋଇଥାଏ। କାଲିର ଘନ କୁହୁଡି ପାଇଁ ଆଜି ସକାଳେ ଥିବା ବିମାନକୁ ଏୟାର ଲାଇନ୍ସ ପୁନଃନିର୍ଦ୍ଧାରଣ କରିଥିଲେ। କିଛି ବିମାନ ଉଡାଣ ସମୟ ପରିବର୍ତ୍ତନ କରାଯାଇଛି। ଏୟାର ଇଣ୍ଡିଆ ସକାଳ ଦିଲ୍ଲୀ ବିମାନ ବାତିଲ କରାଯାଇଛି। ସକାଳ ୮ ପର୍ଯ୍ୟନ୍ତ କୁହୁଡ଼ି ହେଉଥିବାରୁ ବିମାନ ସମୟସୀମା ପୁନଃନିର୍ଦ୍ଧାରଣ କରାଯାଇଛି। ଶୁକ୍ରବାର ସକାଳୁ ବାରଣାସୀ, ବେଙ୍ଗାଲୁରୁ, ଦୁର୍ଗାପୁର, ହାଇଦ୍ରାବାଦ ଓ ନୂଆଦିଲ୍ଲୀ ଆଦିର ବିମାନଗୁଡ଼ିକ ବିଳମ୍ବିତ ଉଡ଼ାଣ ଭରିଛି। କେବଳ ଭୁବନେଶ୍ୱର ନୁହେଁ ଉତ୍ତର ଭାରତରେ ମଧ୍ୟ ବିମାନ ଚଳାଚଳ ବାଧା ହେଉଛି। ତେଣୁ ଘରୁ ବାହାରିବା ଆଗରୁ ବିମାନ ସମୟ କେତେବେଳେ ଅଛି, ସମୟ କେତେବେଳେ ପରିବର୍ତ୍ତନ ହୋଇଛି ସେସବୁ ଯାଞ୍ଚ କରି ଆସିବା ପାଇଁ ବିମାନବନ୍ଦର ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଘନ କୁହୁଡି ଓ ଇଣ୍ଡିଗୋ ବିମାନର ସମସ୍ୟା ପାଇଁ ଚଳିତ ବର୍ଷ ବିମାନ ଯାତ୍ରା କମିଛି। ପିକନିକ୍ ସମୟରେ ଅଧିକ ଯାତ୍ରୀ ବାହାରକୁ ବୁଲିବା ପାଇଁ ଯାଇଥାନ୍ତି। ଚଳିତ ବର୍ଷ ପିକ୍ ସିଜନରେ ଏହାର ପ୍ରଭାବ ପଡିଛି। ଡିସେମ୍ବର ମାସରେ ଅନେକ ପର୍ଯ୍ୟଟକ ଆସନ୍ତି। କିନ୍ତୁ ଇଣ୍ଡିଗୋ ବିମାନର ସମସ୍ୟା ପାଇଁ ପ୍ରଭାବ ପଡ଼ିଛି। ଭୁବନେଶ୍ୱର ବିମାନ ବନ୍ଦରରୁ ଦୈନିକ ୧୪ ହଜାର ୫୦୦ ରୁ ୧୬ ହଜାର ପର୍ଯ୍ୟନ୍ତ ଯାତ୍ରୀ ଯାତାୟତ କରୁଛନ୍ତି ବୋଲି ସେ କହିଛନ୍ତି।

### ୧୦ରୁ ମିଳିବ...

ଗାଡ଼ିମାଲିକମାନେ ନିଜର ବୈଧ ପଲ୍ୟୁସନ ସାର୍ଟିଫିକେଟ, ଆରସି ଦେଖାଇ ଏହି ଗ୍ରୀନ୍ ଷ୍ଟିକର ନେବେ। ଯଦି ଗାଡି ମାଲିକଙ୍କ ବିନା ଅନ୍ୟ କେହି ଯାଇ ଗ୍ରୀନ ଷ୍ଟିକର ଆଣନ୍ତି, ତେବେ ଗାଡି ମାଲିକଙ୍କ ସ୍ୱୀକୃତି ଦେଖାଇବାକୁ ହେବ। ଗ୍ରୀନ ଷ୍ଟିକର ମାରିବା କୌଣସି ବାଧ୍ୟତାମୂଳକ ନୁହେଁ। କେବଳ ଚେକିଂ ସମୟରେ ହିଁ ସହଜରେ ଏହା ବାରି ହୋଇପଡ଼ିବା ଯୋଗୁଁ ଏହି ବ୍ୟବସ୍ଥା କରାଯାଇଥିବା ନେଇ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

### ସରକାରୀ-ଚାଷୀ...

ଅନୁଯାୟୀ ୫ ଲକ୍ଷ ୪୬ ହଜାର ୫୯୧ଟି ପ୍ଲଟରେ ଧାନଚାଷ ହେଉଥିବା ପ୍ଲଟ ଭାବେ ଚିହ୍ନଟ କରାଯାଇଥିବା ବେଳେ ପାଖାପାଖି ୧୯ ଲକ୍ଷ ପ୍ଲଟରେ ଧାନ ଚାଷ ହୋଇନାହିଁ। ତେଣୁ ଏହି ପ୍ଲଟଗୁଡ଼ିକ ପଞ୍ଜିକରଣ କରିଥିବା ଚାଷୀମାନଙ୍କୁ ଟୋକନ ତ ମିଳିବ ନାହିଁ ଓଲଟି ସେମାନେ ମିଛ ତଥ୍ୟ ପ୍ରଦାନ କରିଥିବା ଯୋଗୁଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଳିତ ଖରିଫ ବିପଣନ ଋତୁରେ ଅଣଧାନ ଜମିକୁ ଧାନଚାଷ ହେଉଥିବା ପ୍ଲଟ ଭାବେ ଦର୍ଶାଇଥିବା ଚାଷୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ସମସ୍ତ ଉପନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପଞ୍ଜିକୃତ କୌଣସି ଜମିର ତଥ୍ୟରେ ତ୍ରୁଟି ପରିଲକ୍ଷିତ ହେଲେ ତାହା ସମବାୟ ସମିତିର ଉପନିବନ୍ଧକଙ୍କ ପାଖକୁ କ୍ଷେତ୍ରୀୟ ସ୍ତରରେ ଯାଞ୍ଚ ପାଇଁ ପଠାଯାଉଛି ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଧାନ ବିକ୍ରୟ ପାଇଁ ପଞ୍ଜିକୃତ ଚାଷୀ ପ୍ରଦାନ କରିଥିବା ସେମାନଙ୍କ ଚାଷଜମିର ବିବରଣୀକୁ ଆଧାର କରି ଉପଗ୍ରହ ମାଧ୍ୟମରେ ଫଟୋ ଉତ୍ତୋଳିତ କରାଯାଇ ସେହି ପ୍ଲଟଗୁଡ଼ିକର ସବିଶେଷ ତଥ୍ୟ ଗ୍ରହଣ କରାଯାଉଛି। ଏହି ପ୍ରକ୍ରିୟାରେ ଅଣଧାନ, ଅଣକୃଷି ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ମଧ୍ୟ ଚିହ୍ନଟ କରାଯାଉଛି। ଏହା ଦ୍ୱାରା ଧାନସଂଗ୍ରହରେ ସ୍ୱଚ୍ଛତା ବଜାୟ ରଖିବା ସହ ପ୍ରକୃତ ଚାଷୀ ଲାଭାନ୍ୱିତ ହେବେ ରାଜ୍ୟ ଯୋଗାଣ ବିଭାଗ କହିଛି।

ଅନ୍ୟପକ୍ଷରେ ଯୋଗାଣ ଓ ସମବାୟ ବିଭାଗର ଏପରି ନୀତିକୁ ବିରୋଧୀ ଓ ଚାଷୀମାନେ କଟୁ ସମାଲୋଚନା କରିଛନ୍ତି। ଚାଷୀମାନଙ୍କୁ ହଇରାଣ କରିବା ପାଇଁ ସରକାର ରୀତିମତ ଷଡ଼ଯନ୍ତ୍ର କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

### ଓଡ଼ିଶାରେ ଟନ୍‌ଟନ୍...

ଓଡ଼ିଶା ସୀମାନ୍ତରୁ ୬/୭ କିଲୋମିଟର ଦୂରରେ ଝାଡ଼ଖଣ୍ଡ ରାଜ୍ୟର ପୁଣ୍ଡି ଘୁଟୁରେ ପ୍ରଥମେ ଧାନ ଆଣି ରଖାଯାଉଛି। ପରେ ସମୟ ସୁବିଧା ଦେଖି ଜାମଦା ବ୍ଲକ ଅନ୍ତର୍ଗତ ବଡ଼ଦୁନ୍ଦୁକୁ ଅଣାଯାଉଛି। ଏକ ନିର୍ଜନ ସ୍ଥାନରେ ବନ୍ଦ ଘର ମଧ୍ୟରେ ଟନ୍‌ଟନ୍ ଧାନ ଗଚ୍ଛିତ କରି ରଖାଯାଇଥିବା ସୂଚନା ରହିଛି। ଯାହାକି ସମ୍ପୂର୍ଣ୍ଣ ଭାବେ ଚାରିପଟରୁ ବନ୍ଦ ଥିବାବେଳେ କାହାକୁ ପ୍ରବେଶ କରିବାକୁ ଦେଉନାହାନ୍ତି। ଏହା ବଡ଼ଦୁନ୍ଦୁ ଲ୍ୟାମ୍ପ ନିକଟରେ ଥିବାରୁ ଉକ୍ତ ଲ୍ୟାମ୍ପରେ ଧାନ ବିକ୍ରି କରିବାକୁ ଯୋଜନା ରହିଛି। ଧାନ ବିକ୍ରି ପରେ ସରକାରୀ ଟଙ୍କା ଚାଷୀଙ୍କ ଖାତାକୁ ଆସିବା ପରେ ଦଲାଲ ତାହାକୁ ସଂଗ୍ରହ କରିବେ। କିଛି ଟଙ୍କା ଦେବା ପରେ ବାକି ଟଙ୍କା ନେଇ ଚମ୍ପଟ ମାରିବାର ଯୋଜନାରେ ରହିଛନ୍ତି। ଦୁଇଟି ସ୍ଥାନରେ ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କାର ଧାନ ଗଚ୍ଛିତ ଥିବା ସୂଚନା ରହିଛି। ତେବେ ଉକ୍ତ କାରବାରରେ କିଛି ସରକାରୀ କିମ୍ବା ଲ୍ୟାମ୍ପ କର୍ମଚାରୀ ସାମିଲ ଥିବା ଆଶଙ୍କା ରହିଛି। ଝାଡ଼ଖଣ୍ଡ ଧାନ ଓଡ଼ିଶାରେ ବିକ୍ରି ହେଲେ ଓଡ଼ିଶାର ଚାଷୀ ଉପକୃତ ହେବା ବଦଳରେ ଝାଡ଼ଖଣ୍ଡ ଚାଷୀ ଉପକୃତ ହେବେ। ସରକାର ଓଡ଼ିଶା ଚାଷୀଙ୍କୁ ଲାଭବାନ କରିବା ଯୋଜନା ସାର୍ଥକ ହୋଇପାରିବ ନାହିଁ। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଉତ୍ତର ଦେଇନଥିଲେ। ଧାନ କ୍ରୟର ଜିଲ୍ଲା ନୋଡାଲ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କୁ ପଚାରିବାରୁ ଏଭଳି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ସମବାୟ ସମିତି ଉପନିବନ୍ଧକଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି। ତଦନ୍ତ କରି ଚଢ଼ଉ ପ୍ରକ୍ରିୟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଜେଜେ ସାମ୍ନାରେ...

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ବଡ଼ଦାଣ୍ଡରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ମେଡିକାଲ ଛକରେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ପ୍ରାୟ ଅଢ଼େଇ ଘଣ୍ଟା ଧରି ବଡ଼ଦାଣ୍ଡରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ପୁଲିସ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା। ଅପରପକ୍ଷେ, ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ନୂଆବର୍ଷ ପାଇଁ ଏବେ ପୁରୀରେ ଭକ୍ତଙ୍କ ଗହଳି ରହିଛି। ବଡ଼ଦାଣ୍ଡ ଭିଡ଼ ରହୁଥିବା ବେଳେ ଶହଶହ ପୁଲିସ କର୍ମଚାରୀ ମୁତୟନ ରହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ନୀଳକଣ୍ଠ ତାଙ୍କ ନାତି ଶ୍ରେୟାଂଶ ଓ ଅନ୍ୟ ଜଣେ ସମ୍ପର୍କୀୟ ନାବାଳକଙ୍କୁ ସ୍କୁଟିରେ ବସାଇ ଜଳଖିଆ ଆଣିବାକୁ ମେଡିକାଲ ଛକପଟୁ ବଳଗଣ୍ଡି ଆଡ଼କୁ ଯାଉଥିଲେ। ଏହି ସମୟରେ ଭଦ୍ରକର କିଛି ଯାତ୍ରୀଙ୍କୁ ନେଇ ଏକ ବୋଲେରୋ (ନଂ.ଓଡି୨୨ଏସି-୩୦୪୮) ମଧ୍ୟ ମେଡିକାଲ ଛକରୁ ମନ୍ଦିର ପଟକୁ ଯାଉଥିଲା। ଚାଳକଜଣଙ୍କ ବେପରୁଆ ଢଙ୍ଗରେ ଗାଡ଼ି ଚଳାଇ ପ୍ରଥମେ ଜଣେ ସାଇକେଲ ଆରୋହୀ ନବକିଶୋର ମହାରଣାଙ୍କୁ ଧକ୍କା ଦେଇଥିଲା। ପରେ ଉକ୍ତ ସାଲବେଗ ସ୍ମୃତିପୀଠ ନିକଟରେ ନୀଳକଣ୍ଠଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ବଳଗଣ୍ଡି ଛକ ପାଖରେ ବୋଲେରୋଟି ବ୍ରେକ୍ ମାରିଥିଲା। ଏହି ଦୁର୍ଘଟଣାରେ ସ୍କୁଟିରେ ଥିବା ୩ ଜଣ ଯାକ ଘୋଷାଡ଼ି ହୋଇ ଖଣ୍ଡିଆ ଖାବରା ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ନାବାଳକ ଶ୍ରେୟାଂଶ ସମେତ ତାଙ୍କ ଜେଜେ ଓ ଅନ୍ୟ ଜଣେ ନାବାଳକଙ୍କୁ ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶ୍ରେୟାଂଶକୁ ମୃତ ଘୋଷଣା କରିଥିଲେ।

ନାବାଳକର ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର, ସମ୍ପର୍କୀୟଙ୍କ ସହ ପୁରୀବାସୀ ଏକାଠି ହୋଇ ମେଡିକାଲ ଛକରେ ରାସ୍ତାରୋକ କରିଥିଲେ। ଡ୍ରାଇଭର୍ ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣା ଘଟାଇଥିବାରୁ ତା' ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏଥିସହ ପୁରୀକୁ ନିଶାମୁକ୍ତ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଆଦି ବିଭିନ୍ନ ଦାବିରେ ଆମ୍ବୁଲାନ୍ସରେ ମୃତଦେହ ରଖି ଟାୟାର୍ ଜାଳି ରାସ୍ତାରୋକ କରିଥିଲେ। ଫଳରେ ବଡ଼ଦାଣ୍ଡରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା।

ସହରର ସବୁ ଥାନାଧିକାରୀଙ୍କ ସହ ସିଟି ଡିଏସ୍‌ପି, ଅତିରିକ୍ତ ଏସ୍‌ପି, ତହସିଲଦାର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନ ଥମିନଥିଲା। ଉତ୍ୟକ୍ତ ଲୋକେ ଥାନା ଅଧିକାରୀଙ୍କୁ ଘେରାଉ କରିବା ସହ ହସ୍ପିଟାଲ ଛକ ନିକଟସ୍ଥ କୁମ୍ଭାରପଡ଼ା ଥାନା ଘେରାଉ ପାଇଁ ଯାଇଥିଲେ। ଘଟଣାସ୍ଥଳରେ ଏସ୍‌ପି ପ୍ରତୀକ ସିଂ ପହଞ୍ଚି ମୃତ ନାବାଳକର ପରିବାରଲୋକଙ୍କୁ ଦୀର୍ଘ ସମୟ ଧରି ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ନୂଆବର୍ଷ ପାଇଁ ପୁରୀରେ ୭୦ ପ୍ଲାଟୁନ ପୁଲିସ ମୁତୟନ ସତ୍ତ୍ୱେ ବଡ଼ଦାଣ୍ଡରେ ଏଭଳି ବଡ଼ ଅଘଟଣ ଘଟିଲା କେମିତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୩ ସାଙ୍ଗ...

ସୂଚନା ମୁତାବକ, ୩ସାଙ୍ଗ ଏକ ବାଇକ୍‌ରେ ରାଇରଙ୍ଗପୁର ଯାଉଥିଲେ। ଦିନ ପ୍ରାୟ ସାଢ଼େ ୧ଟାରେ ରାଣୀବନ୍ଧ ନିକଟରେ ବିପରୀତ ଦିଗରୁ ଆସୁଥିବା 'ରୋଡ୍ ମାଷ୍ଟର୍' ନାମକ ଏକ ବସ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ୩ ସାଙ୍ଗ ବାଇକ ସହ ବସ୍ ତଳକୁ ପଶି ଯାଇଥିଲେ ଏବଂ ବସ୍‌ଟି ସେମାନଙ୍କୁ ପାଖାପାଖି ୧୫ରୁ ୨୦ ମିଟର ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ଘଟାଇବା ପରେ ବସ୍ ଚାଳକ, କଣ୍ଡକ୍ଟର୍ ଓ ହେଲ୍ପର ଘଟଣାସ୍ଥଳରୁ ଚମ୍ପଟ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ ସାଙ୍ଗଙ୍କୁ ଉଦ୍ଧାର କରି ଏକ ଓ ଆମ୍ବୁଲାନ୍ସରେ ହସ୍ପିଟାଲକୁ ପଠାଇଥିଲା। କିନ୍ତୁ ଅନ୍ୟ ଜଣେ ବସ୍ ତଳେ ଚାପି ହୋଇ ରହିଥିବାରୁ ତାଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ଅଗ୍ନିଶମ ବିଭାଗ କଟର୍ ସହାୟତାରେ ଲୁହାକୁ କାଟି ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ହସ୍ପିଟାଲରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଏହାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ବସ୍ ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ୟକ୍ତ ଲୋକେ ହୋ-ହଲ୍ଲା କରିଥିଲେ। ଘଟଣାସ୍ଥଳରେ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା, ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ତହସିଲଦାର ବିଶ୍ୱନାଥ ବିଶ୍ୱାଳ, କନିଷ୍ଠ ଏମ୍‌ଭିଆଇ ଆଶୁତୋଷ ନାଏକ, ବିଡିଓ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ରାସ୍ତା ମଝିରେ ଅଟକି ରହିଥିବା ବସ୍‌କୁ କ୍ରେନ୍ ସାହାଯ୍ୟରେ ହଟାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ହେବା ସହ ଉଭୟ ବସ୍ ଓ ବାଇକକୁ ଜବତ କରାଯାଇଛି।

### ପ.ବଙ୍ଗରୁ ମାଷ୍ଟରମାଇଣ୍ଡ...

ଜଣ ଏବଂ ପଶ୍ଚିମବଙ୍ଗର ଶହେ ଜଣଙ୍କୁ ଫସାଇ ୧୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ହେଲେ ୪୦କୋଟି ଟଙ୍କା ନିବେଶକାରୀମାନଙ୍କୁ ନ ଫେରାଇ, ଶେଷରେ ଫେରାର ହୋଇଯାଇଥିଲେ। ଅମିତଙ୍କ ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯିବା ପରେ ସେଥିରେ ୧୨୨ କୋଟି ଟଙ୍କା ନେଣଦେଣ ହୋଇଥିବା ଜଣାପଡ଼ିଛି। ତେଣୁ ଅନ୍ୟ ଆକାଉଣ୍ଟଗୁଡ଼ିକ ଯାଞ୍ଚ କରାଯାଉଛି ବୋଲି ସୂଚନା ମିଳିଛି।

### ସ୍ତ୍ରୀ ଦଶାହରେ ଆଖିବୁଜିଲେ ସ୍ୱାମୀ

କଣାସ,୨।୧(ସମିସ): ସ୍ତ୍ରୀର ଦଶାହରେ ଚାଲିଗଲା ସ୍ୱାମୀଙ୍କ ଜୀବନ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ସାହି ପଞ୍ଚାୟତର ବେଣାଗାଁ ଗ୍ରାମରେ। ଗ୍ରାମର ନାରାୟଣ ପଟ୍ଟନାୟକଙ୍କ ପତ୍ନୀ ଜୀନା ପଟ୍ଟନାୟକ (୫୭) ଗତ ୨୩ ତାରିଖରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଗତକାଲି ତାଙ୍କର ଦଶାହ ଥିଲା। ଶୁଦ୍ଧିକ୍ରିୟା ଚାଲିଥିବା ବେଳେ ସ୍ୱାମୀ ନାରାୟଣ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ପୁରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏକମାତ୍ର ପୁଅ ପ୍ରତୀଶପ୍ରଜ୍ଞା ପୁରୀ ସ୍ୱର୍ଗଦ୍ୱାରରେ ବାପାଙ୍କୁ ମୁଖାଗ୍ନି ଦେଇଥିଲେ।


**AFFIDAVIT**

I, Wazeda Tabassum, W/o- Mohammed Habib, Resident of At/Po- Tilda, Ps- Salipur, Dist.: Cuttack, Odisha, Pin- 754290 declare by this affidavit No. 4439, dtd. 24.11.2025 that now onwards I shall be known as **WAZDA TABSUM** for all future purposes.

**AFFIDAVIT**

By Virtue Of an Affidavit no. 2168 dtd. 30.12.2025 the Executive Magistrate Khandapada, I Dillip Lenka S/o- Arjun Lenka At- PithaKhai, Po/Ps- Fategada, Dist- Nayagarh have changed my Son's name SUBHARNSHU LENKA to SUDHANSU KUMAR LENKA. Henceforth He will be known as SUDHANSU KUMAR LENKA for all purposes.

S/d- Dillip Lenka

**AFFIDAVIT**

I, Kuresha Khatun, aged about 76 years, W/o- Gulamzillani Mohammed, resident of Subash Nagar, Bargarh, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No. 11, dtd- 02/01/2026, that now onwards I shall be known as **KURESA KHATUN** for all future purposes.

Leadership and beyond
दि न्यू इन्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ରେଫ. ନଂ: ବିବିଏସ୍‌ଆରଓ/ଇଏସଟିବି/ଭଦ୍ରକ ବିଓ/ଇଣ୍ଟେରିୟର ରିଫର୍ବିସମେଣ୍ଟ/ସିଭିଲ ଏବଂ ଇଲେକଟ୍ରିକ କାର୍ଯ୍ୟ

ଆମର ଭଦ୍ରକ କାର୍ଯ୍ୟାଳୟ ସା: ବିଶ୍ୱାଳ କମ୍ପ୍ଲେକ୍ସ, ସମରାଇପୁର, ପୋଷ୍ଟ: ପ୍ରାଚୀ ନଗର, ଭଦ୍ରକ-୭୫୬୧୮୧ର ଆଭ୍ୟନ୍ତରୀଣ ନବୀକରଣ ନିମନ୍ତେ କଣ୍ଟ୍ରାକ୍ଟର ନିଯୁକ୍ତି ହେତୁ ଆଗ୍ରହୀ ପକ୍ଷ / ଫାର୍ମମାନଙ୍କ ଠାରୁ ଅନଲାଇନ ପଦ୍ଧତିରେ ୨ଟି ବିଡ୍ ବ୍ୟବସ୍ଥାରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ / କାଗଜାତ୍ ଆମର ୱେବସାଇଟ୍: www.newindia.co.in **(public notice section)** & www.tenderwizard.com NIAEPROC ରେ ଉପଲବ୍ଧ।

ସଂଶୋଧନ / ଶୁଦ୍ଧିପତ୍ର / ରଦ୍ଦ / ପୁନଃ ଟେଣ୍ଡର ଇତ୍ୟାଦି ଯଦିଥାଏ ତାହା କେବଳ ଉପରୋକ୍ତ ୱେବସାଇଟ୍‌ରେ ପ୍ରକାଶିତ ହେବ। ସାଇଟରେ ପ୍ରି-ବିଡ୍ ମିଟିଙ୍ଗ୍ ତା.୧୨.୦୧.୨୦୨୬ ଅପରାହ୍ନ ୩.୦୦ ଘଟିକାରେ ଅନୁଷ୍ଠିତ ହେବ। ଇ-ଟେଣ୍ଡର ଦାଖଲର ଅନ୍ତିମ ତାରିଖ ୨୨.୦୧.୨୦୨୬ ଅପରାହ୍ନ ୫.୦୦ଘଟିକା, ତତ୍‌ପରେ ତା ୨୩.୦୧.୨୦୨୬ (ଆପାତତଃ)ରେ ଟେକ୍ନିକାଲ ବିଡ୍ ଏବଂ ଆର୍ଥିକ ବିଡ୍ ଖୋଲାଯିବ।

ସ୍ୱା/- ଉପ ମହାପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
CIN No.- L66000MH1919GOI000526

**OFFICE OF THE PANCHAYAT SAMITI: KALYANSINGHPUR** i-448
DIST- RAYAGADA, PINCODE-76516, ODISHA
Email: ori-kalyansinghpur@nic.in
INVITATION FOR BIDS (I.F.B)
e-Procurement Notice
IDENTIFICATION NO. PS-KAL, No. 2 OF 225-26
Tender Notification No. 365 / Dated 29.12.2025

The Block Development Officer, Kalyansinghpur, Rayagada invites Percentage Rate bid in Single Cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.

1) No. of works :02 (Two) No.
2) Estimated Cost :Rs.24.02 lakhs to Rs.24.17 lakhs
3) Cost of Tender paper :Rs.6000/-(Rupees Six Thousand)only for each work
4) Class of Contractor :" D & C" Class
5) Date of Time of available in web site & receipt online :11:00 Hrs. of 02.01.2026 to 17.00 Hrs. of 16.01.2026
6) Date of opening of Technical Bid :11:30 Hrs. of 17.01.2026

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.

Any Corrigendum / Addendum will be displayed in the website https://tendersodisha.gov.in only

OIPR-19432/11/005/2526
Block Development Officer
Kalyansinghpur

**TPNODL**
TP NORTHERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) January 03rd, 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001115 | Rate Contract for Supply of IPCs (Insulation Piercing Connectors) of Various Sizes at TPNODL |
| 2 | TPNODL/OT/2025-26/2500001116 | Rate Contract for Supply of GI F-Clamps |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com**. All tenders will be available on TPNODL website.

Future communication / corrigendum to tender documents, if any, shall be available on website.

**Chief- Contracts & MM**

यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୯.୦୧.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | | |
| ୧. | **ଶ୍ରୀମତୀ ଦୀପ୍ତିମୟୀ ଦାସ,** ସା: କପ୍ତିପଦା, ପୋ: କପ୍ତିପଦା, ଜିଲା: ମୟୂରଭଞ୍ଜ, ପିନ୍-୭୫୭୦୪୦ / ୨୫୫୪୧୬୫୪୦୦୦୦୪୧୮ | ଟ.୧୩,୦୩୬.୦୦ | ୩.୪ | ୩.୯୭ |
| **କରଞ୍ଜିଆ-୩ ଶାଖା, ପ୍ଲଟ୍ ନଂ. ୮୫୨/୧୦୦୬, କରଞ୍ଜିଆ ମେନ୍ ରୋଡ୍, କରଞ୍ଜିଆ, ମୟୂରଭଞ୍ଜ-୭୫୭୦୩୭, ମୋ.: ୭୯୦୩୯୩୯୮୦୮** | | | | |
| ୧. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସୁଆମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / ୩୧୦୧୨୬୫୪୦୦୦୦୧୩୧ | ଟ.୩୯,୮୩୨.୦୦ | ୮.୧୧୬ | ୧୧.୫୯୫ |
| ୨. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସୁଆମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / ୩୧୦୧୨୬୫୪୦୦୦୦୧୦୫ | ଟ.୪୯,୫୮୫.୦୧ | ୧୩.୯୮ | ୧୪.୨୯୫ |
| **ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬** | | | | |
| ୧. | **ଶ୍ରୀ ଟୁଲୁ ଦିଗାର,** ବିପିଡ଼ି, ଇନ୍ଦପାହି, ଦାମୋଦରପୁର-୭୫୭୧୦୭ / ୬୫୩୨୦୬୫୪୦୦୦୦୧୮୧ | ଟ.୭୩,୩୬୬.୦୦ | ୧୪.୨ | ୧୫.୪୭ |
| **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | | |
| ୧. | **ଶ୍ରୀ ପ୍ରକାଶ ସାହୁ,** ପିତା: ହରେକୃଷ୍ଣ ସାହୁ, ଜାନୁଗଞ୍ଜ, ରେମୁଣା, ଗୋଲେଇ ରେମୁଣା, ବାଲେଶ୍ୱର-୭୫୬୦୧୯ / ୭୨୩୭୦୬୫୪୦୦୦୦୭୩୨ | ଟ.୭୨,୬୨୦.୦୦ | ୧୨.୭୮ | ୧୪.୨ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ।

ସ୍ଥାନ : ବାଲେଶ୍ୱର, ତାରିଖ : ୦୨.୦୧.୨୦୨୬ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୦୨.୦୧.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ୨୦୨୫ ଠାରୁ ୧୬ ଜାନୁଆରୀ ୨୦୨୬କୁ ବୃଦ୍ଧି କରାଯାଇଛି।**

ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./-ଶାଖା ପ୍ରମୁଖ

**SUB DIVISIONAL HOSPITAL, UDALA, MAYURBHANJ**
Office of the SUPERINTENDENT, SDH, UDALA, NHM, Mayurbhanj, Odisha, 757041
Advt. No.: 01 / NHM / 2025-26 Dt: 01/01/2026 E-643

**Short Tender Call Notice**

Sealed tenders are invited from the interested eligible bidders for **"SUPPLY OF DIET ITEMS UNDER SDH, UDALA, MAYURBHANJ".** The eligible criteria, the terms of reference and the formats for submission of bid as set forth in the tender document can be downloaded from the website **www.mayurbhanj.nic.in.** Interested bidders fulfilling the eligibility criteria may submit their proposal(s) with EMD, Tender paper cost & documents as per tender call notice. The bidders have to submit their proposal(s) at the **O/o: The SUPERINTENDENT, SDH, UDALA, Mayurbhanj.** Proposal(s) complete in all respect should reach the undersigned on or before **5 PM of dt: 02.02.2026** through **Regd. post / Speed post / Courier** and the same will be opened on **dt: 04.02.2026 at 11.30 PM.**

The undersigned reserves the right to reject any or all the tender(s) without assigning any reason thereof.

OIPR-10241/11/0002/2526
**Sd/- SUPERINTENDENT, SDH, UDALA**

## ଦ୍ୱିତୀୟ ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ ଉଦ୍‌ଘାଟିତ

# ଚୌଧୁରୀ ଜୟପ୍ରକାଶଙ୍କୁ 'କୃପାସିନ୍ଧୁ ନାଟ୍ୟ ସମ୍ମାନ'

ଜଗତସିଂହପୁର,୨।୧(ସମିସ)




ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ "ପ୍ରଥମା ଫାଉଣ୍ଡେସନ୍' ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ ଶୁକ୍ରବାର ଜଗତସିଂହପୁର ସହରସ୍ଥିତ ସଂସ୍କୃତି ଭବନ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଚଳଚ୍ଚିତ୍ର ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ, ବିଶିଷ୍ଟ ନାଟ୍ୟକାର କୈଳାସ ମଲ୍ଲିକ ଯୋଗଦେଇ ନାଟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ନାଟକ ସମାଜର ଦର୍ପଣ। ମଞ୍ଚ ନାଟକ ମାଧ୍ୟମରେ ସମାଜରେ ସଂସ୍କାର ଆସି ପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। ଉତ୍ସବର ସଂପାଦକ ସୋମନାଥ ପରିଡ଼ା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ପ୍ରଖ୍ୟାତ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କୁ 'କୃପାସିନ୍ଧୁ ନାଟ୍ୟ ସମ୍ମାନ' ଏବଂ ନାଟ୍ୟ ନିର୍ଦ୍ଦେଶକ ସାରଦା ପ୍ରସାଦ ରଣା, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ଚୌଧୁରୀ ଓ ଦୁର୍ଯ୍ୟୋଧନ ମହାରଣାଙ୍କୁ 'ପ୍ରଥମା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା।

ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ଉଦ୍ଦେଶ୍ୟରେ ପ୍ରଥମ ସନ୍ଧ୍ୟାକୁ ଉତ୍ସର୍ଗ କରାଯାଇଥିଲା। ନାଟ୍ୟାଚାର୍ଯ୍ୟଙ୍କ ପରିବାର ପକ୍ଷରୁ ଦେବଶ୍ରୀ ମହାନ୍ତି ସ୍ମୃତି ସମ୍ମାନ ଗ୍ରହଣ କରିଥିଲେ। ଏଥିସହ ବ୍ଲୁ ମୁନ୍ ଷ୍ଟୁଡିଓର ପ୍ରତିଷ୍ଠାତା ବାସୁଦେବ ସ୍ୱାଇଁଙ୍କ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବର ପ୍ରଥମ ଦିନରେ କିମ୍ବଦନ୍ତୀ ସାହିତ୍ୟିକ ଗୋଦାବରୀଶ ମହାପାତ୍ରଙ୍କ କାହାଣୀକୁ ନେଇ ନାଟକ "ମାଗୁଣିର ଶଗଡ଼' ମଞ୍ଚସ୍ଥ ହୋଇଥିଲା। ଜଗଦୀଶ ପ୍ରସାଦ ମହାରଣା ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ନବୀନ କୁମାର ପରିଡ଼ା ନାଟ୍ୟରୂପ ଦେଇଥିଲେ। ବିଦ୍ୟାକନକ ସୃଜାନୁଷ୍ଠାନର କଳାକାରମାନେ ନିଖୁଣ ଭାବେ ଏହାକୁ ମଞ୍ଚସ୍ଥ କରି ଦର୍ଶକଙ୍କୁ ଶୀତୁଆ ସନ୍ଧ୍ୟାରେ ମଞ୍ଚ ନିକଟରେ ନାଟକ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ।

ମଞ୍ଚ ଉପରେ ମାନସ କୁମାର ପରିଡ଼ା, ଜଗଦୀଶ ପ୍ରସାଦ ମହାରଣା, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଜଗା ରାଓ, ଅମରଦୀପ ମହାନ୍ତି, ଦେବାଶିଷ ରାଉତ, ଶୁଭଙ୍କର ସାହୁ, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ବିଜୟ ସାହୁ, ଶ୍ରୀକାନ୍ତ ପାତ୍ରୀ, ସୁନୀତା ଦେ, ସତ୍ୟରାଣୀ ବାରିକ, ରାଜେଶ ମଲିଆ, ଶୁଭଲକ୍ଷ୍ମୀ ରାଉତରାୟ, ଅର୍ପିତା ଦେ ପ୍ରମୁଖ ଅଭିନୟ କରିଥିଲେ। ପ୍ରଜ୍ଞାଦର ସାହୁ ମଞ୍ଚ ପରିକଳ୍ପନା କରିଥିବା ବେଳେ ଶୁଭଙ୍କର ସାହୁ ଓ ସାଥୀ ମଞ୍ଚସଜ୍ଜା, ସୁମିତ୍ର ପଣ୍ଡା ଗୀତ ରଚନା ଏବଂ ଅଭିଜିତ ମିଶ୍ର କଣ୍ଠଦାନ କରିଥିଲେ। ସେହିପରି ପ୍ରତାପ ରାଉତ ପ୍ରଚ୍ଛଦ ସଙ୍ଗୀତ, ମାମା ପୋଷାକ ଓ ରୂପସଜ୍ଜା, ରାକେଶ ଶତପଥୀ ଆଲୋକରେ ସହଯୋଗ କରିଥିଲେ। ଶୁଭଙ୍କର ସାହୁ ଓ କାଜଲ ରାଣୀ ସହ ନିର୍ଦ୍ଦେଶନା ଦେଇଥିଲେ। ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସାଂଗଠନିକ ସଂପାଦକ ସତ୍ୟବ୍ରତ ବିଶ୍ୱାଳ ଓ ବିଜୟ କୁମାର ରାଉତ ମାନପତ୍ର ପାଠ କରିଥିଲେ। କଳା ସଂପାଦକ ଅଜୟ ଗୋଚ୍ଛାୟତ, କୋଷାଧ୍ୟକ୍ଷ ଦୁର୍ଗାପ୍ରସାଦ ସ୍ୱାଇଁ ଓ ସଦସ୍ୟ ଅନିଲ ଦାସ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସହ କୋଷାଧ୍ୟକ୍ଷ ସୁଦୀପ୍ତ ପରିଡା, ସଦସ୍ୟ ଆଇନଜୀବୀ ନରେଶ ଦାସ, ସଞ୍ଜୀବ ବରାଳ, ଅନିଲ ଦାସ, ସରୋଜ ଦ୍ୱିବେଦୀ, ସାରଦା ଦାସ, ସୁଶାନ୍ତ ଦାସ, ଦିଲ୍ଲୀପ ଗୋଚ୍ଛାୟତ, ସୁରେଶ ଦାସ, ମନୋଜ ମହାପାତ୍ର, ପିଙ୍କୁ ପ୍ରଧାନ, ଅନିଲ ବରାଳ, ପ୍ରଦୀପ୍ତ ପରିଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ଜୀବନ ରେଖା ଥିଏଟରର କଳାକାରମାନେ ମଞ୍ଚସ୍ଥ କରିବେ ନାଟକ 'କମଳା'।

## ଅଜୟ ମୁଦୁଲିଙ୍କୁ ଓଡ଼ିଶା ଗୌରବ ସମ୍ମାନ

ବାଲିକୁଦା,୨।୧(ସମିସ): ବାଲିକୁଦା ବ୍ଲକ ସାରଳା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ମୁଦୁଲି ଓୟୁଏନ୍ ବୁକ ଅଫ ୱାର୍ଲଡ ରେକର୍ଡରେ ସ୍ଥାନ ପାଇବା ସହ ଓଡ଼ିଶା ଗୌରବ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ବିଶ୍ୱ ଚାରିଟି ଫାଉଣ୍ଡେସନ ଭଞ୍ଜକଳା ମଣ୍ଡପ, ବ୍ରହ୍ମପୁର ଗଞ୍ଜାମଠାରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇଙ୍କ ଦ୍ୱାରା ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଡ. ମୁଦୁଲି ପୂର୍ବରୁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ବୁଦ୍ଧିଜୀବୀ ପରିଷଦ "ଜାଗ୍ରତ' ସଭାପତି ପଦ୍ମଚରଣ ସ୍ୱାଇଁ, ଗଙ୍ଗାଧର ଖଟୁଆ, ଅଜୟ ଦାସ, ଶରତ ମଲ୍ଲିକ, ପ୍ରାଣକୃଷ୍ଣ ପ୍ରଧାନ, ରବୀନ୍ଦ୍ର ସେଠୀ, ଶିକ୍ଷାବିତ ଗନ୍ଧର୍ବ ସଉ, ହୃଷୀକେଶ ଚଇନି ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୃଦ୍ଧିଜୀବ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ୧୯ ଗ୍ରାମ ବ୍ରାଉନସୁଗର ଜବତ

ଜଗତସିଂହପୁର,୨।୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସିଙ୍ଗିପୁର ବଜାର ଠାରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୧୯ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ରାଇବରେଇ ଗ୍ରାମର ସୋମନାଥ ସାହୁ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ବ୍ରାଉନସୁଗର ବେପାର କରୁଥିବା ସମ୍ପର୍କରେ ଜଗତସିଂହପୁର ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ବ୍ରାଉନସୁଗର ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଥାନାର ଉପନିରୀକ୍ଷକ ଭାଗ୍ୟଲକ୍ଷ୍ମୀ ଦଳାଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ସିଙ୍ଗିପୁର ବଜାରରେ ମାଡ଼ି ବସିଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଲେ ରାଇବରେଇ ଗ୍ରାମର ସ୍ୱର୍ଗତ ଅକ୍ଷୟ ନାୟକଙ୍କ ପୁତ୍ର ସୋମନାଥ ନାୟକ(୨୬)। ଜବତ ବ୍ରାଉନସୁଗାରର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୧.୯୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଇ ଦିଆଯାଇଛି।

## ଶତାୟୁ ମହିଳାଙ୍କ ପରଲୋକ

ବାଲିକୁଦା,୨।୧(ସମିସ): ବାଲିକୁଦା ବ୍ଲକ ଅଳାଭର ଗ୍ରାମର ଶତାୟୁ ତଥା ଧର୍ମପ୍ରାଣା ମହିଳା ସତ୍ୟଭାମା ଶତପଥୀଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୧୦ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଛି ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। କନିଷ୍ଠ ପୁତ୍ର ତଥା ଶାସନ ଅଳାଭର ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଗଗନ ବିହାରୀ ଶତପଥୀ ମୁଖାଗ୍ନି ଦେଇଥିବା ବେଳେ ଅଳାଭର ସମିତିସଭ୍ୟ ହରିଶ ଚନ୍ଦ୍ର ଶତପଥି, ସରପଞ୍ଚ ପ୍ରତିନିଧି ବିଭୁତି ଭୂଷଣ ସ୍ୱାଇଁ, ଉତ୍ତମ କୁମାର ଶତପଥୀ, କେଳୁଚରଣ ସାହୁ, ଆଞ୍ଚଳିକ ଜାଗ୍ରତ ଗୌରୀ ଗୀତାପ୍ରଚାର ସମିତିର ସଦସ୍ୟ ଚକ୍ରଧର ଷଡ଼ଙ୍ଗୀ, ପୂର୍ଣ୍ଣ ଚନ୍ଦ୍ର ଶତପଥି, ଶରତଚନ୍ଦ୍ର ବାରିକ, କୁଳମଣି ରଥ ଓ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ରୁଷେନ୍ଦ୍ର କୁମାର ସାହୁ, ତ୍ରିଲୋଚନ ଶତପଥି, ପ୍ରବୋଧ କୁମାର ମହାନ୍ତି, ସରୋଜ କୁମାର ଦାସ, ଜିତେନ୍ଦ୍ରିୟ ଶତପଥୀ, ରାମଚନ୍ଦ୍ର ଶତପଥୀ ପ୍ରମୁଖ ଶେଷ ଦର୍ଶନ କରିଥିବା ବେଳେ ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ବିଶ୍ୱମୈତ୍ରୀ ବ୍ରାହ୍ମଣ ପରିଷଦର ଗୀତାଯଜ୍ଞ




ବିରିଡି,୨।୧(ସମିସ): ବିଶ୍ୱମୈତ୍ରୀ ବ୍ରାହ୍ମଣ ପରିଷଦ ଧାନକୁଦ ପୀଠ ହାଜିପୁର ଆନୁକୂଲ୍ୟରେ ବିଶ୍ୱର ମଙ୍ଗଳ କାମନା କରି ଗୀତାପାରାୟଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦୀନବନ୍ଧୁ ପତିଙ୍କ ନେତୃତ୍ୱରେ ଏବଂ ସମ୍ପାଦକ ନିରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଧାନକୁଦ ପୀଠ ପରିସରରେ ଥିବା ପରିଷଦର ଗୃହରେ ଏହି ଗୀତାପାରାୟଣ କରାଯାଇଥିଲା। ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟାରେ ବ୍ରାହ୍ମଣ ମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ରାହ୍ମଣମାନଙ୍କ ଉନ୍ନତି ସମ୍ପର୍କରେ ଆଲୋଚନା କରାଯିବାସହ ସମସ୍ତଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁରୁପ୍ରସାଦ ରଥ, ଚନ୍ଦ୍ରମଣି ଦାଶ, ସତ୍ୟନାରାୟଣ ବାଘୀ, ଉମେଶ ଚନ୍ଦ୍ର କର, ନିରଞ୍ଜନ ପ୍ରସାଦ କର, ଚିତ୍ତରଞ୍ଜନ କର, ବିଭୁପ୍ରସାଦ କର, ପବିତ୍ର ପଣ୍ଡା, ଉମେଶ ଚନ୍ଦ୍ର ମିଶ୍ର, ପ୍ରମୋଦ ଶତପଥି, ଉମାକାନ୍ତ ନନ୍ଦ, ଜୟ କୃଷ୍ଣ ତ୍ରିପାଠୀ, ଦିଲୀପ କୁମାର ମିଶ୍ର, ସୁବାସ ଚନ୍ଦ୍ର ଦାଶ, ଗିରିଜା ଶଙ୍କର ତ୍ରିପାଠୀ, ଦେବପ୍ରସାଦ ମିଶ୍ର, ପ୍ରଫୁଲ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦର ପ୍ରତିଷ୍ଠା ଦିବସ ପାଇଁ ମାରାଥନ ଆଜି

ପାରାଦୀପ,୨।୧(ସମିସ): ଆସନ୍ତାକାଲି ଜାନୁଆରୀ ୩ ତାରିଖ ୨୧ତମ ପାରାଦୀପ ମାରାଥନ-୨୦୨୬ (ଦୌଡ଼ ପ୍ରତିଯୋଗିତା) ଅନୁଷ୍ଠିତ ହେବ। ପାରାଦୀପ ବନ୍ଦରର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ଦୌଡ଼ ପ୍ରତିଯୋଗିତା ପ୍ରତ୍ୟକ ବର୍ଷ ଜାନୁଆରୀ ୩ ତାରିଖରେ ବନ୍ଦର କର୍ତ୍ତୃପକ୍ଷ ଆୟୋଜନ କରିଥାନ୍ତି। ଏନେଇ ଆସନ୍ତା କାଲି ସକାଳ ୬.୩୦ରେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ଏହି ଦୌଡ ପ୍ରତିଯୋଗିତାର ଶୁଭାରମ୍ଭ କରିବେ। ଏହି ଦୌଡ଼ ବନ୍ଦର ୫ ନମ୍ବର ଗେଟ ନିକଟ ହନୁମାନ ମନ୍ଦିର ଠାରୁ ଆରମ୍ଭ ହୋଇ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଶେଷ ହେବ। ପ୍ରତିଯୋଗିଙ୍କୁ ଏହି ୧୪ କିମି ରାସ୍ତାକୁ ଅତିକ୍ରମ କରିବା ପାଇଁ ପଡିବ। ଯେଉଁମାନେ ଭାଗ ନେବେ ସେମାନେ ଏହି ୧୪ କିମି ରାସ୍ତାରେ ଦୌଡି ସେମାନଙ୍କର ପାରଦର୍ଶିତା ଅର୍ଜନ କରିବେ। ପରେ ଗୋପବନ୍ଧୁ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ସେମାନଙ୍କୁ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିବେ। ସମ୍ମାନିତ ଅତିଥି ଭାବେ ବନ୍ଦର ଡେପୁଟି ଚେୟାରମ୍ୟାନ୍ ଟି ଭେନୁଗୋପାଳ ଓ ପାରାଦୀପ ଲେଡିଜ କ୍ଲବର ସଭାପତି ପି. ଗିରିଜାସୁନ୍ଦରୀ ମଞ୍ଚରେ ଉପସ୍ଥିତ ରହିବା ନେଇ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିରେ ଆନ୍ତର୍ଜାତୀୟ କ୍ରୀଡ଼ାବିତ ପ୍ରତୀକ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ମାରାଥନ ପ୍ରତିଯୋଗିତାରେ ୬୦୦ ଶହ ପୁରୁଷ ୧୦୦ ଜଣ ମହିଳା ଅଂଶ ଗ୍ରହଣ କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

## ସେଚ୍ଛାସେବୀ ସଂଗଠନ ପକ୍ଷରୁ ଶୀତବସ୍ତ୍ର ବିତରଣ

ପାରାଦୀପ,୨।୧(ସମିସ): ପାରାଦୀପଗଡ଼ ପଞ୍ଚାୟତର ଚୁନବେଲାରୀ ଓ କତକୁଲା ଗ୍ରାମର ଯୁବକ ମାନବ ସେବାକୁ ବ୍ରତ ରୂପେ ଗ୍ରହଣ କରି ନିଜସ୍ୱ ଅନୁଦାନରେ ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରାମରେ ଥିବା ସମସ୍ତ ବୟୋଜେଷ୍ଠ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ନବବର୍ଷ ଅବସରରେ ଭବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶରତ ରାଉତ,




ଡାକ୍ତର ବିପିନ ସାମନ୍ତରାୟ, ରମେଶ ତ୍ରିପାଠୀ, ଗୋଲାପରାଣୀ ସାହୁ, ପ୍ରହଲ୍ଲାଦ ବେହେରା, ଅଧ୍ୟାପକ ପ୍ରଣତୀ ପଣ୍ଡା, କେଶବ ବେହେରା, ନିମାଇଁ ମହାପାତ୍ର, ଅକ୍ଷୟ ମହାପାତ୍ର ଓ ପର୍ଶୁରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଗଠନ ସଭାପତି ବାବାଜୀ ମହାପାତ୍ର, ଉପସଭାପତି ଅନୁପ ମହାପାତ୍ର, ସମ୍ପାଦକ ସାଗର ସାହୁ, ସହସମ୍ପାଦକ ଅନନ୍ତ ବିଶ୍ୱାଳ, କାର୍ଯ୍ୟକାରୀ କମିଟି ସଭ୍ୟ ଚନ୍ଦ୍ରକାନ୍ତ ସ୍ୱାଇଁ, ପ୍ରକାଶ ସାହୁ, ଅଜୟ ବେହେରା, କାର୍ତ୍ତିକ ଚନ୍ଦ୍ର ବେହେରା, ଉତ୍କଳ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସଂଗଠନ ପକ୍ଷରୁ ପୋଖରୀ ହୁଡ଼ା, ସ୍କୁଲ ପଡ଼ିଆରେ ୪୦୦ ବୃକ୍ଷରୋପଣ କରାଯାଇଥିଲା।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ

ଜଗତସିଂହପୁର,୨।୧(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ୨୦୨୬ ଜାନୁଆରୀ ମାସ ଠାରୁ ୨୦୨୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଜାନୁଆରୀ ୫ ତାରିଖରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ୧୨ରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ, ୧୯ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୨୭ରେ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଫେବୃଆରୀ ମାସ ୨ ତାରିଖରେ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ, ୯ ତାରିଖ ଦିନ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ, ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ୨୩ ତାରିଖ ଦିନ ଏରସମା ବ୍ଲକ୍ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ମାସ ୨ ତାରିଖରେ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ, ୯ରେ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ, ୧୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୨୩ରେ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଓ ୩୦ରେ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହିସବୁ ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ- ତଥା-ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ଜିଲ୍ଲାର ଜନସାଧାରଣ ଏହାର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଭୂତମୁଣ୍ଡାଇରେ ଖୋଲିଲା ହିନ୍ଦୁ ସେନା କାର୍ଯ୍ୟାଳୟ

କୁଜଙ୍ଗ/ପାରାଦୀପ,୨।୧(ସମିସ): ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ଅଞ୍ଚଳରେ 'ହିନ୍ଦୁସେନା'ର ନୂତନ ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟରେ ଧଳା ଜହର ବିରୋଧରେ ଲଢ଼େଇ କରୁଥିବା ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କ ସହ ସମାଜରେ ଘଟୁଥିବା ବିଭିନ୍ନ ସମସ୍ୟା ଓ ସାମାଜିକ ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନା ସମୟରେ ସମାଜରେ ସମରସତା ଓ ଏକତା ବଜାୟ ରଖିବାର ଆବଶ୍ୟକତା ଉପରେ ଜୋର ଦିଆଯାଇଥିଲା। ହିନ୍ଦୁ ପରିବାରମାନଙ୍କ ମଧ୍ୟରେ ଧାର୍ମିକ ଜାଗରଣ ସୃଷ୍ଟି କରିବା, ଗୋରକ୍ଷା, ରାଷ୍ଟ୍ର ରକ୍ଷା, ଧର୍ମ ରକ୍ଷା ଏବଂ ସ୍ୱ-ରକ୍ଷା ପ୍ରତି ସଚେତନ ହେବା ପାଇଁ ଉପସ୍ଥିତ ବକ୍ତାମାନେ ଆହ୍ୱାନ କରିଥିଲେ। ସେହିପରି ସମାଜରେ ଶାନ୍ତି, ସଦ୍‌ଭାବ ଓ ଏକତା ଅତୁଟ ରଖିବା ପାଇଁ ସମସ୍ତେ ମିଶି କାମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ସାମ୍ବାଦିକ ସତ୍ୟଶିବ ପରିଡା, ବିଶ୍ୱଜିତ ବେହେରା, ଅକ୍ଷୟ ଦାସ, ଅରୀକ୍ଷିତ ଦାସ, ଦେବଦୂତ ସଡ଼କ ବାହିନୀର ସଭାପତି ପଙ୍କଜ ତରାଇ, ସମାଜସେବୀ ବାବୁନି ବେହେରା, ସୁବ୍ରତ ମହାନ୍ତି, ଦିବ୍ୟଜ୍ୟୋତି ପଲାଇ ଯୋଗ ଦେଇଥିଲେ।

**ଗାଭାସ୍କର ଚ୍ୟାଲେଞ୍ଜ ଟ୍ରଫି**

## କଟକକୁ ହରାଇ ପୁନଙ୍ଗ ଚାମ୍ପିଅନ

ବାଲିକୁଦା,୨।୧(ସମିସ): ବାଲିକୁଦା ବ୍ଲକ ନହରଣା ଗାଭାସ୍କର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୨ତମ ଗାଭାସ୍କର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉତ୍କଳମଣି ଗୋପବନ୍ଧୁ ଷ୍ଟାଡିୟମ ଠାରେ ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପ୍ରେସ୍‌କ୍ଲବ କଟକ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ପୂର୍ବରୁ ୧୯. ୨ ଓଭରରେ ତାର ସମସ୍ତ



ୱିକେଟ ହରାଇ ୧୪୬ ରନ ସ୍କୋର କରିଥିଲା। ଦଳ ପକ୍ଷରୁ ଅଙ୍କିତ ପ୍ରଧାନ ସର୍ବାଧିକ ୪୦ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଜୟଦୁର୍ଗା ୟୁଥ ଆଣ୍ଡ ଆଥଲେଟିକର ବୁଟା ସିଂ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ୧୪୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପୁନଙ୍ଗ ଟିମ ୧୯.୨ ଓଭରରେ ୬ ୱିକେଟ ହରାଇ ୧୫୨ ରନ କରି ଚାମ୍ପିଅନ ହୋଇଥିଲା। ଦଳ ପକ୍ଷରୁ ପୃଥ୍ୱୀରାଜ ସ୍ୱାଇଁ ୧୯ ବଲରେ ୫୦ ରନ କରି ଦଳକୁ ବିଜୟୀ କରାଇବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାନ ଅଫ ଦି ସିରିଜ ବୁଟା ସିଂ, ବେଷ୍ଟ ବୋଲର ଏମ୍‌ଡି ମୁନା, ବେଷ୍ଟ ବ୍ୟାଟ୍ସମ୍ୟାନ ସଦାଶିବ ଦାସ, ବେଷ୍ଟ ଫିଲଡର ଓମ ପ୍ରକାଶ ମୁଦୁଲିଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟାଚରେ ଅମ୍ପେୟାର ଦାୟିତ୍ୱ ଜନକ ପରିଡ଼ା ଓ ସୁଧୀର ପରିଡ଼ା ନିର୍ବାହ କରିଥିବା ବେଳେ ସ୍କୋରିଙ୍ଗରେ ରାଜେନ୍ଦ୍ର ମୁଦୁଲି ଓ ସୌମ୍ୟରଞ୍ଜନ ପରିଡା ସହାୟତା ପ୍ରଦାନ କରିଥିଲେ। ମ୍ୟାଚର ସମସ୍ତ ଧାରାବିବାରଣୀ ଧର୍ମେନ୍ଦ୍ର ସାହୁ ଓ ସୁବାସ ସ୍ୱାଇଁ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାନବାଧିକାର କର୍ମୀ ଡ. ଦିଲ୍ଲୀପ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଦନ୍ତ ଚିକିତ୍ସକ ଡାକ୍ତର ଶଶାଙ୍କ ଶେଖର ସାହାଣୀ, ସମ୍ମାନିତ ଅତିଥିଭାବେ ବରିଷ୍ଠ ସଫ୍ଟୱାୟାର ଇଂ. ସିଦ୍ଧାର୍ଥ ପ୍ରକାଶ ପରିଡା, ସହକାରୀ ବେସାମରିକ ଯୋଗାଣ ଅଧିକାରୀ କେନ୍ଦ୍ରାପଡ଼ା ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।

## ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ମହତାବ

ଜଗତସିଂହପୁର,୨।୧(ସମିସ): ମହାନ୍ ଜନନାୟକ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସେଣ୍ଟ୍ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ସ୍ତମ୍ଭକାର ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆ.ର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି ହରେକୃଷ୍ଣ ମହାତାବ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ତାଙ୍କ ବକ୍ତବ୍ୟରେ ଓଡ଼ିଶାର ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ସର୍ବୋପରି ଆଧୁନିକ ଓଡିଶା ଗଠନରେ ଡ. ହରେକୃଷ୍ଣ ମହତାବଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ପ୍ରିୟଙ୍କା ମଣ୍ଡଳ ଓ ଶିକ୍ଷକ ଅଶୋକ କୁମାର ବେହେରା ଆଲୋଚନାରେ ଭାଗନେଇ ଗଡ଼ଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡ଼ିଶା ଟେକ୍ସଟାଇଲ୍ ମିଲ୍, କଟକ ଆକାଶବାଣୀ କେନ୍ଦ୍ର ଓ ହାଇକୋର୍ଟ ପ୍ରତିଷ୍ଠାରେ ମହତାବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମତ ଦେଇଥିଲେ। ଶିକ୍ଷୟିତ୍ରୀ ମିନତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ**

## ଅଷ୍ଟମ ଶ୍ରେଣୀରୁ କମ୍ ଛାତ୍ରଛାତ୍ରୀଙ୍କୁ ପରେଡ୍ ମନା

ଜଗତସିଂହପୁର,୨।୧(ସମିସ)




ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରାତଃ ଘ. ୪.୩୦ ମିରେ ରାମଧୂନ, ପ୍ରଭାତ ଫେରି ସକାଳ ୬ଘଟିକା, ବିଭିନ୍ନ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ସକାଳ ୭ ଘଟିକା ଏବଂ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ପୂର୍ବାହ୍ନ ଘ ୮.୩୦ ମି ସମୟରେ ଅନୁଷ୍ଠିତ ହେବ। ପ୍ରତ୍ୟେକ କାର୍ଯ୍ୟାଳୟରେ ନୂତନ ପତାକା ବ୍ୟବହାର କରି ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜାନୁଆରୀ ୨୧ ଓ ୨୨ ତାରିଖ ଅପରାହ୍ନ ୩ ଘଟିକା ଓ ୨୪ ତାରିଖ ସକାଳ ୮ ଘଟିକା ସମୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ପରେଡ୍‌ରେ କେବଳ ଅଷ୍ଟମରୁ ଦଶମ ଓ କଲେଜ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ତା'ଠାରୁ କମ ଶ୍ରେଣୀର ପିଲାମାନେ ଅଂଶଗ୍ରହଣ କରିପାରିବେ ନାହିଁ। ତେବେ ପ୍ରଥମରୁ ତୃତୀୟ, ୪ର୍ଥରୁ ୫ମ, ୬ଷ୍ଠରୁ ୮ମ, ହାଇସ୍କୁଲ ଓ କଲେଜ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ବ୍ଲକ ଓ ପୌର ପରିଷଦ ମଧ୍ୟରେ ୧୭ ତାରିଖ ଓ ଜିଲ୍ଲାସ୍ତରରେ ୨୦ ତାରିଖରେ ଅନୁଷ୍ଠିତ ହେବ। ପରେଡ୍ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା କରି ୪ ଗୋଟି ସାଂସ୍କୃତିକ ଦଳକୁ ବାଛିବେ। ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ସ୍ଥାନୀୟ ଅନୁଷ୍ଠାନ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକ ସଜ୍ଜା କରାଯିବ। ବିଭିନ୍ନ ବିଭାଗ ଓ ପାରାଦୀପର ପ୍ରମୁଖ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ପ୍ରଜ୍ଞାପନ ମେଢ଼ ପରେଡ୍ ସମୟରେ ପ୍ରଦର୍ଶିତ ହେବ। ଜେଲର ଅନ୍ତେବାସୀ ଓ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ସାଧାରଣତନ୍ତ୍ର ଦିବସ ଦିନ ମୁଖ୍ୟଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯିବ। ପରେଡ ପରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରେ ବୃକ୍ଷରୋପଣ କରାଯିବ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଜିଲ୍ଲାପାଳଙ୍କ ଆଦେଶ ମତେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଛୋଟ ଏକ ପ୍ରୟାସର ନିଆରା ନୂଆବର୍ଷ ପାଳନ



**ଖଜୁରିଆକଟା, ୨।୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଖଜୁରିଆକଟାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛୋଟ ଏକ ପ୍ରୟାସ ପକ୍ଷରୁ ଗୁରୁବାର ଗରିବ ଅସହାୟଙ୍କ ବସ୍ତିରେ ଛୋଟ ପିଲାମାନଙ୍କୁ ନେଇ ନିଆରା ଢଙ୍ଗରେ ନୂତନବର୍ଷ ପାଳନ କରାଯାଇଛି। ଭୋଜିଭାତ ମଦମାଂସ କିମ୍ବା ନାଚଗୀତରେ ସହ ଲକ୍ଷାଧିକ ଟଙ୍କା ଉଡ଼ାଇ ସମସ୍ତେ ନବବର୍ଷ ପାଳୁଥିବାବେଳେ ଏହି ଅନୁଷ୍ଠାନ ହିନ୍ଦୋଳ ଏନସି ୱାର୍ଡ ନଂ-୧୫ସ୍ଥିତ କୁଳିଆତୁଟା ହରିଜନ ବସ୍ତିରେ ଗରିବଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର, କମ୍ବଳ ଇତ୍ୟାଦି ବଣ୍ଟନ କରି ସେମାନଙ୍କ ମୁହଁରେ ହସ ଫୁଟାଇ ସେମାନଙ୍କ ପିଲାମାନଙ୍କ ହାତରେ କେକ କାଟି ନୂଆବର୍ଷ ପାଳନ କରିଛି। ଏଥିରେ ବସ୍ତି ବାସିନ୍ଦା ଅତ୍ୟନ୍ତ ଖୁସି ହୋଇଥିବା ବେଳେ ନୂତନ ବର୍ଷ ପାଳନ ଆନନ୍ଦ ଉଠାଇଛନ୍ତି। ଏହି ଅବସରରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବସ୍ତିର ମାନସ ନାଏକଙ୍କ ପରିବାରକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ସମବେଦନା ଜଣାଇ ଶୁଖିଲା ଖାଦ୍ୟ, ବସ୍ତ୍ର, କମ୍ବଳ ଆଦି ଦେବାସହ ସବୁ କ୍ଷେତ୍ରରେ ତାଙ୍କ ପରିବାର ସାଥୀରେ ଠିଆ ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



**ପରଜଙ୍ଗ, ୨।୧(ସମିସ):** ପରଜଙ୍ଗ ବ୍ଲକର ବିଭିନ୍ନ ବସ୍ତି, ସାହିରେ ନୂତନ ବର୍ଷର ପ୍ରଥମ ଦିବସରେ ୟୁଥ୍ ୟୁନାଇଟେଡ ଫର୍ ସଷ୍ଟେନେବଲ ଏନଭର୍ଣ୍ଣମେଣ୍ଟ ଟ୍ରଷ୍ଟ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଆମ୍ବପଳାଶ ପଞ୍ଚାୟତର ଜାମୁନାଳି ଓ ସିଂହଡ଼ା ଗ୍ରାମର ଦଳିତ ସାହିରେ ଟ୍ରଷ୍ଟ ସଦସ୍ୟ ସତ୍ୟନାରାୟଣ ସାମଲ, ଖଗେଶ୍ୱର ଭୂତିଆ, ପପୁ ସାହୁ, ପୂଜାରାଣୀ ଭୁକ୍ତାଙ୍କ ସମେତ ଖବରଦାତା ଅମରେନ୍ଦ୍ର ଦାସ, ଶାନ୍ତନୁ ଭୁକ୍ତା ପ୍ରମୁଖ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଏପରି ସାମାଜିକ କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

**ଗଁଦିଆ:** ନୂଆବର୍ଷର ପ୍ରଥମ ଦିବସରେ ଆଞ୍ଚଳିକ ସେବା ସଂଗଠନ ପକ୍ଷରୁ ଗଁଦିଆ ବ୍ଲକର ବିଭିନ୍ନ ସାହିବସ୍ତିରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ପରୁହଖୋଜ ପଞ୍ଚାୟତ ବାଣିଆପଡ଼ା ଦେହୁରୀସାହି ଓ ଗଁଦିଆ ଗ୍ରାମ ଦଳିତ ସାହି ଏବଂ ଦେହୁରୀ



ସାହିର ଅସହାୟ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଆଞ୍ଚଳିକ ସେବା ସଂଗଠନର ଉପଦେଷ୍ଟା ଗଣେଶ୍ୱର ପ୍ରଧାନ, ସଭାପତି ଅଜିତ ରାଉତ, ଉପସଭାପତି ତାପସ ରାଉତ, କୋଷାଧ୍ୟକ୍ଷ ପ୍ରଭାସ ସାହୁ, ସଦସ୍ୟ ରମାକାନ୍ତ ସାହୁ, ନିତ୍ୟାନନ୍ଦ ସାହୁ, ମକାରଧ୍ୱଜ ପାତ୍ର, ବିଜୟ ପ୍ରଧାନ, ପ୍ରକାଶ ବାରିକ, ବୁଲୁ ସାହୁ ପ୍ରମୁଖ ଉପସ୍ଥିତ ରହି ବଣ୍ଟନରେ ସହଯୋଗ କରିଥିଲେ।

## ଖଙ୍କିରାରେ ସେବା ସମବାୟ ସମିତି ଉଦଘାଟିତ




**ଗଁଦିଆ, ୨।୧(ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଖଙ୍କିରା ଗ୍ରାମରେ ଖଙ୍କିରା ପ୍ରାଥମିକ କୃଷି ସମବାୟ ସମିତି ଉଦଘାଟିତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସମବାୟ ସମିତି ସମୂହର ଉପନିବନ୍ଧକ ଉମାଶଙ୍କର ଦାସ, ସହକାରୀ ନିବନ୍ଧକ ଅନନ୍ୟା ଶର୍ମା ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର ଗ୍ରାମବାସୀଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ। କୃଷିର ଉନ୍ନତି ତଥା ଜଳସେଚନ ଦିଗରେ ଡାହିବନ୍ଧକୁ କାର୍ଯ୍ୟକ୍ଷମ କରିବା ଓ ସୀମାନ୍ତ କଳକଳା ରାସ୍ତାର ଉନ୍ନତୀକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ଫଟୋଗ୍ରାଫର ରାଜେଶ ପାଣିଙ୍କ ହତ୍ୟାକାରୀଙ୍କୁ ଧରିବାରେ ପୁଲିସ ବିଫଳ

# ଆନ୍ଦୋଳନ ଡାକରା ଦେଲା ପରଜଙ୍ଗ କଂଗ୍ରେସ

**ପରଜଙ୍ଗ, ୨।୧(ସମିସ)**

ବହୁଚର୍ଚ୍ଚିତ ଫଟୋଗ୍ରାଫର ରାଜେଶ ପାଣି ହତ୍ୟାକାଣ୍ଡକୁ ଦେଢ଼ମାସ ବିତିଯାଇଥିଲେ ମଧ୍ୟ ହତ୍ୟାକାରୀକୁ ଧରିବାରେ କାମାକ୍ଷାନଗର ପୁଲିସ ବିଫଳ ହୋଇଛି। ଏହାର ପ୍ରତିବାଦରେ ପରଜଙ୍ଗ କଂଗ୍ରେସ ଆନ୍ଦୋଳନ ଡାକରା ଦେଇଛି।

ପରଜଙ୍ଗ ଥାନା ସାଆନ୍ଦା ଗ୍ରାମର ରାଜେଶ ଗତ ନଭେମ୍ବର ୧୩ ତାରିଖ କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମକୁ ଏକ ନିର୍ବନ୍ଧ ଭିଡିଓ ସୁଟିଂ ନିମନ୍ତେ ପତ୍ନୀକୁ କହି କ୍ୟାମେରା ସରଞ୍ଜାମ ଧରି ଘରୁ ବାହାରି ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ଫୋନ ମଧ୍ୟ ବନ୍ଦ ଥିବାରୁ ପତ୍ନୀଙ୍କର ସନ୍ଦେହ ହୋଇଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ସନ୍ଧାନ ମିଳି ନ ଥିଲା। ପରଦିନ ମୁକ୍ତାପଶି ଗ୍ରାମ ମହୋତ୍ସବ ଖନ୍ଦା ପୋଖରୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଖରୀ ହୁଡ଼ାରେ ତାଙ୍କ ବାଇକ୍ ରହିଥିବା ବେଳେ ନିକଟରେ ଥିବା ଏକ ମଣ୍ଡପ ଉପରେ ବାଇକ୍ ଚାବି ରହିଥିଲା। କାମାକ୍ଷାନଗର ପୁଲିସ ଓ ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ରାଜେଶଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦିଆଯାଇଥିବା ତାଙ୍କ ଶଳା ଅର୍ଜିତ ପଣ୍ଡା କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଇତିମଧ୍ୟରେ ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୁଲିସ ଘଟଣାର ପର୍ଦ୍ଦାଫାଶ କରିପାରି ନାହିଁ। ଏ ନେଇ ପରଜଙ୍ଗ ବ୍ଲକ କଂଗ୍ରେସ କମିଟି ସଂଯୋଜକ ଅବିନାଶ ପଣ୍ଡାଙ୍କ ନେତୃତ୍ୱରେ ରାମଚନ୍ଦ୍ର ସାହୁ, କେନ୍ଦୁ ଜେନା, କଙ୍କଡ଼ାହାଡ଼ ବ୍ଲକ କାରଗୋଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତ ସିଂ ପ୍ରମୁଖ ରାଜେଶଙ୍କ ପରିବାରକୁ ଭେଟିବା ସହ ଆସନ୍ତା ୧୦ ତାରିଖ ସୁଦ୍ଧା ଯଦି ଘଟଣା ଉପରୁ ପୁଲିସ ପରଦା ନ ଉଠାଏ ତେବେ ୧୧ ତାରିଖ କଂଗ୍ରେସ ପକ୍ଷରୁ ବାରିହାପୁରଠାରେ ୫୩ନଂ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଜିଲ୍ଲାପାଳ, କାମାକ୍ଷାନଗର ଉପଜିଲ୍ଲାପାଳ, ଏସ୍‌ଡିପିଓ, ପରଜଙ୍ଗ ତହସିଲଦାର, ଥାନାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଯଦି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହୁଏ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ଚଳିତ ବର୍ଷ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଉଫୁନାର ଦାବି



**ଢେଙ୍କାନାଳ, ୨।୧(ସମିସ):** ନୂଆବର୍ଷ ଉପଲକ୍ଷେ ଉଫୁନା ପକ୍ଷରୁ ଏକ ବନ୍ଧୁମିଳନ ଆୟୋଜନ କରାଯାଇଥିଲା। ଏଥିରେ ୟୁନେସ୍କୋର ରାଜ୍ୟ ଆବାହକ ତଥା ଉଫୁନାର ସାଧାରଣ ସମ୍ପାଦକ କବି ବାହାଦୁର ପାଟସାହାଣୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାର ଢେଙ୍କାନାଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବଜେଟରେ ଅନୁଦାନ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଉଫୁନାର ରାଜ୍ୟ ସଭାପତି ତଥା ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କଲେଜ ପାଇଁ ଆବଶ୍ୟକ ଜାଗା ବ୍ୟବସ୍ଥା ମଧ୍ୟ ହୋଇଛି। ଚଳିତ ଶିକ୍ଷାବର୍ଷରେ ମେଡିକାଲ କଲେଜରେ ନାମଲେଖା କରିବା ପାଇଁ ସରକାରଙ୍କ ପାଖରେ ଦାବି କରାଯାଇଛି। ବୈଠକରେ ସମାଜବାଦୀ ନେତା ସରୋଜ ଶତପଥୀ, ସମାଜସେବୀ ଲକ୍ଷ୍ମୀଧର ବାରିକ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ବିପିନି ବେହେରା, ଇଂ ଡମ୍ବରୁଧର ପଣ୍ଡା, ଇଂ ଯୁଧିଷ୍ଠିର ସାହୁ, ଉପେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଏମଜିଏମ ନିମିଧା କାରଖାନାରେ ନବବର୍ଷ ପାଳିତ



**ଢେଙ୍କାନାଳ, ୨।୧(ସମିସ):** ନୂତନ ବର୍ଷର ଶୁଭ ସକାଳରେ ଏମଜିଏମ ଷ୍ଟିଲ ଡିଭିଜନ ୦୧, ନିମିଧା କାରଖାନାର କର୍ମଚାରୀ ଓ ଶ୍ରମିକମାନେ ପୂର୍ବ ବର୍ଷର ସଫଳତାର ଅନୁଭବ ସହ ଆଗାମୀ ବର୍ଷ ପାଇଁ ସଙ୍କଳ୍ପବଦ୍ଧ ହୋଇ ଉତ୍ସାହର ସହ ନୂଆବର୍ଷ ପାଳନ କରିଛନ୍ତି। କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀକାନ୍ତ ବେହେରା ଉପସ୍ଥିତ କର୍ମଚାରୀ ଓ ଶ୍ରମିକମାନଙ୍କୁ କମ୍ପାନୀର ଅଧ୍ୟକ୍ଷ ପଦ୍ମଲୋଚନ ମହାନ୍ତିଙ୍କ ତରଫରୁ ନୂତନ ବର୍ଷର ଶୁଭେଚ୍ଛା ଓ ବାର୍ତ୍ତା ଜଣାଇଥିଲେ। ଅଧ୍ୟକ୍ଷଙ୍କ ବାର୍ତ୍ତା ମାଧ୍ୟମରେ ବିଗତ ବର୍ଷର ସଫଳ କାର୍ଯ୍ୟ ନିଷ୍ପାଦନ ପାଇଁ ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ଧନ୍ୟବାଦ ଜଣାଇବା ସହ ଚଳିତ ବର୍ଷ କାରଖାନାର ମୂଳ ଲକ୍ଷ୍ୟ ଓ ଉତ୍ପାଦନ ବୃଦ୍ଧି ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସମସ୍ତଙ୍କ ପରିବାରର ସୁଖସମୃଦ୍ଧି କାମନା କରିଥିଲେ।

## ଡିଆଇଇଟି ଛାତ୍ର ପରିଷଦର ଶପଥ ଗ୍ରହଣ ଉତ୍ସବ



**ଢେଙ୍କାନାଳ, ୨।୧(ସମିସ):** ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ର ପରିଷଦର ଶପଥ ଗ୍ରହଣ ଉତ୍ସବ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ୧୬ ବିଭାଗ ପାଇଁ ମନୋନୀତ ଛାତ୍ର ପ୍ରତିନିଧିମାନେ ପଦ ଓ ଗୋପନୀୟତାର ଶପଥପାଠ କରିଥିଲେ। ସଭାପତି ଭାବେ ଯଜ୍ଞପ୍ରସାଦ ଶତପଥୀ, ଉପସଭାପତି ରଶ୍ମିରଞ୍ଜନ ନାୟକ ଓ ସାଧାରଣ ସମ୍ପାଦକ ଭାବେ ସ୍ନିଗ୍ଧା ସାହୁ ଶପଥ ନେଇଛନ୍ତି। ସେହିପରି ସାଂସ୍କୃତିକ ସମ୍ପାଦକ ହରିହର ରାଉଳ, କ୍ରୀଡ଼ା ସମ୍ପାଦକ ଆଶୁତୋଷ ମହାନ୍ତି, ମୋ କର୍ତ୍ତବ୍ୟ ଅଭିଯାନ ସଂଯୋଜକ ସୋୟାଂଶୁ ପଟ୍ଟନାୟକ, ମାଗାଜିନରେ ଏମଏସ ମରଜ୍ୟୋତି, ଶୃଙ୍ଖଳାରେ ଜିତୁ ଦେହୁରୀ, ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅନସୂୟା ପାତ୍ର, ବଗିଚାରେ ନିଖିଳ ନାୟକ, ସ୍ୱାସ୍ଥ୍ୟ ଓ ପରିମଳରେ ଅନ୍ନପୂର୍ଣ୍ଣା ବେହେରା, ସେମିନାର ସମ୍ପାଦକ ଭାବେ ଶୁଭଲକ୍ଷ୍ମୀ ଦାଶ, ବିଜ୍ଞାନ ବିଭାଗରେ ଲଲାଟେନ୍ଦୁ ରାଉତ, ଗୁଣାତ୍ମକ ଆକଳନରେ ମେଘନା ମନସ୍ୱିନୀ ମହାନ୍ତି, ପ୍ରେସରେ ସୂର୍ଯ୍ୟକାନ୍ତି ଭୋଇ ଓ ଡକୁମେଣ୍ଟେସନରେ ଡେଭିଡ ବେଶ୍ରା ଶପଥ ଗ୍ରହଣ କରିଛନ୍ତି।

ଶପଥ ଗ୍ରହଣ ପରେ ସମସ୍ତ ଛାତ୍ର ପ୍ରତିନିଧିଙ୍କୁ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ଛାତ୍ର ପରିଷଦ ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରତିଭା ଦଳେଇ ଶପଥପାଠ କରାଇଥିଲେ। ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ର ପରିଷଦ ମାଧ୍ୟମରେ ଦକ୍ଷ ନେତୃତ୍ୱ ତିଆରି ହୋଇପାରିବ ବୋଲି ଅଧ୍ୟକ୍ଷ ସାହୁ ବକ୍ତବ୍ୟରେ କହିଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା




**ପରଜଙ୍ଗ, ୨।୧(ସମିସ):** ପରଜଙ୍ଗ ମହାବିଦ୍ୟାଳୟ ଗଣିତ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ସେବାରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କଲେଜ ଅଧ୍ୟକ୍ଷା ସ୍ମିତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ବିକାଶ ପ୍ରଧାନ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ସଂସ୍କୃତ ଅଧ୍ୟାପକ ବିଶିକେଶନ କର୍ଣ୍ଣ, ନୃତତ୍ତ୍ୱ ବିଭାଗ ମୁଖ୍ୟ ଜୟଯୁକ୍ତା ପଟ୍ଟନାୟକ ଯୋଗଦେଇ ପ୍ରାଧ୍ୟାପକ ପ୍ରଧାନଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ ଅବସର ପରବର୍ତ୍ତୀ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

## ସନ୍ତୋଷୀ ମା'ଙ୍କ ୧୪ତମ ବାର୍ଷିକୋତ୍ସବ ଉଦଯାପିତ



**ଢେଙ୍କାନାଳ, ୨।୧(ସମିସ):** ଢେଙ୍କାନାଳ ପୌରପରିଷଦ ୫ନଂ ୱାର୍ଡର କୋହିନୂର ହଷ୍ଟେଲ ପାଖରେ ଥିବା ମା' ସନ୍ତୋଷୀଙ୍କ ମନ୍ଦିରରେ ୧୪ତମ ବାର୍ଷିକୋତ୍ସବ ଉଦଯାପିତ ହୋଇଛି। ୩୧ ତାରିଖ ବଡ଼ଜୋରାଠାରୁ ପୂଜାର୍ଚ୍ଚନା କରାଯାଇ କଳସଯାତ୍ରା କରାଯିବା ପରେ ଅଧିବାସ ପୂଜା କରାଯାଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋ ପୂଜା, ଶାଳାପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି, ଯଜ୍ଞ ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ୧ ତାରିଖ ୭୦୦ରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ। ଶୁକ୍ରବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ମନ୍ଦିର ପୂଜକ ଅଶୋକ କୁମାର ମିଶ୍ର, ମୁଖ୍ୟ ପୂଜକ ସାରଙ୍ଗଧର ମିଶ୍ର, ସହଯୋଗୀ ପ୍ରକାଶ କୁମାର ମିଶ୍ର, ରଞ୍ଜନ କୁମାର ପତି ଓ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ କମିଟି ସମ୍ପାଦକ ବନ ବାହାଦୁର ଓ ପାର୍ବତୀ ବାହାଦୁର ଦାୟିତ୍ୱ ତୁଲାଇଥିଲେ। ସଭାପତି ପ୍ରକାଶ ଚନ୍ଦ୍ର କୁଅଁର, ସଦସ୍ୟ ଶଶିକାନ୍ତ ରାଉତ, ଜିତେନ୍ଦ୍ର ସାହୁ, ବିକ୍ରମ ନାୟକ, ଭବାନୀ ଶଙ୍କର ଦାସ, ଜ୍ଞାନରଞ୍ଜନ ବିଶ୍ୱାଳ, ବଳରାମ ବିଶ୍ୱାଳ, ସୁବ୍ରତ ସାମଲ, କୃତିଦୀପନ ସାମଲ, ନଗେନ ବେହେରା, ସୁପ୍ରତ ଦାସ, ମୁନା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ବିୟୋଗରେ ଶୋକ



**ଗଁଦିଆ, ୨।୧(ସମିସ):** ଗଁଦିଆ ବ୍ଲକ ଲାଉଲଇ ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ, ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ତଥା ଧର୍ମପରାୟଣ ବ୍ୟକ୍ତି ରବିନାରାୟଣ ପୃଷ୍ଟିଙ୍କର ପବିତ୍ର ମଙ୍ଗଳବାର ବିଳମ୍ବିତ ରାତିରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ତଥା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଓ ଅବସରପ୍ରାପ୍ତ ବିଚାରପତି ତଥା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ମୁଖ୍ୟ ଉପଦେଷ୍ଟା ଭିକାରୀ ଚରଣ ରାଉତ ଶୋକ ପ୍ରକାଶ କରିବା ସହ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନଭାଇ ବ୍ରହ୍ମାନନ୍ଦ, ପୁତୁରା ବିଜୟ, ଭଣଜା ପ୍ରଦୀପ, ଦିଲୀପ, ପ୍ରତାପ, ନାରାୟଣ, ମଣ୍ଟୁ, ଜ୍ୱାଇଁ ଅଭୟ, ଜିତେନ୍ଦ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏକମାତ୍ର ପୁଅ ବିଶ୍ୱରଞ୍ଜନ ମୁଖାଗ୍ନି ଦେଇଥିଲେ।

## ଜେବିଆର ହସ୍ପିଟାଲ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର



**ପରଜଙ୍ଗ, ୨।୧(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାନ୍ଧା ତଳବେରଣା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ଜେବିଆର ହସ୍ପିଟାଲ ଆନୁକୂଲ୍ୟରେ ପ୍ରୟାସ ଆମର ସହଯୋଗ ଆପଣଙ୍କର ସେବା ସଂଗଠନ ଏବଂ ବାଗ୍‌ଦେବୀ କ୍ଲବ ସହଯୋଗରେ ଶୁକ୍ରବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜେବିଆର ହସ୍ପିଟାଲର ଭେଷଜ ବିଶେଷଜ୍ଞ ଡା. ଶକ୍ତିବ୍ରତ ଚୌଧୁରୀ, ଶିଶୁ ରୋଗ ବିଶେଷଜ୍ଞ ଡା. ଚନ୍ଦନ ମାର୍ଣ୍ଡି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. କେକେ ଦାସଙ୍କ ସମେତ ଚିକିତ୍ସାଳୟର କର୍ମଚାରୀ ଅର୍ଚ୍ଚନା ବେହେରା, ଶ୍ୱେତାଲିନା ଦାସ, କ୍ରିଷ୍ଣାପ୍ରିୟ ଧଳ, ଅର୍ଚ୍ଚନା ସାହୁ, ସୁଶୀଲ ମହାନ୍ତି, ଶିବାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମୋଟ ୩୦୯ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ପ୍ରୟାସ ସେବା ସଂଗଠନର ପ୍ରତିଷ୍ଠାତା ଅଶୋକ ପଣ୍ଡା, ବାଗ୍‌ଦେବୀ କ୍ଲବ ସଦସ୍ୟ ସନ୍ଦୀପ ପଣ୍ଡା, ପ୍ରୀତିରଞ୍ଜନ ପାଳ, ଦିବ୍ୟରଞ୍ଜନ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ସୋମନାଥ ପଣ୍ଡା, ଆଲୋକ ପଣ୍ଡା, ରଞ୍ଜିତ ମହାରଣା, ଶୁଭମ ସ୍ୱାମୀ, ଜ୍ୟୋତିରଞ୍ଜନ ପଣ୍ଡା, ରାକେଶ ପଣ୍ଡା, ସାୟମ ପଣ୍ଡା. ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରିନ୍ସିପାଲ ଦୀପକ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଜିଲ୍ଲାର ବିଭିନ୍ନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତ

**ଢେଙ୍କାନାଳ, ୨।୧(ସମିସ)**



ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଦଲତରେ ସରକାରୀ ଓକିଲ (ପିପି) ଓ ଅତିରିକ୍ତ ସରକାରୀ ଓକିଲ ନିଯୁକ୍ତ କରାଯାଇଛି। ଜିଲ୍ଲା ତଥା ସେସନ୍ସ ଅଦାଲରେ ସରକାରୀ ପ୍ଲିଡର ଭାବେ ନବକିଶୋର ଗୁରୁ ନିଯୁକ୍ତି ପାଇଥିବା ବେଳେ ସ୍ପେଶାଲ ପିପି ଭାବେ ସଞ୍ଜୟ କୁମାର ମିଶ୍ର, ଶିବପ୍ରସାଦ ସାହୁଙ୍କୁ ନିଯୁକ୍ତି ପ୍ରଦାନ କରଯାଇଛି। ସେହିପରି ଏଡି କମ୍ ଭିଜିଲାନ୍ସ ସ୍ପେସାଲ ଜଜଙ୍କ ଅଦାଲତରେ ଅତିରିକ୍ତ ପିପି ଭାବେ ସତ୍ୟନାରାୟଣ ସାହୁ, ସିଜେଏମଙ୍କ ଅଦାଲତରେ ଆସୋସିଏଟ ଲୟର ଭାବେ ସୁଶାନ୍ତ କୁମାର ପାଣିଗ୍ରାହୀ, ସହକାରୀ ପିପି ଭାବେ ସୂର୍ଯ୍ୟମଣି ଧଳ, ସିଭିଲ କୋର୍ଟ ରେଜିଷ୍ଟ୍ରାରଙ୍କ ଅଦାଲତରେ ସନ୍ତୋଷ କୁମାର ମହାପାତ୍ର, ସିଭିଲ ଜଜ ସିନିୟର ଡିଭିଜନଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ଚତୁର୍ଭୁଜ ନନ୍ଦ, ସିଭିଲ ଜଜ ଏଲଆରଙ୍କ ଅଦାଲତରେ ସହକାରୀ ସରକାରୀ ପ୍ଲିଡର ଭାବେ ବିଜୟକୁମାର ସାହୁ, ସିଭିଲ ଜଜ ସିନିୟର ଡିଭିଜନ ମହିଳା ଅଦାଲତରେ ଆସୋସିଏଟ ଲୟର ଭାବେ ପ୍ରକାଶ ରାଉତ, ସହକାରୀ ପିପି ଭାବେ ନିରୁପମା ମାଝୀ, ଅର୍ଜୁନ କୁମାର ସାହୁ, ଅତିରିକ୍ତ ସିଭିଲ ଜଜ ସିନିୟର ଡିଭିଜନରେ ସହକାରୀ ସରକାରୀ ପ୍ଲିଡର ଭାବେ ଭାବଗ୍ରାହୀ ପଣ୍ଡା, ସିଭିଲ ଜଜ୍ ସିନିୟର ଡିଭିଜନ ତଥା ଏସଡିଜେଏମଙ୍କ ଅଦାଲତରେ ସହକାରୀ ସରକାରୀ ପ୍ଲିଡର ଭାବେ ଯୁଗଳ କିଶୋର ସାହୁ, ଅତିରିକ୍ତ ପିପି ଭାବେ ଶୁଭଶ୍ରୀ ରାଉତ, ପଦ୍ମଭୂଷଣ ସାହୁ, ବିଜୟ କୁମାର ମଲ୍ଲିକ, ଜେଏମଏଫସି (କଗଟେଙ୍କି) ଙ୍କ ଅଦାଲତରେ ସହାକାରୀ ପିପି ଭାବେ ବିଘ୍ନେଶ୍ୱର ଦୋରା, ରଞ୍ଜିତା ମିଶ୍ର, ଜେଏମଏଫସିଙ୍କ ଅଦାଲତରେ ଅତିରିକ୍ତ ପିପି ଭାବେ ଚିରଞ୍ଜୀବ ନନ୍ଦ, ରତ୍ନପ୍ରଭା ସ୍ୱାଇଁ, ପିଏମଜେଜେବି ଅଦାଲତରେ ଏପିପି ଭାବେ ପ୍ରଶାନ୍ତ କୁମାର ରାଉତ, ବସନ୍ତ କୁମାର ରଥ, ସିଭିଲ ଜଜ ପ୍ରୋବେସନରେ ଏପିପି ଭାବେ କିଶୋର କୁମାର ରାଉତ, ଅନସୂୟା ମିଶ୍ର, ଜେଏମଏଫସି ଏଲଆରରେ ଏପିପି ଭାବେ ବିକାଶ କୁମାର ସାହୁ, ସୂର୍ଯ୍ୟନାରାୟଣ ସାହୁ, ଗଁଦିଆ ସିଭିଲଜଜ ଜୁନିୟର ଡିଭିଜନ କମ ଜେଏମଏଫସିରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ବିକ୍ରମ କେଶରୀ ସାହୁ ଓ ଏପିପି ଭାବେ ଜୟକୃଷ୍ଣ ସାହୁ, ହିନ୍ଦୋଳ ସିଭିଲ ଜଜ ସିନିୟର ଡିଭିଜନରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ କ୍ଷିତୀଶ କୁମାର ସାହୁ, ସହକାରୀ ଓକିଲ ଭାବେ ଅରୁଣ କୁମାର ଦାସ, ଏଡିଜେଏମଙ୍କ ଅଦାଲତରେ ଏପିପି ଭାବେ ସଞ୍ଜୟ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ମିଶ୍ର, ଜେଏମଏଫସିଙ୍କ ଅଦାଲତରେ ଏପିପି ଭାବେ ସନ୍ତୋଷ କୁମାର ବେହେରା, ଦୀପ୍ତିରେଖା ପ୍ରଧାନ, ଓଡ଼ାପଡ଼ା ଜେଏମଏଫସିଙ୍କ ଅଦାଲତରେ ନିଶିକାନ୍ତ ସାହୁ, କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଜଜଙ୍କ ଅଦାଲତରେ ସ୍ପେଶାଲ ପିପି ଭାବେ ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରଦ୍ୟୁମ୍ନ କୁମାର ଦାଶ, ସିଭିଲ ଜଜ ସିନିୟର ଡିଭିଜନଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ପବିତ୍ର ମୋହନ ବିଶ୍ୱାଳ, ସହକାରୀ ଓକିଲ ଭାବେ ଅଜିତ କୁମାର ତ୍ରିପାଠୀ, ସିଭିଲ ଜଜ ଜୁନିୟର ଡିଭିଜନ ଏସଡିଜେଏମଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ଦେବୀଦ ସାମଲ, ଏପିପି ଭାବେ ପ୍ରଦୀପ୍ତ କୁମାର ସାହୁ, ଭୁବନ ସିଭିଲ ଜଜ ଜୁନିୟର ଡିଭିଜନ ଜେଏମଏଫସିଙ୍କ ଅଦାଲରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ଶ୍ରୀନିବାସ ଗୁରୁ, ପରଜଙ୍ଗ ସିଭିଲଜଜ ଜୁନିୟର ଡିଭିଜନ ଜେଏମଏଫସିଙ୍କ ଅଦାଲରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ବିପିନ ପାଣି, ଏପିପି ଭାବେ ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ସାହୁ, ଅରବିନ୍ଦ ସାହୁ, କଙ୍କଡ଼ାହାଡ଼ ସିଭିଲଜଜ ଜୁନିୟର ଡିଭିଜନ ଜେଏମଏଫସିଙ୍କ ଅଦାଲରେ ଏପିପି ଭାବେ କରୁଣାକର ମହନ୍ତ, ହିନ୍ଦୋଳ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏପିପି ଭାବେ ଦେବାନନ୍ଦ ପଟ୍ଟନାୟକ ଏବଂ ବଳରାମ ଲେଙ୍କାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସେହିପରି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ଓଡ଼ାପଡ଼ାରେ ଏପିପି ଭାବେ ପ୍ରଦୀପ ଚନ୍ଦ୍ର ନାଥ, କାମାକ୍ଷାନଗରରେ ପ୍ରବୋଧ କୁମାର ସାମଲ, ମୃତ୍ୟୁଞ୍ଜୟ ନନ୍ଦ, ଦୀପକ କୁମାର ପାତ୍ର, ପ୍ରଶାନ୍ତ କୁମାର ସାହୁ ଏବଂ ପରଜଙ୍ଗରେ ବେଣୁଧର ସାହୁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୨୫ ● ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୫,୬୦୨ (ନୂଆଦିଲ୍ଲୀ)
- ରୁପା : ୨,୪୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୬୨.୦୦
- ନିଫ୍ଟି ୨୬,୩୨୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ସରକାରଙ୍କୁ ବିତ୍ତୀୟ ନିଅଣ୍ଟ ଚିନ୍ତା

## ୮ ମାସରେ ବାର୍ଷିକ କୋଟାର ୭୨ ପ୍ରତିଶତ ଖର୍ଚ୍ଚ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ଦେଶର ବିତ୍ତୀୟ ନିଅଣ୍ଟ ଚିନ୍ତାଜନକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଆର୍ଥିକବର୍ଷର ଏପ୍ରିଲରୁ ନଭେମ୍ବର ମାସ ପ୍ରଥମ ୮ ମାସରେ ବିତ୍ତୀୟ ନିଅଣ୍ଟ ୯.୭୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷ ୫୨.୫% ରହିଥିଲା। ଏଭଳି ସ୍ଥିତିରେ ସରକାରଙ୍କୁ ଏଣିକି ଖର୍ଚ୍ଚ ନିୟନ୍ତ୍ରଣ କରିବାକୁ ପଡିବ। ଏହି ସମୟରେ ସରକାରଙ୍କ ମୋଟ ଆୟ ୧୯ ଲକ୍ଷ କୋଟି ଟଙ୍କା ରହିଥିବାବେଳେ ଖର୍ଚ୍ଚ ୨୯.୨୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବିତ୍ତୀୟ ନିଅଣ୍ଟ ଗତ ବର୍ଷର ସମାନ ଅବଧିର ୫୨.୫% ତୁଳନାରେ ୬୨.୩%କୁ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ସରକାରଙ୍କ ମୋଟ ରାଜସ୍ୱ (ଟିକସ ଏବଂ ଅନ୍ୟାନ୍ୟ ଆୟ) ଏହାର ମୋଟ ଖର୍ଚ୍ଚଠାରୁ କମ୍ ଥାଏ, ସେତେବେଳେ ଏହି ପାର୍ଥକ୍ୟ କିମ୍ବା ଅଭାବକୁ ବିତ୍ତୀୟ ନିଅଣ୍ଟ କୁହାଯାଏ। ଏହି ଅଭାବ ପୂରଣ କରିବା ପାଇଁ, ସରକାରଙ୍କୁ ଋଣ କରିବାକୁ ପଡିବ। ସରକାର ଏହି ନିଅଣ୍ଟକୁ ଚଳିତ ଆର୍ଥିକ ବର୍ଷରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୪%କୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ଗତ ବର୍ଷ ୪.୮% ଥିଲା।

ସରଳ ଭାଷାରେ କହିଲେ, ଧରିନିଆଯାଉ ସରକାରଙ୍କ ପାଖରେ ସମଗ୍ର ବର୍ଷ ପାଇଁ ୧୦୦ ଟଙ୍କା ଋଣ ନେବାକୁ ଯୋଜନା ଥିଲା, କିନ୍ତୁ, ବର୍ଷର ୮ ମାସ ମଧ୍ୟରେ ୬୨ ଟଙ୍କା ଋଣ କରାଯାଇଛି।



**ଆୟ ୧୯ ଲକ୍ଷ, ଖର୍ଚ୍ଚ ୨୯.୨୫ ଲକ୍ଷ**

ହେଲେ ଗତ ବର୍ଷ ଏହି ସମୟରେ କେବଳ ୫୨ ଟଙ୍କା ଋଣ କରାଯାଇଥିଲା। ତାହେଲେ ବର୍ତ୍ତମାନ ବାକି୪ ମାସ ପାଇଁ ପାଖରେ ବହୁତ କମ୍ ବଜେଟ୍ ବାକି ଅଛି। ସରକାର ସମଗ୍ର ବର୍ଷର ମୋଟ ନିଅଣ୍ଟକୁ ଜିଡିପିର ୪.୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ରଖିଛନ୍ତି (ଗତ ବର୍ଷର ୪.୮%ଠାରୁ ଅଧିକ)। ଏହାର ଅର୍ଥ ହେଉଛି ଆଗାମୀ ମାସଗୁଡ଼ିକରେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ସରକାରଙ୍କୁ ଏହାର ଖର୍ଚ୍ଚକୁ କଠୋର ଭାବରେ ନିୟନ୍ତ୍ରଣ କରିବାକୁ ପଡିବ।

ସରକାରଙ୍କ ମୋଟ ରାଜସ୍ୱ ଆୟ ୧୯ ଲକ୍ଷ କୋଟି ଟଙ୍କା ଥିଲା, ଯେତେବେଳେ କି ମୋଟ ଖର୍ଚ୍ଚ ୨୯.୨୫ ଲକ୍ଷ କୋଟି ରହିଥିଲା। ଏହି ସଂଖ୍ୟାଗୁଡ଼ିକ ଚଳିତ ଆର୍ଥିକ ବର୍ଷର ବଜେଟ ଲକ୍ଷ୍ୟର ୫୫.୭% ଏବଂ ୫୭.୮%କୁ ପ୍ରତିନିଧିତ୍ୱ କରୁଛି। ଗତ ବର୍ଷ ସମାନ ସମୟ ମଧ୍ୟରେ ମୋଟ ପ୍ରାପ୍ତି ଆକଳନର ୫୯.୧% ଥିଲା, ଯେତେବେଳେ ଖର୍ଚ୍ଚ ୫୬.୯%ରୁ ସାମାନ୍ୟ ବୃଦ୍ଧି ପାଇ ୫୭.୮% ହୋଇଥିଲା। ରାଜସ୍ୱ ଆୟ ମୋଟ ୧୯.୧୦ ଲକ୍ଷ କୋଟି ଟଙ୍କା ଥିଲା, ଯେଉଁଥିରେ ୧୩.୯୩ ଲକ୍ଷ କୋଟିର ଟିକସ ରାଜସ୍ୱ ଏବଂ ୫.୧୬ ଲକ୍ଷ କୋଟି ଟଙ୍କାର ଅଣ-ଟିକସ ରାଜସ୍ୱ ଅନ୍ତର୍ଭୁକ୍ତ। ଟିକସ ଏବଂ ଅଣ-ଟିକସ ରାଜସ୍ୱ ବଜେଟ ଆକଳନର ୪୯.୧% ଏବଂ ୮୮.୬% ପ୍ରତିନିଧିତ୍ୱ କରିଥିଲା। ପୂର୍ବ ଆର୍ଥିକ ବର୍ଷରେ ଟିକସ ରାଜସ୍ୱ ବଜେଟ ଆକଳନର ୫୫.୯% ଥିଲା, ଏଥର ଏହା ହ୍ରାସ ପାଇଛି। ଏହି ସମୟରେ, ଅଣ-ଟିକସ ରାଜସ୍ୱ ଗତ ବର୍ଷର ୭୮.୩%ରୁ ବୃଦ୍ଧି ପାଇ ୮୮.୬% ହୋଇଛି। ଅଣ-ଟିକସ ରାଜସ୍ୱରେ ଏହି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ୨.୬୯ ଲକ୍ଷ କୋଟି ଲାଭାଂଶ ଯୋଗୁଁ ହୋଇଛି। ଗତ ବର୍ଷ, ଏହି ଲାଭାଂଶ ୨.୧୧ ଲକ୍ଷ କୋଟି ଟଙ୍କା ଥିଲା। ଏହି ଲାଭାଂଶ କେନ୍ଦ୍ର ସରକାରଙ୍କୁ ଏହାର ଆର୍ଥିକ ନିଅଣ୍ଟ ହ୍ରାସ କରିବାରେ ସାହାଯ୍ୟ କରିବ। ରାଜସ୍ୱ ନିଅଣ୍ଟ ୩.୫୭ ଲକ୍ଷ କୋଟି ଟଙ୍କା ଥିଲା, ଯାହା ଆର୍ଥିକ ବର୍ଷର ବଜେଟ ଲକ୍ଷ୍ୟର ୬୮.୨%କୁ ପ୍ରତିନିଧିତ୍ୱ କରୁଛି।

ଏଠାରେ ସୂଚନାଯୋଗ୍ୟ ଯେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବା ସମୟରେ ଆର୍ଥିକବର୍ଷ ପାଇଁ ୪.୪% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହା ୨୦୨୬ ସୁଦ୍ଧା ବଜେଟ୍ ନିଅଣ୍ଟକୁ ୪.୫% ତଳକୁ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ସହିତ ସମାନ। ୨୦୨୫ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ନିଅଣ୍ଟ ଜିଡିପିର ୪.୮% ଥିଲା, ଯାହା ସଂଶୋଧିତ ଆକଳନକୁ ପୂରଣ କରିଥିଲା। ଏହା ଏପରି ଏକ ସମୟରେ ଆସିଛି ଯେତେବେଳେ ଉପଯୋଗିତାକୁ ବୃଦ୍ଧି କରିବା ପାଇଁ ଅର୍ଥନୀତିରେ ଖର୍ଚ୍ଚ ବୃଦ୍ଧି ଏବଂ ଆୟକର ହାର ହ୍ରାସ ହେବାର ଆଶା କରାଯାଉଛି। ଫଳସ୍ୱରୂପ ଅର୍ଥନୀତି ଗତ ଚାରି ବର୍ଷ ମଧ୍ୟରେ ସବୁଠାରୁ ମନ୍ଥର ଅଭିବୃଦ୍ଧି ଦେଖିପାରେ। ୨୦୨୫-୨୬ ପାଇଁ ନିମ୍ନ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଦୃଢ଼ ଟିକସ ସଂଗ୍ରହର ଆଶା ଉପରେ ଆଧାରିତ ଥିଲା। ସରକାର ପୁଞ୍ଜି ବ୍ୟୟ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି, ଯାହା ଚାହିଦା ବୃଦ୍ଧି କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ୨୦୩୦ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ପାଇଁ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ।

# ଗ୍ରକ୍ ଏଆଇରୁ ହଟିବ ଅଶ୍ଳୀଳ କଣ୍ଟେଣ୍ଟ

## କେନ୍ଦ୍ର ସରକାର ଦେଲେ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** 'ଗ୍ରକ୍ ଏଆଇ'ରୁ ହଟିବ ଅଶ୍ଳୀଳ କଣ୍ଟେଣ୍ଟ। ଏଥିପାଇଁ କେନ୍ଦ୍ର ସରକାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସକୁ ନୋଟିସ୍ ଜାରି କରିଛନ୍ତି। ଏଥିରେ ଅଶ୍ଳୀଳ କଣ୍ଟେଣ୍ଟ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ 'ଏକ୍ସ'କୁ ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି।

ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ର ଜେନେରେଟିଭ୍ ଏଆଇ ଚାଟବଟ୍ ଗ୍ରକ୍‌ର ଅପବ୍ୟବହାର ବୃଦ୍ଧି ପାଇଛି। ବ୍ୟବହାରକାରୀମାନେ ଏହାକୁ ଅଶ୍ଳୀଳ ବିଷୟବସ୍ତୁ ସୃଷ୍ଟି କରିବା ପାଇଁ ବ୍ୟବହାର କରୁଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଆଇଟି ମନ୍ତ୍ରଣାଳୟ) କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏକ୍ସକୁ ତୁରନ୍ତ ଏହାର ଗ୍ରୋକ୍ ଏଆଇର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି। ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ମାମଲାରେ ଯାହା ବି କାର୍ଯ୍ୟାନୁଷ୍ଠାନ କିମ୍ବା ସମୀକ୍ଷା କରାଯିବ ତାହାର ରିପୋର୍ଟ ୭୨ ଘଣ୍ଟା ମଧ୍ୟରେ କେନ୍ଦ୍ର ସରକାରଙ୍କୁ ଦିଆଯିବା ଦରକାର। ୟୁଜର୍ସଙ୍କ ନିର୍ଦ୍ଦେଶ କ୍ରମେ ଗ୍ରକ୍ ଏଆଇ ମହିଳାଙ୍କ ଫଟୋକୁ ଅଶ୍ଳୀଳ ଭାବରେ ପ୍ରଦର୍ଶିତ କରେ। ଏପରିକି ବିନା ଅନୁମତିରେ ମଧ୍ୟ ଗ୍ରକ୍ ମହିଳାଙ୍କ ଫଟୋକୁ ବିକୃତ କରୁଛି ବୋଲି ଅଭିଯୋଗ ହୋଇଛି। ଏହା ଭାରତରେ ଥିବା ନିୟମ ବିରୋଧୀ। ତେଣୁ ଭାରତ ସରକାର ଏବେ ଏକ୍ସକୁ ନୋଟିସ୍ କରିଛନ୍ତି। ଯଦି ଏକ୍ସ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରେ,




**୭୨ ଘଣ୍ଟାରେ ରିପୋର୍ଟ ମାଗିଲେ କେନ୍ଦ୍ର ସରକାର**

ତେବେ କମ୍ପାନୀକୁ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏଆଇ ଆସିବା ପରେ ଏହାକୁ ଅଶ୍ଳୀଳ କଣ୍ଟେଣ୍ଟ ତିଆରି ଲାଗି ଅନେକ ବ୍ୟବହାର କରୁଛନ୍ତି। ମହିଳାଙ୍କ ଫଟୋକୁ ବିକୃତ କରିବାକୁ ମଧ୍ୟ ଏଆଇର ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଏକ୍ସର ଗ୍ରକ୍ ଏଆଇ ମଧ୍ୟ ଭୁଲ ଉପାୟରେ ବ୍ୟବହାର ହେଉଛି। କିଛି ଦିନ ପୂର୍ବରୁ କେନ୍ଦ୍ର ସରକାର ଏକ୍ସକୁ ତାଗିଦ କରିଥିଲେ। ପ୍ଲାଟଫର୍ମରୁ ଅଶ୍ଳୀଳ ଏବଂ ଅବୈଧ କଣ୍ଟେଣ୍ଟ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ।

# ବଦଳିବ ଏଲ୍‌ପିଜି ସବ୍‌ସିଡି ହିସାବ

## ଆମେରିକାରୁ ଆମଦାନୀ ପାଇଁ ଚୁକ୍ତିନାମା ସ୍ୱାକ୍ଷର

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ଆଗାମୀ ଦିନରେ ସରକାରଙ୍କ ଏଲ୍‌ପିଜି ସବ୍‌ସିଡିର ହିସାବରେ ପରିବର୍ତ୍ତନ ହୋଇପାରେ। କାରଣ ସରକାରୀ ତେଲ କମ୍ପାନୀଗୁଡ଼ିକ ସମ୍ପ୍ରତି ଆମେରିକାରୁଏଲ୍‌ପିଜି ଆମଦାନୀ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ ସାଉଦି ଆରମ୍ବ ସହ ହୋଇଥିବା ଚୁକ୍ତିନାମା ମୂଲ୍ୟକୁ ଆଧାର କରି ସବ୍‌ସିଡି ହିସାବ କରାଯାଉଥିଲା, ଯାହା ପଶ୍ଚିମ ଏସିଆରୁ ଆସୁଥିବା ଏଲ୍‌ପିଜି ପାଇଁ ମାନକ ହାର। ତଥାପି, ବର୍ତ୍ତମାନ ଏହି ସୂତ୍ରରେ ଆମେରିକାର ବେଞ୍ଚମାର୍କ ମୂଲ୍ୟ ଏବଂ ଆଟଲାଣ୍ଟିକ ମହାସାଗର ପାର ହୋଇଆସୁଥିବା ଉଚ୍ଚ ମାଲ ପରିବହନ ଖର୍ଚ୍ଚକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇପାରେ। ଏହି ସମୟରେ, ଦେଶର ବହୁ ସଂଖ୍ୟକ ଲୋକ ସେମାନଙ୍କର ଏଲ୍‌ପିଜି ସବ୍‌ସିଡି ଛାଡ଼ିଛନ୍ତି।

କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅନୁଯାୟୀ, ୨୦୨୧ ରୁ ୨୦୨୫ ମଧ୍ୟରେ ୫୬ନିୟୁତରୁ ଅଧିକ ଗ୍ରାହକ ସେମାନଙ୍କର ଏଲ୍‌ପିଜି ସବ୍‌ସିଡି ଛାଡ଼ିଛନ୍ତି। ତଥ୍ୟ ଅନୁଯାୟୀ, ବୃହତ ଏବଂ ଧନୀ ରାଜ୍ୟଗୁଡ଼ିକରେ ସେମାନଙ୍କର ଏଲ୍‌ପିଜି ସବ୍‌ସିଡି ଛାଡୁଥିବା ଲୋକଙ୍କ ସଂଖ୍ୟା ଅଧିକ। ଏଥିରେ ଯେଉଁଥିରେ ମହାରାଷ୍ଟ୍ର ଆଗରେ ଅଛି, ତା'ପଛକୁ ଉତ୍ତର ପ୍ରଦେଶ ରହିଛି। ମହାରାଷ୍ଟ୍ରରେ, ୨୦୨୧ ରୁ ୨୦୨୫ ମଧ୍ୟରେ ୯.୪୬ ନିୟୁତ ଗ୍ରାହକ ସେମାନଙ୍କର ଏଲ୍‌ପିଜି ସବ୍‌ସିଡି ଛାଡିଛନ୍ତି।

ଏହି ସମୟ ମଧ୍ୟରେ, ଦେଶର ସର୍ବବୃହତ ରାଜ୍ୟ ଉତ୍ତର ପ୍ରଦେଶରେ ୬.୯୨ ନିୟୁତ ଗ୍ରାହକ ଏଲ୍‌ପିଜି ସବସିଡି ଛାଡିଛନ୍ତି। ଏହା ପରେ ରାଜଧାନୀ ଦିଲ୍ଲୀ, ଯେଉଁଠାରେ ପାଞ୍ଚ ବର୍ଷ ମଧ୍ୟରେ ୪.୪୮ ନିୟୁତ ଗ୍ରାହକ ଏଲ୍‌ପିଜି ସବସିଡି ଛାଡିଛନ୍ତି। ଏଲ୍‌ପିଜି ସବ୍‌ସିଡି ଛାଡିବାରେ ଦିଲ୍ଲୀ ପଛକୁ କର୍ଣ୍ଣାଟକ (୩.୮ ନିୟୁତ), ରାଜସ୍ଥାନ (୩.୬୭ ନିୟୁତ), ତାମିଲନାଡୁ (୩.୪୧ ନିୟୁତ), ଗୁଜରାଟ (୨.୬୨ ନିୟୁତ), ମଧ୍ୟପ୍ରଦେଶ (୨.୩୨ ନିୟୁତ), ପଞ୍ଜାବ (୨.୨୩ ନିୟୁତ) ଏବଂ



**ଏଲ୍‌ପିଜି ସବ୍‌ସିଡି ଛାଡୁଛନ୍ତି ବହୁ ସଂଖ୍ୟାରେ ଲୋକ**

ବିହାର (୨.୧୬ ନିୟୁତ) ରହିଛି। ନୂଆଦିଲ୍ଲୀରେ ଘରେ ବ୍ୟବହୃତ ୧୪.୨ କିଲୋଗ୍ରାମ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ବର୍ତ୍ତମାନ ୮୫୩ ଟଙ୍କା। ଏଥିରେ ଶେଷ ଥର ପାଇଁ ପରିବର୍ତ୍ତନ ଏପ୍ରିଲ ୮ତାରିଖରେ ହୋଇଥିଲା। ଏହି ସମୟରେ, ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନେ ୯ଟି ସିଲିଣ୍ଡର ପର୍ଯ୍ୟନ୍ତ ପ୍ରତି ସିଲିଣ୍ଡର ପାଇଁ ୩୦୦ ଟଙ୍କା ସବସିଡି ପାଉଛନ୍ତି। ସମ୍ପ୍ରତି, ସରକାରୀ ତେଲ କମ୍ପାନୀଗୁଡ଼ିକ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରିଛନ୍ତି। ତେଲ ମାର୍କେଟିଂ କମ୍ପାନୀଗୁଡ଼ିକ ପ୍ରତି ମାସର ପ୍ରଥମ ସପ୍ତାହରେ ଇନ୍ଧନ ମୂଲ୍ୟ ସମୀକ୍ଷା କରୁଛନ୍ତି।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର !

## ତୈଳ ବିଶୋଧନକାରୀଙ୍କୁ ଋଷ ଓ ଆମେରିକାରୁ ସାପ୍ତାହିକ ତୈଳ କ୍ରୟ ତଥ୍ୟ ମାଗିଲେ ସରକାର

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ଭାରତ ଆମେରିକା ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଚାହୁଁଛି। ହେଲେ ଏହି ସମୟରେ ଭାରତ ସରକାର ଋଷ ଏବଂ ଆମେରିକାରୁ ଅଶୋଧିତ ତୈଳ କ୍ରୟର ସାପ୍ତାହିକ ତଥ୍ୟ ଉପରେ ନଜର ରଖିଛନ୍ତି। ସରକାର ରୁଷ ଏବଂ ଆମେରିକାରୁ ଅଶୋଧିତ ତୈଳ ଆମଦାନିର ସାପ୍ତାହିକ ରିପୋର୍ଟ ପ୍ରଦାନ କରିବାକୁ ବିଶୋଧନକାରୀ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତ ସହିତ ବାଣିଜ୍ୟ ଅସନ୍ତୁଳନ ହ୍ରାସ କରିବାକୁ ଚାହୁଁଥିବା ଟ୍ରମ୍ପ ପ୍ରଶାସନ ଗତ ବର୍ଷ ଭାରତ ଦ୍ୱାରା ଋଷୀୟ ତୈଳ କ୍ରୟକୁ ଉଲ୍ଲେଖ କରି ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇଥିଲେ। ଏକ ସମ୍ଭାବ୍ୟ ବାଣିଜ୍ୟ ଚୁକ୍ତି ଉପରେ ନୂଆଦିଲ୍ଲୀ ଏବଂ ୱାଶିଂଟନ ଆଲୋଚନା କରୁଥିବାବେଳେ, ତାହା ଏବେ ସମୟାନୁସାରେ ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ଅଧିକାରୀମାନେ କହିଛନ୍ତି ଯେ ଭାରତ ସରକାର ଆମେରିକା ସହିତ ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ତଥ୍ୟ ଅଂଶୀଦାର କରିବାକୁ ଚାହୁଁଛି। ତୈଳ ମନ୍ତ୍ରଣାଳୟ ଅଧୀନସ୍ଥ ପେଟ୍ରୋଲିୟମ୍ ପ୍ଲାନିଂ ଏବଂ ବିଶ୍ଳେଷଣ ସେଲ୍ ପକ୍ଷରୁ ବିଶୋଧନକାରୀଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଆମେ ଦ୍ୱିତୀୟ ଉତ୍ସ ଉପରେ ନିର୍ଭର କରିବା ପରିବର୍ତ୍ତେ ଯାଞ୍ଚ କରାଯାଇଥିବା ସଂଖ୍ୟା ପ୍ରଦାନ କରିପାରିବା ବୋଲି କହିଛନ୍ତି।

ସାଧାରଣତଃ, ଭାରତର ଅଶୋଧିତ ତୈଳ ଆମଦାନିର ଉତ୍ସ ମାସିକ ସୀମା ଶୁଳ୍କ ପ୍ରକାଶନ ଏବଂ ଘରୋଇ ତଥ୍ୟ ଦ୍ୱାରା ଧରାପଡ଼ିଥାଏ। ଭାରତ ଏବଂ ଆମେରିକା ମଧ୍ୟରେ ଜଟିଳ ବାଣିଜ୍ୟ ଆଲୋଚନାରେ ରୁଷୀୟ ଅଶୋଧିତ ତୈଳ ଏକ ପ୍ରମୁଖ ପ୍ରସଙ୍ଗ ଭାବରେ ଉଭା ହୋଇଛି। ଭାରତ ଆମେରିକାର ଉତ୍ପାଦ ପାଇଁ ଏହାର କୃଷି ବଜାର ଖୋଲିବାକୁ ବିରୋଧ କରିବା ପରେ ଜୁଲାଇ ଶେଷ ଭାଗରେ ଆଲୋଚନା ଭାଙ୍ଗି ଯାଇଥିଲା। ୫୦% ଶୁଳ୍କ ହ୍ରାସ ସତ୍ତ୍ୱେ, ଏବେ ଆଲୋଚନା ପୁଣି ଆରମ୍ଭ ହୋଇଛି। ତଥାପି, ଭାରତ ଦ୍ୱାରା ରୁଷୀୟ ତୈଳ କ୍ରୟ ଜାରି ରଖିବା ଏକ ପ୍ରମୁଖ ପ୍ରତିବନ୍ଧକ ହୋଇ ରହିଛି। ଟ୍ରମ୍ପ ଅକ୍ଟୋବରରେ କହିଥିଲେ ଯେ ମୋଦି ରୁଷୀୟ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିବାକୁ ପ୍ରତିଶ୍ରୁତିବଦ୍ଧ। , ଏକ ଦାବି ଯାହା ନୂଆଦିଲ୍ଲୀ ସାର୍ବଜନୀନ ଭାବରେ ବିବାଦ କରିଛି, ଏହା ବଜାୟ ରଖିଛି ଯେ ରୁଷରୁ ଯୋଗାଣ ଭାରତର ଶକ୍ତି ଆବଶ୍ୟକତା ପାଇଁ ଗୁରୁତ୍ୱପୂର୍ଣ୍ଣ। ରଏଟର୍ସ ଦ୍ୱାରା ଉଦ୍ଧୃତ ଦୁଇ ସରକାରୀ ଅଧିକାରୀଙ୍କ ଅନୁଯାୟୀ, ରିଫାଇନରମାନଙ୍କୁ ରୁଷୀୟ ତୈଳ ଗ୍ରହଣ ହ୍ରାସ କରିବାକୁ ସରକାରୀ ଭାବରେ ନିର୍ଦ୍ଦେଶ ଦିଆଯାଇନାହିଁ। ତଥାପି, ସେମାନେ ଏବଂ ଶିଳ୍ପ ସୂତ୍ର ଆଶା କରୁଛନ୍ତି ଯେ ଆଗାମୀ ମାସଗୁଡ଼ିକରେ ହାରାହାରି ଆମଦାନୀ ପ୍ରତିଦିନ ୧୦ ଲକ୍ଷ ବ୍ୟାରେଲ ତଳକୁ ଖସିଯିବ। ଆମେରିକା ଏବଂ ୟୁରୋପୀୟ ସଂଘ ଦ୍ୱାରା ଲାଗୁ କରାଯାଇଥିବା କଠୋର ପ୍ରତିବନ୍ଧକ ପୂର୍ବରୁ ଭାରତକୁ ରୁଷୀୟ ତେଲ ଆମଦାନୀ ହ୍ରାସ କରିଛି। କେପ୍‌ଲର ଏବଂ ଶିଳ୍ପ ସୂତ୍ରରୁ ମିଳିଥିବା ତଥ୍ୟ ଦର୍ଶାଉଛି ଯେ ଡିସେମ୍ବରରେ ରୁଷରୁ ତେଲ ଆମଦାନୀ ଦୈନିକ ପ୍ରାୟ ୧.୨ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି, ଯାହା ତିନି ବର୍ଷ ମଧ୍ୟରେ ସର୍ବନିମ୍ନ। ଏହା ଜୁନ୍‌ରେ ପ୍ରାୟ ଦୁଇ ନିୟୁତ ବ୍ୟାରେଲ ପ୍ରତିଦିନର ଶୀର୍ଷରୁ ପ୍ରାୟ ୪୦ ପ୍ରତିଶତ ହ୍ରାସ।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୱାକାଥନ୍

**ଭୁବନେଶ୍ୱର,୨।୧(ସମିସ):** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ନୈତିକତା ଓ ଅନୁପାଳନ ସପ୍ତାହ ଉପଲକ୍ଷେ ଭୁବନେଶ୍ୱରଠାରେ ଏକ "ୱାକାଥନ୍" ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ୍ ରୁପାଲି ଛକରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇ ପୁନର୍ବାର ରୁପାଲି ଛକକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ହରେକୃଷ୍ଣ ଦାସ, ଉପ-ଅଞ୍ଚଳ ମୁଖ୍ୟ ଡି.ଭେଙ୍କଟସ୍ୱରୁଲୁ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ଉପ-କ୍ଷେତ୍ରୀୟ ମୁଖ୍ୟ ବିନୟ ଶର୍ମା ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲଙ୍କ ସମେତ ଭୁବନେଶ୍ୱରସ୍ଥିତ ବିଭିନ୍ନ କାର୍ଯ୍ୟାଳୟ ଓ ଶାଖାର କର୍ମଚାରୀମାନେ ଯୋଗ ଦେଇଥିଲେ।




ନୈତିକତା ଓ ଅନୁପାଳନ ସପ୍ତାହ ଉପଲକ୍ଷେ ବ୍ୟାଙ୍କ ଅଧିକାରୀମାନେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବା ସହ ଉତ୍ତମ ଅଭ୍ୟାସକୁ ଆପଣେଇବା ଏବଂ ଜୀବନର ପ୍ରତ୍ୟେକ ସ୍ତରରେ ସମୟାନୁବର୍ତ୍ତିତାକୁ ଅନୁସରଣ କରିବା ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ।

# ଏନଜିଓର ୫ ବାଳିକାଙ୍କୁ ଏସ୍‌ବିଆଇ ଲାଇଫ୍ ଦେଲା 'ମିଟ୍ ଆଣ୍ଡ ଗ୍ରିଟ୍' ସୁଯୋଗ

**ଭୁବନେଶ୍ୱର,୨।୧(ସମିସ):** ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ବୋର୍ଡ ଅଫ୍ କ୍ରିକେଟ କଣ୍ଟ୍ରୋଲ ଅଫ୍ ଇଣ୍ଡିଆ (ବିସିସିଆଇ) ସହଯୋଗରେ କୋଲକାତାର ଉଦୟନ ଏନଜିଓର ୫ ଜଣ ବାଳିକାଙ୍କ ପାଇଁ ଏକ ସ୍ୱତନ୍ତ୍ର ମିଟ୍ ଆଣ୍ଡ ଗ୍ରିଟ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଏହି ବାଳିକାମାନେ ବିଶାଖାପାଟଣାର ଏସିଏ-ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ଜାତୀୟ ମହିଳା କ୍ରିକେଟ ଦଳର ସଦସ୍ୟଙ୍କୁ ସାମ୍ନାସାମ୍ନି ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଉଦୟନ ଏନଜିଓର ସେହି ୫ ଜଣ ବାଳିକା ସୁବର୍ଣ୍ଣା ମହାତୋ (୯), ଆଞ୍ଜେଲ ବାଉରି (୧୦), ରୋଶନି କର୍ମାକର (୧୦), ମିନତି ବାସ୍କେ (୧୦) ଓ ଅନୁରାଧା ମାଣ୍ଡି (୧୧) ଭାରତୀୟ କ୍ରିକେଟ ଦଳର ଚର୍ଚ୍ଚିତ ଖେଳାଳୀ ହରମନପ୍ରିତ କୌର, ସ୍ନେହ ରାଣା, ସେଫାଳି ବର୍ମା ଓ ହର୍ଲିନ ଦେଓଲଙ୍କ ସହ ଅଭୁଲା ମୂହର୍ତ୍ତ ବିତାଇଥିଲେ। ଏ ସମ୍ପର୍କରେ ଏସବିଆଇ ଲାଇଫର ବ୍ରାଣ୍ଡ, କର୍ପୋରେଟ ଯୋଗାଯୋଗ ଓ ସିଏସଆର ମୁଖ୍ୟ ରବିନ୍ଦ୍ର ଶର୍ମା କହିଛନ୍ତି ଯେ, ଏସବିଆଇ ଲାଇଫରେ ଆମେ ବିଶ୍ୱାସ କରୁଯେ ବାସ୍ତବ ସଶକ୍ତୀକରଣ ଆର୍ଥିକ ସୁରକ୍ଷାଠାରୁ ଅଧିକ। ଏହା ହେଉଛି ସ୍ୱପ୍ନକୁ ସମୃଦ୍ଧ କରିବା, ବିଶ୍ୱାସ ଗଢ଼ିବା ଏବଂ ସାହସକୁ ଅନୁପ୍ରାଣିତ କରିବା।

# ୮ରୁ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ

**ଭୁବନେଶ୍ୱର, ୨।୧(ସମିସ):** ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସ'ପୋ' ୨୦୨୬ ର ୪ର୍ଥ ସଂସ୍କରଣ ଚଳିତମାସ ୮ରୁ ଅନୁଷ୍ଠିତ ହେବାକୁ ଯାଉଛି। ଭୁବନେଶ୍ୱରର ବରମୁଣ୍ଡା ଗ୍ରାଉଣ୍ଡଠାରେ ଏହି ଏକ୍ସପୋ ଜାନୁଆରୀ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏକ୍ସପୋ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନନ୍ୱେଶୀ କହିଛନ୍ତି, ଏକ୍ସପୋ'ରେ ସ୍ଥାୟୀ ଖଣି ପ୍ରଯୁକ୍ତିବିଦ୍ୟା ଏବଂ ଉପକରଣ ପ୍ରଦର୍ଶିତ ହେବ ଏବଂ ନୀତି, ନବସୃଜନ, ସ୍ଥାୟୀତ୍ୱ ଏବଂ ଭବିଷ୍ୟତ ଅଭ୍ୟାସ ଉପରେ ଆଲୋଚନା ଆରମ୍ଭ କରିବ। ନାଲକୋର ପୂର୍ବତନ ଅଧ୍ୟକ୍ଷ ଏବଂ




ଏମ୍ ଡି ତଥା ଏକ୍ସପୋ ଆୟୋଜନ କମିଟିର ଅଧ୍ୟକ୍ଷ ତପନ କୁମାର ଚାନ୍ଦ କହିଛନ୍ତି, ୪ର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ଥାୟୀ ଖଣି, ଶୂନ୍ୟ ନେଟ୍ ଖଣିକୁ ପ୍ରୋତ୍ସାହିତ କରିବା, ବିଶ୍ୱ ଖଣି କ୍ଷେତ୍ରର ଭବିଷ୍ୟତ ଗଠନ ପାଇଁ କନକ୍ଲେଭ ଏବଂ ସମ୍ମିଳନୀଗୁଡ଼ିକରେ ନୀତି ଆଲୋଚନା ପାଇଁ ଓଡ଼ିଶାକୁ ବିଶ୍ୱ ଖଣି କେନ୍ଦ୍ର ସ୍ତରକୁ ନେଇଯିବ। ଏହି ଏକ୍ସପୋକୁ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଉଦଘାଟନ କରିବେ। ଏଥିରେ ସମ୍ମାନିତ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ରହିବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏକ୍ସପୋ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଫ୍ୟୁଚରେକ୍ସ ବାଣିଜ୍ୟ ମେଳା ଏବଂ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ନମିତ ଗୁପ୍ତା ଉପସ୍ଥିତ ଥିଲେ।

# ତୃତୀୟ ପର୍ଯ୍ୟାୟ ଇସିଏମ୍‌ଏସ୍ ଯୋଜନାରେ ୨୨ଟି ପ୍ରସ୍ତାବକୁ ମଞ୍ଜୁରି

## ହେବ ୪୧,୮୬୩ କୋଟି ନିବେଶ, ସୃଷ୍ଟି ହେବ ୩୩,୭୯୧ ପ୍ରତ୍ୟକ୍ଷ ନିଯୁକ୍ତି

**ନୂଆଦିଲ୍ଲୀ, ୨।୧(ଏଜେନ୍ସି):** କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଇଲେକ୍ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନା (ଇସିଏମଏସ) ଅଧୀନରେ ଆହୁରି ୨୨ଟି ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାଦ୍ୱାରା ୪୧,୮୬୩ କୋଟି ଟଙ୍କା ନିବେଶ ସହିତ ୨,୫୮,୧୫୨ କୋଟି ଟଙ୍କା ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଏହି ଅନୁମୋଦନ ଆନୁମାନିକ ୩୩,୭୯୧ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଥିପୂର୍ବରୁ ମନ୍ତ୍ରଣାଳୟ ୧୨,୭୦୪ କୋଟି ଟଙ୍କାର ୨୪ଟି ପ୍ରକଳ୍ପକୁ ମଞ୍ଜୁର କରିଥିଲା। ଏସବୁ ସାମଗ୍ରୀ ମୋବାଇଲ୍ ଉତ୍ପାଦନ, ଦୂରସଞ୍ଚାର, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ରଣନୀତିକ ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ୍ ଏବଂ ଆଇଟି ହାର୍ଡୱେର୍ ଉତ୍ପାଦ ବିଭିନ୍ନ କ୍ଷେତ୍ରରେ ପ୍ରୟାସ କରାଯିବ। ଏଥିରେ ପିସିବି, କାପାସିଟର, କନେକ୍ଟର, ଏନକ୍ଲୋଜର୍ ଏବଂ ଲି-ଆୟନ ସେଲ ଭଳି ୫ଟି ଉପାଦାନ ଉତ୍ପାଦନ କରାଯିବ। ଆହୁରିମଧ୍ୟ ଏଥିରେ କ୍ୟାମେରା ମଡ୍ୟୁଲ, ଡିସପ୍ଲେ ମଡ୍ୟୁଲ ଏବଂ ଅପ୍ଟିକାଲ ଟ୍ରାନ୍ସିଭର ଭଳି ୩ଟି ସବ୍ ଆସେମ୍ବ୍ଲି, ଆଲୁମିନିୟମ ଏକ୍ସଟର୍ସନ, ଆନୋଡ୍ ମ୍ୟାଟେରିଆଲ ଏବଂ ଲାମିନେଟ୍ (କପର୍ କ୍ଲାଡ୍) ଭଳି ୩ଟି ସପ୍ଲାଇ ଚେନ୍ ସାମିଲ।

ଇଲେକ୍ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନାରେ ପ୍ରତିଷ୍ଠା ହେବାକୁ ଥିବା ଏହି ୟୁନିଟଗୁଡ଼ିକ ଆନ୍ଧ୍ରପ୍ରଦେଶ, ହରିୟାଣା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ ପ୍ରତିଷ୍ଠା କରାଯିବ। ବର୍ତ୍ତମାନ ସୁଦ୍ଧା ୧୧ଟି ରାଜ୍ୟରେ ଇସିଏମଏସ ଯୋଜନା ଅଧୀନରେ ୪୬ଟି ଆବେଦନକୁ ମଞ୍ଜୁରି ମିଳିସାରିଛି। ଏହାଦ୍ୱାରା ୫୪,୫୬୭ କୋଟି ଟଙ୍କା ନିବେଶ ସହିତ ୫୧,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି କାର୍ଯ୍ୟକ୍ରମ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମକୁ ମଜବୁତ କରିଛି । ଫଳରେ ଘରୋଇ ଚାହିଦାର ଏକ ବଡ଼ ଅଂଶ ସ୍ୱଦେଶୀ ଭାବରେ ପୂରଣ ହୋଇପାରିବ।

## ଆଜିର ରାଶିଫଳ

**ମେଷ:** ସମସ୍ତ କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। କୌଣସି ନୂଆ ଜିନିଷ କିଣିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପ୍ରେମ ଜୀବନ ସୁଖମୟ ହେବ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ବ୍ୟବସାୟରେ ସଫଳତା ମିଳିବ। ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ।

**କର୍କଟ :** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ନୂଆ ଚାକିରିର ସୁଯୋଗ ଜୁଟିବ। ନୂଆ ବ୍ୟବସାୟର ଯୋଜନା କରିବେ। ଗୁରୁଜନଙ୍କ ସହଯୋଗ ମିଳିବ।

**ସିଂହ:** ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କଠିନ ପରିଶ୍ରମ କରିବେ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ। ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଟକି ରହିଥିବା ଧନ ଆଗମନ ହେବ।

**ତୁଳା:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ଗୁରୁଜନଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ପୂଜାପାଠରେ ସାମିଲ ହେବେ। ବାଦ ବିବାଦଠାରୁ ଦୂରେଇ ରହିବା ଭଲ। ଦୀର୍ଘ ଦିନର ସ୍ୱପ୍ନ ପୂରା ହେବ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

## ଆଜିର ଇତିହାସ

- ୧୯୦୧-ଶାନ୍ତି ନିକେତନରେ ବ୍ରହ୍ମଚର୍ଯ୍ୟ ଆଶ୍ରମ ଖୋଲିଲା।
- ୧୯୨୯ - ମହାତ୍ମା ଗାନ୍ଧୀ ଲର୍ଡ ଇରୱିନ୍‌ଙ୍କୁ ଭେଟିଲେ।
- ୧୯୪୩- ଟେଲିଭିଜନରେ ପ୍ରଥମ ଥର ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପ୍ରସାରଣ ଆରମ୍ଭ ହେଲା।
- ୧୯୫୪- ଆଲ୍‌ଜେରିଆରେ ଆସିଥିବା ଭୂମିକମ୍ପରେ ୧୪୦୦ ଲୋକଙ୍କ ମୃତ୍ୟୁ।
- ୧୯୫୯-ଆଲାସ୍କା ଆମେରିକାର ୪୯ତମ ରାଜ୍ୟ ଘୋଷିତ।
- ୨୦୦୯ - ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ବିଧାନସଭାରେ ବିଶ୍ୱାସ ମତ ହାସଲ କଲେ।



# 'ଡନ୍ ୩' ରଣବୀରଙ୍କ ସ୍ଥାନ ନେବେ ହ୍ରିତିକ୍

ବଲିଉଡ୍ ଅଭିନେତା ରଣବୀର ସିଂହ 'ଡନ୍ ୩'ରୁ ଓହରିଯିବା କଥା ଏବେ ସାମାଜିକ ଗଣମାଧ୍ୟମରେ ଜୋରସୋରରେ ଚର୍ଚ୍ଚା ହେଉଛି। ଫିଲ୍ମର ପ୍ରୋମୋ ଭିଡିଓ ସୁଟ୍ ହେବା ପରେ ମୁଖ୍ୟ କଳାକାର ସେଥିରୁ ଓହରିଯିବା କଥା କ୍ୱଚିତ୍ ଦେଖାଯାଏ। ଠିକ୍ ଏଭଳି ରଣବୀର କରିଛନ୍ତି। 'ଧୁରନ୍ଧର'ର ସଫଳତାକୁ ଦେଖି ରଣବୀର 'ଡନ୍ ୩'ରୁ ମୁହଁ ଫେରାଇ ନେଇଛନ୍ତି। ଇତିମଧ୍ୟରେ ନିର୍ଦ୍ଦେଶକ ଫରହାନ୍ ଅଖତର୍ ରଣବୀରଙ୍କ ବିକଳ୍ପ ଖୋଜି ନେଇଥିବା ଚର୍ଚ୍ଚା ହେଉଛି। ଏଥିରେ ରଣବୀରଙ୍କ ବଦଳରେ ହ୍ରିତିକ୍ ରୋଶନ ଏବେ ନଜର ଆସିବେ ବୋଲି ଜଣାପଡ଼ିଛି। ଯଦି ଏହା ସତ ହୁଏ ତେବେ ଦର୍ଶକଙ୍କ ପାଇଁ ଏହା ଏକ ବଡ଼ ସରପ୍ରାଇଜ୍ ହେବ। କେବଳ ରଣବୀର ନୁହେଁ ଏହାପୂର୍ବରୁ କିଆରା ଆଡଭାନୀ ମଧ୍ୟ ଗର୍ଭବତୀ ଥିବାରୁ ଏହି ଫିଲ୍ମରୁ ଓହରି ଯାଇଥିଲେ। ଏଠାରେ ପ୍ରକାଶ ଥାଉ କି, ଫରହାନ୍‌ଙ୍କ 'ଡନ୍' ଫ୍ରାଞ୍ଚାଇଜ୍‌ର ପୂର୍ବ ଦୁଇଟି ଫିଲ୍ମରେ ଶାହାରୁଖ୍ ଖାନ୍ ଲିଡ୍ ରୋଲରେ ନଜର ଆସିଥିଲେ।

# ସ୍ମାର୍ଟଫୋନ୍ ଯୋଗୁ ପିଲା ଘଣ୍ଟା ଚିହ୍ନିପାରୁ ନାହାନ୍ତି

ନ୍ୟୁୟର୍କ ସହରର ଅନେକ ସ୍କୁଲରୁ ଏବେ ଏକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଏଠାକାର ଛାତ୍ରଛାତ୍ରୀ ଏବେ ପାରମ୍ପରିକ ତଥା ଆନାଲଗ୍ ଘଣ୍ଟା ଚିହ୍ନି ପାରୁ ନାହାନ୍ତି। ତେବେ ଏକ ସ୍କୁଲରେ ସ୍ମାର୍ଟଫୋନ୍ ବ୍ୟବହାର ଉପରେ କଟକଣା ଲାଗିବାରୁ ଏହିକଥା ସାମ୍ନାକୁ ଆସିଛି। କ୍ୱିନ୍ସ ସ୍ଥିତ କାର୍ଡୋଜୋ ହାଇସ୍କୁଲର ଆସିଷ୍ଟାଣ୍ଟ ପ୍ରିନ୍ସିପାଲ ଟିଆନା ମିଲେନ୍ କହିଛନ୍ତି, 'ମୋବାଇଲ ଉପରେ କଟକଣା ଲାଗିବା ପରେ ଅନେକ କିଶୋର କାନ୍ଥ ଘଣ୍ଟା ଦେଖି ସମୟ ଜାଣି ପାରି ନ ଥିଲେ। ତେବେ କାନ୍ଥଘଣ୍ଟା ଦେଖି ସମୟ ଚିହ୍ନିବା ଏକ ମୌଳିକ ଦକ୍ଷତା ଯାହା ଏବେ ପିଲାମାନେ କରିପାରୁ ନାହାନ୍ତି।' ମିଲେନ୍ ସ୍କୁଲରେ ମୋବାଇଲ ବ୍ୟବହାର ଉପରେ କଟକଣା ଲାଗିବା ପଦକ୍ଷେପକୁ ଖୁବ୍ ପ୍ରଶଂସା କରିଛନ୍ତି। ସେହିପରି ମୋବାଇଲ ନ ରହିବା ଯୋଗୁଁ ଛାତ୍ରଛାତ୍ରୀ ପାଠପଢ଼ା ଉପରେ ଅଧିକ ଧ୍ୟାନ ଦେବା ସହ ମଧ୍ୟାହ୍ନ ଭୋଜନରେ ପରସ୍ପର ସହିତ କଥାବାର୍ତ୍ତା କରୁଥିବା ସେ କହିଛନ୍ତି। ସ୍କୁଲ ପରିସରରେ ବି ପିଲାମାନେ ଆଗ ଅପେକ୍ଷା ଅଧିକ ଚଳପ୍ରଚଳ କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି, ପିଲାମାନେ ଏବେ ଠିକ୍ ସମୟରେ ଶ୍ରେଣୀଗୃହରେ ପହଞ୍ଚୁଛନ୍ତି। ତେବେ ସେମାନେ ଏକଥା ଜାଣିପାରୁ ନାହାନ୍ତି ଯେ, ସେମାନେ ଠିକ୍ ସମୟରେ ସ୍କୁଲକୁ ଆସୁଛନ୍ତି କି ନାହିଁ। କାରଣ ସେମାନେ ଘଣ୍ଟା ଚିହ୍ନିବା ଜାଣନ୍ତି ନାହିଁ। ଅନ୍ୟପଟେ ଡିଜିଟାଲ ଯୁଗରେ ବଡ଼ ହେଉଥିବା ପିଲାଙ୍କ ଲାଗି ଆନାଲଗ୍ ଘଣ୍ଟା ଏକ ଅଜବ ଜିନିଷ ପାଲଟିଛି। ସେହିପରି ନ୍ୟୁୟର୍କ ଶିକ୍ଷା ବିଭାଗ ଏବେ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପିଲାଙ୍କୁ ଘଣ୍ଟା ଚିହ୍ନିବା ଶିକ୍ଷା ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ମଧ୍ୟ ବ୍ରୁକଲିନ୍‌ର ମିଡ୍‌ଉଡ୍ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ କହିବା କଥା, ଅନେକ ପିଲା ଏଥିରେ ଦୁର୍ବଳ ଅଛନ୍ତି। କାରଣ ଫୋନ୍‌ରେ ସମୟ ଦେଖୁଥିବାରୁ ସେମାନେ କାନ୍ଥଘଣ୍ଟାରେ ସମୟ ଜାଣିପାରୁ ନାହାନ୍ତି। ସେହିପରି ବର୍ତ୍ତମାନ ଏହି ସମସ୍ୟା ନୂଆ ନୁହେଁ। ୨୦୧୭ ମସିହାରେ ଓକ୍ଲାହୋମାରେ ହୋଇଥିବା ଏକ ଗବେଷଣା ଅନୁସାରେ, ୬-୧୨ ବର୍ଷ ବୟସର ପିଲାଙ୍କ ମଧ୍ୟରୁ କେବଳ ପାଞ୍ଚ ଜଣକରୁ ଜଣେ ପିଲା ଘଣ୍ଟା ଚିହ୍ନିବା ଜାଣନ୍ତି। ଏହି ସମସ୍ୟା ଅନେକ ବର୍ଷ ଧରି ଧୀରେ ଧୀରେ ବଢ଼ି ଚାଲିଛି। ଅବଶ୍ୟ ସ୍ମାର୍ଟଫୋନ୍ ଉପରେ ରୋକ ଲାଗିବାରୁ ଏହା ସାମ୍ନାକୁ ଆସିଲା। ଅନ୍ୟପଟେ ପିଲା ଆନାଲଗ ଘଣ୍ଟା ଚିହ୍ନିବା ଜାଣି ନ ଥିବା ବେଳେ ସେମାନଙ୍କ ଡିଜିଟାଲ ଜ୍ଞାନ କୌଶଳ ଖୁବ୍ ଆଗରେ। ଏପରିକି ଅନେକ ସମୟରେ ପିଲାମାନେ ଶିକ୍ଷକମାନଙ୍କର ଟେକ୍ନୋଲୋଜି ସହ ଜଡ଼ିତ ସମସ୍ୟା ଦୂର କରୁଛନ୍ତି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ନୂଆପିଢ଼ିଙ୍କ ଦକ୍ଷତା କମିନାହିଁ, ବରଂ ସେମାନେ ଡିଜିଟାଲ୍‌ରେ ଅଧିକ ସକ୍ରିୟ ହୋଇ ଯାଉଛନ୍ତି।



## ଆଜି ଆସିଥିଲେ

# ଅଦ୍ୱିତୀୟ ରାଜନେତା ଜାନକୀ ବଲ୍ଲଭ ପଟ୍ଟନାୟକ



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଆଜି ଜନ୍ମ ଜୟନ୍ତୀ। ଓଡ଼ିଶାର ଜନସାଧାରଣଙ୍କ ନେତୃତ୍ୱ ନେଇ ସେ ତିନି ତିନିଥର ରାଜ୍ୟର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ। ଦୀର୍ଘ ୧୪ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ସହ ନିଜକୁ ଜଣେ ଜନପ୍ରିୟ ନେତା ଭାବେ ପ୍ରତିଷ୍ଠିତ କରିପାରିଥିଲେ। ସେ କେବଳ ଜଣେ ରାଜନେତା ନ ଥିଲେ, ଏକାଧାରରେ ଥିଲେ ସାହିତ୍ୟିକ, ବାଗ୍ମୀ, ସାମ୍ବାଦିକ, ଦୂରଦ୍ରଷ୍ଟା ଓ ଚିନ୍ତକ। ସେ ତାଙ୍କ ଜୀବନକାଳରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଆସାମର ରାଜ୍ୟପାଳ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି। ଅବିଭକ୍ତ ପୁରୀଜିଲ୍ଲା ତଥା ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱର ଗଡ଼ରେ ୧୯୨୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ ଜାନକୀବଲ୍ଲଭ। ତାଙ୍କ ପିତା ଗୋକୁଳାନନ୍ଦ ପଟ୍ଟନାୟକ ଥିଲେ ଜଣେ ଲେଖକ ତଥା ଶିକ୍ଷକ। ଗାଁରେ ମାଇନର ସ୍କୁଲ୍ ପର୍ଯ୍ୟନ୍ତ ପଢ଼ିବା ପରେ ଖୋର୍ଦ୍ଧା ହାଇସ୍କୁଲରେ ସେ ପଢ଼ିଲେ। ଛାତ୍ରାବସ୍ଥାରେ ସେ ଥିଲେ ସରଳ, ସ୍ୱାଧୀନତା ପ୍ରେମୀ, ସାହିତ୍ୟ ପ୍ରେମୀ ଓ ବନ୍ଧୁ ବତ୍ସଳ। ୧୯୪୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ସ୍ନାତକ ଡିଗ୍ରୀ କରିବା ପରେ ୧୯୪୯ ମସିହାରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ସେ ଛାତ୍ରାବସ୍ଥାରୁ ରାଜନୀତି ସହିତ ଜଡ଼ିତ ଥିଲେ। ୧୯୫୦ ମସିହାରେ ସେ ରାଜ୍ୟ ଯୁବ କଂଗ୍ରେସ ସଭାପତି ହୋଇଥିଲେ। ୧୯୭୧ରେ ପ୍ରଥମ ଥର ପାଇଁ ସେ ବିଜୟୀ ହୋଇ ଲୋକସଭାକୁ ଯାଇଥିଲେ। ୧୯୮୦ରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦ୍ୱିତୀୟ ଥର ପାଇଁ ୧୯୮୫ ନିର୍ବାଚନରେ ସେ ଉଭୟ ଖୋର୍ଦ୍ଧା ଓ ଆଠଗଡ଼ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୯୫ ମସିହାରେ ସେ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୯ ମସିହାରେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାର ଜାନକୀବଲ୍ଲଭଙ୍କୁ ଆସାମର ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ। ଆସାମ ରାଜ୍ୟପାଳ ଭାବେ ସେ ଓଡ଼ିଶା ଓ ଆସାମ ମଧ୍ୟରେ ନିବିଡ଼ ସାଂସ୍କୃତିକ-ସାମାଜିକ ସମ୍ପର୍କର ପୁନଃଆବିଷ୍କାର କରିଥିଲେ। ଜଣେ ଦୂରଦୃଷ୍ଟି ସଂପନ୍ନ ଓ ବିଚକ୍ଷଣ ରାଜନେତା, ଜଣେ ସମାଜ ସଂସ୍କାରକ ଭାବେ ଜାନକୀ ବଲ୍ଲଭ ଯେତିକି ଜଣାଶୁଣା ଥିଲେ, ଜଣେ ସୁସାହିତ୍ୟିକ ଓ ସଂସ୍କୃତ ବିଶାରଦ ଭାବେ ଥିଲା ତାଙ୍କର ସେତିକି ଖ୍ୟାତି। ଓଡ଼ିଆ ଭାଷାରେ ମହାକାବ୍ୟ 'ରାମାୟଣ', 'ମହାଭାରତ' ଓ 'ଶ୍ରୀମଦ୍ ଭାଗବତ'ର ଅନୁବାଦ କରିଛନ୍ତି ଜାନକୀ ବଲ୍ଲଭ ପଟ୍ଟନାୟକ। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ। ଏଥିସହିତ 'ଗୌତମ ବୁଦ୍ଧ', 'ସିନ୍ଧୁ ଉପତ୍ୟକା', 'ମାଲୁଣୀର ଫୁଲ ଓ ଅନ୍ୟାନ୍ୟ ଗଳ୍ପ', 'ସ୍ୱପ୍ନ ଓ ସଂକଳ୍ପ' ଭଳି ସାହିତ୍ୟ ରଚନା ଆଜି ବି ତାଙ୍କୁ ଅମର କରି ରଖିଛି। ୨୦୧୫ ମସିହା ଏପ୍ରିଲ ୨୧ ତାରିଖରେ ଆନ୍ଧ୍ରପ୍ରଦେଶର ତିରୁପତିରେ ତାଙ୍କର ଦେହାବସାନ ଘଟିଥିଲା।

# ଛବିଶି ଆସିଛି ମିତ



ରାମଚନ୍ଦ୍ର ବେହେରା

ବାଣ ରୋଷଣୀରେ ନାଚ ଗୀତ ସୁରେ
ଛବିଶି ଆସିଛି ମିତ
ପୁରୁଣା ବର୍ଷର ଦୁଃଖ ଭୁଲି ଆସ
ହରଷେ ଗାଇବା ଗୀତ।
ନୂଆ ବରଷରେ ନୂଆ ଆଶା ନେଇ
ପାଠରେ ରଖିବା ଧ୍ୟାନ
ଅଳସ ପଣକୁ ଦୂର କରି ଆମେ
କରିଯିବା ନିଜ କାମ।
ରାଗ ରୋଷ ହିଂସା କପଟ ସ୍ୱଭାବ
ପରାଣୁ ଦୂରେଇ ଦେବା
ସ୍ନେହ ମମତାରେ ବାନ୍ଧିହୋଇ ସର୍ବେ
ଦେଶକୁ ଆଗେଇ ନେବା।
ପିତା ମାତାଙ୍କର କଥାକୁହା ମାନି
ସତ୍ୟ ପଥରେ ଚାଲିବା
ବିଦ୍ୟାଲାଭ ପାଇଁ ଗୁରୁ ଉପଦେଶ
ମୁଣ୍ଡ ନୁଆଁଇ ପାଳିବା।
ଭେଦଭାବ ଭୁଲି ଆଶାବାଡ଼ି ସାଜି
ସେବା କରିବା ସବୁରି
ସୁନ୍ଦର ସମାଜ ଗଢ଼ିବା ହରଷେ
ଏକତା ମନ୍ତ୍ର ଆଦରି।
ଦେଶ ହିତ ପାଇଁ କାମ କରିଯିବା
ଭୁଲିଯିବା ଦେହ ବ୍ୟଥା
ଆମ ଶ୍ରମ ଦେଖି ସଭିଏଁ ଗାଇବେ
ଆମରି ଗୌରବ ଗାଥା।
ଶାନ୍ତିର ବାରତା ପରଶିବା ଆମେ
ନ ଦେବା କାହାକୁ ଦୁଃଖ
ସତ୍ୟ, ନ୍ୟାୟ, ଧର୍ମ ନୀତି ଆଦରିବା
ମିଳିବ ପରମ ସୁଖ। ■



ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ସ୍ୱାଗତ କରୁଛି ହେ ନୂଆବରଷ



ନଳିନୀ ଦାଶ

ଥିରି ଥିରି ପାଦେ ଶୀତୁଆ ରାତିରେ
ଆସିଛି ନୂଆ ବରଷ
ତୁମ ଆଗମନେ ଭରୁ ଧରଣୀରେ
ସ୍ନେହ ମମତା ପରଶ।
ହେଇଯାଉ ଦୂର ଅଜ୍ଞାନ ଅନ୍ଧାର
ଜ୍ଞାନର ବିକାଶ ହେଉ
ଈର୍ଷା ହିଂସା ରାଗ କପଟ ଛଳନା
ସବୁ ଅପସରି ଯାଉ।
ତୁମର ପରଶ ହେଉ ହେ ସରସ
ଜୀବଜଗତଟି ପାଇଁ
ସବୁରି ମୁଖରେ ହସ ଖୁସି ଭରି
ଦିଅନ୍ତୁ ଜଗତ ସାଇଁ।
ସ୍ୱାଗତ କରୁଛି ହେ ନୂଆବରଷ
ସୁଖର ଝରଣା ବହୁ
ନୂଆ ବରଷର ନୂଆ ସକାଳରେ
ଦୁଃଖ ଦୂର ହେଇ ଯାଉ।
ମନ ପ୍ରାଣ ଢାଳି କରିଯିବୁ କାମ
ଦେଶ ପାଇଁ କି ଲଢ଼ିବୁ
ନୂଆ ବରଷରେ ପଣ କରି ଆମେ
ସ୍ୱଚ୍ଛ ଭାରତ ଗଢ଼ିବୁ।
ସବୁରି ମୁଖରେ ହସଫୁଲ ଫୁଟି
ହସୁ ଏଦେଶ ଆମର
ସବୁ ଜାତି ଧର୍ମ ଏକ ମନ ହୋଇ
ଚଳୁଥାନ୍ତୁ ନିରନ୍ତର। ■



ଭିକାରିପଡ଼ା, ନୟାଗଡ଼
ମୋ- ୯୨୩୮୯୯୭୬୪୯

## ଛୋଟ ହାତର ତୁଳୀ






**ସୌରଭ ରଞ୍ଜନ କର**
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜ ଛକ, କଟକ






**ପ୍ରିତିରାଜ୍ ଦାସ**
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ନୂଆବଜାର, କଟକ





**ରୁଦ୍ରାଣ୍ୟ ଦଳାଇ**
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଜୋବ୍ରା, କଟକ

## ସୁମନ



# ମିଠା ମିଛ



ଶିବ ପ୍ରସାଦ ରାଉତ

ରାଜାଙ୍କ ଦରବାରରେ ସେଦିନ ଶିକାରୀଟିଏ ପହଞ୍ଚି ରାଜାଙ୍କୁ ପଞ୍ଜୁରୀରେ ଥିବା ଶୁଆଶାରୀଙ୍କୁ ଦେଖାଇ କହିଲା -"ମଣିମା ! ଏଇ ଦେଖନ୍ତୁ କଥା କହିପାରୁଥିବା ଶୁଆଶାରୀ। ଏମାନେ ଭାରି ଚାଲାକ୍, ସବୁ ପ୍ରଶ୍ନର ଉତ୍ତର ଦେଇ ପାରୁଛନ୍ତି, ସୁନ୍ଦର ଗୀତ ଗାଉଛନ୍ତି ଓ ସର୍ବଦା ସତ୍ୟ କହନ୍ତି। ଏମାନେ ସୁପରାମର୍ଶ ମଧ୍ୟ ଦିଅନ୍ତି।" ରାଜା ଭାରି ଖୁସି ହୋଇ ଶିକାରୀକୁ ପଚାଶ ସ୍ୱର୍ଣ୍ଣମୁଦ୍ରା ଦେଇ ଶୁଆଶାରୀ ଯୋଡ଼ିକୁ ରଖିଲେ। ସେହିଦିନ ଠାରୁ ଦରବାରକୁ, ରାଜବାଟୀକୁ ଯେଉଁମାନେ ଆସନ୍ତି, ଶୁଆଶାରୀ ମଣିଷ ଭଳି କଥା କହିବା ଓ ଗୀତ ବୋଲିବା ଦେଖି ଖୁସିରେ ପ୍ରଶଂସା କରନ୍ତି। ସେଦିନ ନିରୋଳାରେ ରାଜାରାଣୀ ଶୟନ କକ୍ଷରେ ଥାଆନ୍ତି। ରାଜା କହୁଥାନ୍ତି, "ବୁଝିଲ ରାଣୀ, ଆଜି ରାଜସଭାରେ ଗୋଟିଏ ଅତ୍ୟନ୍ତ କଠିନ ସମସ୍ୟା ଉପୁଜିଥିଲା, ଏହାର ସମାଧାନ ମୁଁ ନିମିଷକ ମଧ୍ୟରେ କାହାରି ସାହାଯ୍ୟ ବିନା କରିଦେଲି।" ଶୁଆ ରାଜାଙ୍କର ଏକଥା ଶୁଣି ଦୂରରୁ ଥାଇ କହିଲା, "ମଣିମା, ମିଛ କହିଲେ। ଆଜି ପରା ମନ୍ତ୍ରୀ ଓ ରାଜଗୁରୁ ସେହି ସମସ୍ୟାର ସମାଧାନ କଲେ।" ଶୁଆର ଏକଥା ଶୁଣି ରାଣୀ ରାଜାଙ୍କୁ ଚାହିଁ ଗମ୍ଭୀର ହୋଇଗଲେ। ରାଜା ଅପମାନିତ ବୋଧ କଲେ। ଅନ୍ୟଦିନେ ରାଜାଙ୍କର କେତେଜଣ ବନ୍ଧୁ ରାଜବାଟୀକୁ ଆସି ରାଜାଙ୍କ ସହିତ ଆଳାପ କରୁଥିଲେ। କଥା ପ୍ରସଙ୍ଗରେ ରାଜା ସେମାନଙ୍କୁ କହିଦେଲେ, "ଆପଣମାନେ ଆସିବା ପୂର୍ବରୁ ମୁଁ ମୃଗମାଂସ ଆହାର କରିଛି, ତୁମେ... ।" ଶୁଆ କହିଲା, "ନା, ମଣିମା ଆପଣ ମିଛ କହିଲେ। ଆଜି ପ୍ରାତଃ ଭୋଜନରେ ପରା ଆପଣ ରାଜଭୋଗ ଖାଇଛନ୍ତି, ମୃଗ ମାଂସ କେତେବେଳେ ଖାଇଲେ।" ସେ ବନ୍ଧୁମାନେ ଏକଥା ଶୁଣି ପରସ୍ପରକୁ ନିରବରେ ଚାହିଁ ରାଜାଙ୍କୁ ବିଦ୍ରୁପ କଲେ। ବାସ୍ କିଛିସମୟ ପରେ ରାଜାଙ୍କ ବନ୍ଧୁମାନେ ତ ଚାଲିଗଲେ। ରାଜା ତୁରନ୍ତ ମନ୍ତ୍ରୀଙ୍କୁ ଡାକି କହିଲେ, "ଶୀଘ୍ର ଏ ସତୁଆ ପକ୍ଷୀ ଯୋଡିଙ୍କୁ ବଣରେ ଛାଡ଼ିଦେଇ ଆସ। ଏମାନେ ସେଠାରେ କଷା, କଟୁ, ତିକ୍ତ, ରୁକ୍ଷ ଫଳ ଖାଆନ୍ତୁ, ଶିକାରୀ ହାତରେ ଶିକାର ହୋଇଯାଆନ୍ତୁ। ଏମାନଙ୍କର ସତ କହିବା ଛାଡ଼ିଯିବ।" ଜଙ୍ଗଲରେ ଶୁଆଶାରୀ ସ୍ୱାଧୀନରେ ବୁଲିଲେ ସିନା ରାଜଉଆସର ସୁମିଷ୍ଟ ଫଳ କି ଲୋକଙ୍କ ପ୍ରଶଂସା ପାଇଲେ ନାହିଁ। କିଛିଦିନ ବିତିଗଲା। ବିଭିନ୍ନ ପଶୁପକ୍ଷୀ ଓ ଅନ୍ୟ ଜୀବମାନଙ୍କର ଗତିବିଧି ଇତ୍ୟାଦି ଶୁଆଶାରୀ ଦେଖୁଥାନ୍ତି। ସେଦିନ ଶୁଆ ସାରୀକୁ କହିଲା, "ଜାଣିଲୁ ଶାରୀ, ଏ ଯେଉଁ ଶିକାରୀଟି ଆସୁଛି, ସେ ଭାରି ନିଷ୍ଠୁର, ତା'ର ଲକ୍ଷ୍ୟ ଅବ୍ୟର୍ଥ। ପ୍ରତିଦିନ ସେ କେତେ ପଶୁପକ୍ଷୀଙ୍କୁ ନିଷ୍ଠୁର ଭାବରେ ମାରି ତା' ଗଣ୍ଠିଲିରେ ନେଇଯାଉଛି, ତା'ର ହିସାବ ନାହିଁ। ଆଜି କିଛି କରିବାକୁ ହେବ।" ଶୁଆ କହିଲା, "ଶାରୀ, ଆସ ସେହି ପୁଷ୍କରିଣୀ ପାଖକୁ ଯିବା। ଏ ଶିକାରୀ ସେହି ପୁଷ୍କରିଣୀରୁ ପାଣି ପିଇ ତା'ର ସୁବଦିନ ପରି ଶିକାର ଆରମ୍ଭ କରିବ। ତୁମେ ମୋ କଥାରେ ସହଯୋଗ କରିବ।" ପ୍ରଥମେ ଶାରୀ ଶୁଆର ଉଦ୍ଦେଶ୍ୟ ବୁଝିପାରି ନଥିଲା। ଶିକାରୀ ପୁଷ୍କରିଣୀ ପାଖାପାଖି ହେଲାଣି, ତାକୁ ଦେଖି ନ ଦେଖିଲା ପରି ଶୁଆ ମଣିଷ ସ୍ୱରରେ ବଡ଼ପାଟିରେ କହୁଥାଏ, "ମୁଁ ତୁମକୁ କେତେ ବୁଝାଇବି ଶାରୀ, ମୁଁ ତ ଜ୍ୟୋତିଷ ବିଦ୍ୟା, କାକଚରିତ ଓ ଭବିଷ୍ୟତବାଣୀ ମୋ ଗୁରୁଙ୍କ ଠାରୁ ଶିଖିଛି। ତୁମେ ଆଶ୍ଚର୍ଯ୍ୟ ହେଉଛ କାହିଁକି ଯେ, ମୁଁ ସବୁବେଳେ ସତ କହୁଛି ଓ ଭବିଷ୍ୟତ କଥା ଜାଣିପାରୁଛି ବୋଲି...।" ନିରବ ନିଃସ୍ତବ୍ଧ ଜଙ୍ଗଲରେ ପୁଣି ମଣିଷର ସ୍ୱର, ଏ କ'ଣ ସତ ଶୁଆଶାରୀ ! ଶିକାରୀଟି ଶୁଆଶାରୀଙ୍କ କଥା ଶୁଣିବା ପାଇଁ ଗଛ ଉହାଡ଼ରେ ଲୁଚି ରହିଲା। ଶାରୀ, ଶୁଆକୁ କହିଲା, "ହଁ, ହଁ ମୁଁ ଜାଣିଛି ତୁମେ ସବୁ ଭବିଷ୍ୟତ ସତକଥା କହିପାର, ଆଜି ଏ ଜଙ୍ଗଲରେ କ'ଣ ଘଟିବ କହିଲ?" ଶୁଆ କହିଲା, "କ'ଣ କହିବି, ହଉ ଶୁଣ। ସେହି ପଶ୍ଚିମ ଦିଗରୁ ଯେଉଁ ଶିକାରୀ ଜଣକ ଆସୁଛି, ପଶୁପକ୍ଷୀ ଶିକାର କରି ନେଉଛି। ତା'ର ଆଜି ମରଣର ଦିନ।" ଶାରୀ କହିଲା, "ସତେ, କିପରି ?" ଶୁଆ କହିଲା, "ଦେଖିବୁ ରହ, ଏକ ବିରାଟ ସିଂହ ସେ ଶିକାରୀକୁ ଗୋଡ଼େଇ ଗୋଡ଼େଇ କଲବଲ କରି ମାରିବ। ତା'ର ପାପର ଭାର ପୁରି ସାରିଛି।" ଶାରୀ କହିଲା, "ଆହା! ବିଚରା। ଆଚ୍ଛା ଶୁଆ, କୁହ ତା'ର ଜୀବନ କ'ଣ ରକ୍ଷା ହେଇ ପାରିବନି? " ଶୁଆ କହିଲା, "ତୁ କାହିଁକି ବ୍ୟସ୍ତ ହେଉଛୁ, ଆରେ ସବୁ କଥାରେ ତ ପ୍ରତିକାର ଅଛି। ହେଲେ ତୋତେ କହି ଲାଭ କ'ଣ। ଯଦି ସେ ଶିକାରୀ ମୋତେ ପଚାରେ ମୁଁ ପ୍ରତିକାର କହିବି ନା...। ଆଉ ତୁମେ ତ ଜାଣ ମୁଁ କେବେ ମିଛ କହେନା।" ଶୁଆର କଥା ଶୁଣି ଛାନିଆରେ ବରଡ଼ାପତ୍ର ପରି ଥରୁଥିବା ଶିକାରୀ କାରୁଣ୍ୟ ସ୍ୱରରେ କହିଲା, "ହେ, ସତ୍ୟପକ୍ଷୀ, ମୋତେ ଦୟାକର। ମୋ ଜୀବନ ରକ୍ଷା ପାଇଁ ପ୍ରତିକାର କର। ମୁଁ ତୁମ ଶରଣ ପଶୁଛି।" ଶୁଆ କହିଲା, "ତୁମେ ତା'ହେଲେ ଚାଲିଆସିଲାଣି। ମୋ କଥା ଶୁଣିନେଲ? ଶୁଣ ଶିକାରୀ, ତୁମେ ବି ବିଜ୍ଞ, ଚତୁର। କାରଣ ତୁମ ଶିକାର କୌଶଳ ଅତି ନିଖୁଣ ହେଲେ ଆଜି ତୁମର ଜୀବନ କେହି ରକ୍ଷା କରିପାରିବେନି। ଆରେ ଜୀବହତ୍ୟା ଓ ପାପର ଗୋଟେ ସୀମା ଥାଏ। ଯିଏ ଅନ୍ୟକୁ ମାରେ ତାକୁ ବି ଶିକାର ହେବାକୁ ପଡ଼େ, ଏଣୁ...।" ଶିକାରୀ କମ୍ପିତ କଣ୍ଠରେ କହିଲା, "ମୁଁ ରକ୍ଷା ଚାହେଁ, କିଛି ବାଟ କର।" ଶୁଆ କହିଲା, "ବାଟ ଗୋଟିଏ, ତୁମକୁ ଏ ଶିକାରୀ ଜୀବନ ଛାଡ଼ିବାକୁ ହେବ, ଅନ୍ୟ କିଛି ଉପାୟରେ ସଂସାର ଚଳାଅ। ତୁମ ଜୀବନର ମୋଡ଼ ବଦଳିଯିବ, ତୁମେ ରକ୍ଷା ପାଇଯିବ।" ଶିକାରୀ ଶପଥ କଲା ଆଜିଠାରୁ ଏ ଧନୁ, ତୀର, ବାଟୁଳୀ, ଫାଶ ସବୁ ଏ ଜଳକୁ ଫିଙ୍ଗିଲି। ଆଉ ଜୀବହତ୍ୟା କରିବିନି କି ଏ ଜଙ୍ଗଲକୁ ଆସିବିନି। ଏହା କହି ଜଙ୍ଗଲରୁ ଏକମୁହାଁ ହୋଇ ବାହାରିଗଲା। ଶାରୀ କହିଲା, "ଆଚ୍ଛା ଶୁଆ, କେବେ ତ ଜୀବନରେ ମିଛ କହି ନ ଥିଲ, ଏହି ସତକଥା କାରଣରୁ ରାଜା ଘରୁ ତଡ଼ା ଖାଇଲ। ଆଜି ଏ ମିଛ କହିଲ, କ'ଣ କିଛି ପାପ ହେବନି?" ଶୁଆ କହିଲା, "ଯେଉଁ ମିଛ କହିଲେ ଜୀବର ମଙ୍ଗଳ ସାଧିତ ହୁଏ, ଧର୍ମର ରକ୍ଷା ହୁଏ, ଈଶ୍ୱର ପରା ତାକୁ ଆଶୀର୍ବାଦ ଦିଅନ୍ତି। ମୁଁ ଏମିତି କ'ଣ କଲି କି, ଯାହା କଲି ଶିକାର ହେଉଥିବା ଜୀବମାନଙ୍କର ଜୀବନ ରକ୍ଷା ହେଲା, ଆଉ ଶିକାରୀ ମଧ୍ୟ ପାପପଥରୁ ନିବୃତ୍ତ ହେଲା, ଏ ତ ମିଛ ନୁହେଁ। ଏ ପରା ମିଠାମିଛ।" ■

ବଛଦା, ଜଗନ୍ନାଥପୁର, ବାସୁଦେବପୁର, ଭଦ୍ରକ
ମୋ-୮୧୪୪୨୮୧୧୫

## ଆଜିଠୁ ପୁରୁଷ ହକି ଇଣ୍ଡିଆ ଲିଗ୍

# ଆଠ ବର୍ଷ ପରେ ଟାଇଟଲ୍ ଲକ୍ଷ୍ୟରେ କଳିଙ୍ଗ ଲାନ୍ସର୍ସ

ଚେନ୍ନଇ, ୨।୧ (ଏଜେନ୍ସି)



ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୭ମ ସଂସ୍କରଣ ଶନିବାରଠାରୁ ଚେନ୍ନଇରେ ଆରମ୍ଭ ହେବାକୁଯାଉଛି। ଘରୋଇ ତାମିଲନାଡୁ ଡ୍ରାଗନ୍ସ ଓ ହାଇଦରାବାଦ୍ ତୁଫାନ୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ଖେଳାଯିବ। ଆଠଟି ଦଳକୁ ନେଇ ଖେଳାଯିବାକୁ ଥିବା ଚଳିତ ସଂସ୍କରଣ ୩ଟି ଭେନ୍ୟୁରେ ଖେଳାଯିବ। ଜାନୁଆରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଚେନ୍ନଇରେ ପ୍ରଥମ ପର୍ଯ୍ୟାୟ ମୁକାବିଲା ଅନୁଷ୍ଠିତ ହେବ। ଏହାପରେ ରାଞ୍ଚିର ଜୟପାଲ୍ ସିଂହ ଷ୍ଟାଡିୟମରେ ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟାୟ ଆଉ ଏକ ପର୍ଯ୍ୟାୟ ଖେଳାଯିବ। ଅନ୍ତିମ ତଥା ୩ୟ ଭେନ୍ୟୁ ଭାବେ ଭୁବନେଶ୍ୱରର ଆଇକନିକ କଳିଙ୍ଗ ଷ୍ଟାଡିୟମ ରହିଛି। ଏଠାରେ ଜାନୁଆରୀ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ କିଛି ରାଉଣ୍ଡ-ରବିନ ମୁକାବିଲା ସହ ନକ୍‌ଆଉଟ୍ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ମୋଟ୍ ୮ଟି ଦଳ ରାଉଣ୍ଡ-ରବିନ ପର୍ଯ୍ୟାୟରେ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ-୪ଟି ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବେ। ପଏଣ୍ଟ ଟେବଲ୍‌ର ପ୍ରଥମ ଦୁଇଟି ସ୍ଥାନରେ ରହିଥିବା ଦଳ ମଧ୍ୟରେ ଜାନୁଆରୀ ୨୩ରେ ପ୍ରଥମ କ୍ୱାଲିଫାୟର ଅନୁଷ୍ଠିତ ହେବ। ଏଥିରେ ବିଜୟୀ ଦଳ ସିଧାସଳଖ ଫାଇନାଲକୁ ପ୍ରବେଶ କରିବ। ସେହିଦିନ ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟରେ ଏଲିମିନେଟର୍ ଖେଳାଯିବ। କ୍ୱାଲିଫାୟର-୧ର ପରାଜିତ ଦଳ ଓ ଏଲିମିନେଟର୍ ବିଜୟୀ ଦଳ ଜାନୁଆରୀ ୨୫ରେ ଦ୍ୱିତୀୟ କ୍ୱାଲିଫାୟରରେ ପରସ୍ପରକୁ ଭେଟିବେ। ଏଥିରେ ଯେଉଁ ଦଳ ବିଜୟୀ ହେବ ଫାଇନାଲ ଟିକଟ୍ ହାସଲ କରିବ। ଡିଫେଣ୍ଡିଂ ଚାମ୍ପିଅନ ରାର୍ହ ବେଙ୍ଗଲ ଟାଇଗର୍ସ ରବିବାର ସୁରମା ହକି କ୍ଲବ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଭଳି ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ମଧ୍ୟ ଏଥର ପ୍ରଭାବୀ ପ୍ରଦର୍ଶନ କରି ୮ ବର୍ଷ ପରେ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛି। ଚଳିତ ବର୍ଷ ହକି ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏଚ୍‌ଆଇଏଲ୍ ସବୁଦେଶର ଖେଳାଳିଙ୍କ ପ୍ରସ୍ତୁତି ଲାଗି ଏକ ଭଲ ସୁଯୋଗ ଆଣିଦେଇଛି।

### ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ

**ଭାରତୀୟ ଖେଳାଳି** : କ୍ରିଷନ ବାହାଦୁର ପାଠକ, ସୁନିଲ, ପ୍ରତାପ ଲାକ୍ରା, ରୋହିତ କୁଲ୍ଲୁ, ସଞ୍ଜୟ, ରବିଚନ୍ଦ୍ର ସିଂହ ମୋଇରଙ୍ଗଥେମ, ଅମିତ କୁମାର ଟପ୍ପୋ, ରୋଶନ କୁଜୁର, ଗୁରସାହିବଜିତ୍ ସିଂହ, ଅଙ୍ଗଦ ବୀର ସିଂହ, ଦୀପକ ପ୍ରଧାନ, ଦିଲପ୍ରୀତ୍ ସିଂହ ଓ ବବି ସିଂହ ଧାମି। **ବିଦେଶୀ ଖେଳାଳି** : ଜେଡ ସ୍ନୋଡେନ, କ୍ରେଗ୍ ମାରଇସ, ଲିଆମ ହେଣ୍ଡରସନ ଓ କୁପର ବର୍ନ୍ସ (ସମସ୍ତେ ଅଷ୍ଟ୍ରେଲିଆ), ଆଣ୍ଟୋଇନ କିନା, ଆର୍ଥର ଭାନ୍ ଡୋରେନ (ଅଧିନାୟକ), ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ (ସମସ୍ତେ ବେଲ୍‌ଜିୟମ)।

### କଳିଙ୍ଗ ଲାନ୍ସର୍ସର କାର୍ଯ୍ୟସୂଚୀ

| ତାରିଖ | ପ୍ରତିପକ୍ଷ | ସମୟ | ଭେନ୍ୟୁ |
|---|---|---|---|
| ୪।୧ | ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ | ଚେନ୍ନଇ |
| ୮।୧ | ବେଙ୍ଗଲ ଟାଇଗର୍ସ | ରାତି ୭ଟା ୩୦ | ଚେନ୍ନଇ |
| ୧୧।୧ | ଏଚ୍‌ଆଇଏଲ୍ ଜିସି | ସନ୍ଧ୍ୟା ୫ଟା | ରାଞ୍ଚି |
| ୧୪।୧ | ହାଇଦରାବାଦ୍ ତୁଫାନ୍ସ | ସନ୍ଧ୍ୟା ୫ଟା | ରାଞ୍ଚି |
| ୧୭।୧ | ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାତି ୭ଟା ୩୦ | ଭୁବନେଶ୍ୱର |
| ୧୮।୧ | ତାମିଲନାଡୁ ଡ୍ରାଗନ୍ସ | ରାତି ୭ଟା ୩୦ | ଭୁବନେଶ୍ୱର |
| ୨୦।୧ | ସୁରମା ହକି କ୍ଲବ | ରାତି ୭ଟା ୩୦ | ଭୁବନେଶ୍ୱର |

## ଅବସର ନେବେ ଖୱାଜା



ସିଡନୀ,୨।୧(ଏଜେନ୍ସି): ଅଷ୍ଟ୍ରେଲିଆର ଟପ୍ ଅର୍ଡର ବ୍ୟାଟର ଉସ୍‌ମାନ ଖୱାଜା ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛି। ଏବେ ଅଷ୍ଟ୍ରେଲିଆ ପକ୍ଷରୁ ଟେଷ୍ଟ କ୍ରିକେଟ ଖେଳୁଥିବା ବାମହାତୀ ବ୍ୟାଟର ଖୱାଜା ସିଡ୍‌ନୀରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ଶେଷ ଆସେସ ଟେଷ୍ଟ ପରେ ଅବସର ନେବେ। ଏହା ପୂର୍ବରୁ ସେ ୮୭ଟି ଟେଷ୍ଟ ଖେଳାଳି ୪୩.୩୯ ହାରରେ ୬,୨୦୬ ରନ୍ କରିଛନ୍ତି। ଏହା ମଧ୍ୟରେ ୧୬ଟି ଶତକ ଓ ୨୮ଟି ଅର୍ଦ୍ଧଶତକ ରହିଛି। ଏହା ଛଡ଼ା ସେ ୪୦ଟି ଦିନିକିଆ ମ୍ୟାଚ୍‌ରୁ ୪୨ ହାରରେ ୨ ଶତକ ସହ ୧୫୫୪ ଓ ୯ଟି ଟି-୨୦ରୁ ଗୋଟିଏ ଅର୍ଦ୍ଧଶତକ ସହ ୨୪୧ ରନ୍ କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୨୨୫ଟି ମ୍ୟାଚ୍‌ରୁ ୧୫,୪୭୭ ରନ୍ ସଂଗ୍ରହ କରିଛନ୍ତି। ଅବସର ଗ୍ରହଣ ସତ୍ତ୍ୱେ ସେ ବିବିଏଲ୍‌ରେ ବ୍ରିସ୍‌ବେନ୍ ହିଟ୍ ଓ ଶେଫିଲ୍ଡ ଶିଲ୍ଡରେ କ୍ୱିନ୍ସଲାଣ୍ଡ ପକ୍ଷରୁ ଖେଳ ଜାରି ରଖିବେ।

## ଦ.ଆଫ୍ରିକା ଦଳରେ ୭ ନୂଆ ଖେଳାଳି

ଜୋହାନ୍ସବର୍ଗ,୨।୧(ଏଜେନ୍ସି): ଗତ ଥରର ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା ଫେବୃଆରୀ-ମାର୍ଚ୍ଚରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଖେଳାଳି ଦଳ ଘୋଷଣା କରିଛି। ଆଇଡେନ୍ ମାର୍କରାମ ପୂର୍ବପରି ଦଳର ଅଧିନାୟକ ରହିଥିଲାବେଳେ ଭାରତ ନିକଟରୁ ହାରି ରନର୍ସ ଅପ୍ ହୋଇଥିବା ଦଳର ମାତ୍ର ୭ଜଣ ଖେଳାଳି ଏଥର ରହିଛନ୍ତି। ବିଶ୍ୱକପ୍ ଖେଳି ନ ଥିବା ୭ଜଣ ନୂଆ ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯାଇଛି।

**ଟି-୨୦ ବିଶ୍ୱକପ୍**

**ଦକ୍ଷିଣ ଆଫ୍ରିକା ଦଳ**

କ୍ୱିଣ୍ଟନ ଡି କକ୍, ଆଇଡେନ୍ ମାର୍କରାମ (ଅଧିନାୟକ), ଟୋନି ଡି ଜୋର୍ଜି, ଡିୱାଲ୍ଡ ବ୍ରେଭିସ୍, ଡେଭିଡ୍ ମିଲର, ଡୋନୋଭାନ ଫେରେରା, ଜେସନ ସ୍ମିଥ୍, ମାର୍କୋ ଜାନସେନ୍, କୋର୍ବିନ ବୋଶ୍, ଜର୍ଜ ଲିଣ୍ଡେ, କାଗିସୋ ରାବାଡା, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଆନରିଚ୍ ନୋର୍ଜେ, କ୍ୱେନା ମାଫକା।

**■ ୧୫ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ୍**

## ଓଡ଼ିଶାର ବିଜୟ ଅଭିଯାନ



କଟକ,୨।୧(ସମିସ): ନାଗପୁରର ଲେଡି ଅମ୍ରିତବାଇ ଦାଗା କଲେଜ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ୧୫ବର୍ଷରୁ କମ୍ ଜାତୀୟ ମହିଳା ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୧୩ ରନରେ ସୌରାଷ୍ଟ୍ରକୁ ହରାଇ ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫ ୱିକେଟ ହରାଇ ୨୩୪ ରନ ସଂଗ୍ରହ କରିଥିଲା। ୱିକେଟ କିପର ଅନନ୍ୟା ପ୍ରିୟଦର୍ଶିନୀ ଦାସ ୯୩ ରନ ଏବଂ ଅଧିନାୟିକା ଚିରଶ୍ରୀ ରାଉତ ୫୮ ରନ କରିଥିଲେ। ସୌରାଷ୍ଟ୍ରର ଆରାଧ୍ୟା ଓଜା ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସୌରାଷ୍ଟ୍ର ୧୨୧ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ଅନ୍ୱେଷା ସ୍ୱାଇଁ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ।

## ମୁକ୍ତେଶ୍ୱର କପ୍ ଫାଇନାଲରେ ମୁକ୍ତେଶ୍ୱର

ଭୁବନେଶ୍ୱର, ୨।୧ (ସମିସ): ଆୟୋଜକ ମୁକ୍ତେଶ୍ୱର କ୍ଲବ ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍‌ର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ମୁକ୍ତେଶ୍ୱର ଦଳ ୪ ୱିକେଟ୍‌ରେ କ୍ଲବ ଦି ରେଡ ଷ୍ଟାର୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ରେଡ୍ ଷ୍ଟାର୍ ୩୦ ଓଭରରେ ୮ ୱିକେଟ୍ ହରାଇ ୧୪୯ ରନ କରିଥିଲା। ଅରବିନ୍ଦ ମୁଦୁଲି ସର୍ବାଧିକ ୪୦ ରନ କରିଥିଲେ। ପ୍ରତିପକ୍ଷ ମୁକ୍ତେଶ୍ୱରର ଅଭିଲାଷ ଓ ଆଲୋକ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ଦଳ ୨୫.୫ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆର୍ଯ୍ୟନ ନାୟକ ଓ ଅଂଶୁମାନ ଦାସ ୩୩ ରନ ଲେଖାଏ ଏବଂ ଭୁବନେଶ ସାମଲ ୪୦ ରନ କରିଥିଲେ। ଆୟୋଜକ କ୍ଲବର ଉପସଭାପତି ଅଜିତ ବିଶ୍ୱାଳ ଅତିଥିଭାବେ ଉପସ୍ଥିତ ରହି ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ରାମେଶ୍ୱର ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ଲବ ମଧ୍ୟରେ ଫାଇନାଲ ଖେଳାଯିବ।




## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍


# ଆଜି ହୋଇପାରେ ଭାରତୀୟ ଦଳ ଚୟନ

ମୁମ୍ବଇ,୨।୧(ଏଜେନ୍ସି): ବିଜୟ ହଜାରେ ଟ୍ରଫିର ଆସନ୍ତାକାଲି ଏକ ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡ ଖେଳାଯିବ। ଏହି ରାଉଣ୍ଡରେ ଭାରତୀୟ ଦଳର ଅନେକ ଖେଳାଳି ଖେଳିବେ। ଯାହା ଫଳରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଏହି ଖେଳାଳିଙ୍କ ପ୍ରଦର୍ଶନ ଶେଷଥର ଦେଖିବା ପୂର୍ବରୁ ଦଳ ଚୟନ କରାଯିବ ବୋଲି ଆଶା କରାଯାଉଛି। ଏହାର ଅର୍ଥ ଆସନ୍ତାକାଲି ଅପରାହ୍ଣରେ ଭାରତୀୟ ଦିନିକିଆ ଦଳ ଘୋଷଣା ହେବାର ସମ୍ଭାବନା ରହିଛି। ବରୋଦାରେ ପ୍ରଥମ ଦିନିକିଆ ମ୍ୟାଚ୍ ଜାନୁଆରୀ ୧୧ରେ ହେବ। ଏହା ପୂର୍ବରୁ ଜାନୁଆରୀ ୭ ସୁଦ୍ଧା ସମସ୍ତ ଖେଳାଳି ବରୋଦାରେ ପହଞ୍ଚିବେ। ଏଣୁ ଦଳ ଚୟନ ଲାଗି ଆସନ୍ତାକାଲି ଉପଯୁକ୍ତ ସମୟ ବୋଲି କୁହାଯାଉଛି। ବେକରେ ଆଘାତ ପାଇ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରୁ ବାଦ୍ ପଡ଼ିଥିବା ଶୁବମନ ଗିଲ୍ ଦଳର ନେତୃତ୍ୱ ନେବାକୁ ଫେରିବେ। ତାଙ୍କ ସହ ଉପଅଧିନାୟକ ଶ୍ରେୟସ ଆୟରଙ୍କର ମଧ୍ୟ ଫେରିବା ସମ୍ଭାବନାକୁ ଏଡ଼ାଇଦେଇ ହେବନାହିଁ। କିନ୍ତୁ ଆୟର ଖେଳିବା ଲାଗି ଫିଟ୍ କି ନୁହେଁ ତାହା ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ମେଡିକାଲ ଟିମ୍ ଜାନୁଆରୀ ୫ରେ ପରୀକ୍ଷା କରିବ। ଯଦି ସେ ପାସ କରନ୍ତି ତେବେ ତାଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ଦୁଇ ବରିଷ୍ଠ ଖେଳାଳି ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆଗଲେ କିଛି ନୂଆ ଖେଳାଳି, ୩୫ ବର୍ଷୀୟ ମହମ୍ମଦ୍ ସାମିଙ୍କୁ ମଧ୍ୟ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡାଇଦେଇହେବ ନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ଜାନୁଆରୀ ୧୧, ୧୪ ଓ ୧୮ ରେ ଖେଳାଯିବ।

### ସେପ୍ଟେମ୍ବରରେ ବାଂଲା ସହ ସିରିଜ୍

ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଭାରତ ସହ ସ୍ଥଗିତ ଥିବା ସିରିଜ୍‌କୁ ପୁଣିଥରେ ଆସନ୍ତା ସେପ୍ଟେମ୍ବର ମାସରେ ଆୟୋଜନ କରାଯିବାକୁ ସ୍ଥିର କରିଛି। ଏହି ସିରିଜ୍‌ରେ ୩ଟି ଦିନିକିଆ ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୧, ୩ ଓ ୬ରେ ଖେଳାଯିବ। ସେହିପରି ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡିକ ସେପ୍ଟେମ୍ବର ୯, ୧୨ ଓ ୧୩ରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ବାଂଲାଦେଶ କ୍ରିକେଟ ବୋର୍ଡର କ୍ରିକେଟ ଅପରେସନ ମ୍ୟାନେଜର ବାଂଲାର ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଘୋଷଣା କରିବା ସହ ଭାରତର ସ୍ଥଗିତ ଥିବା ଗସ୍ତକୁ ପୁଣିଥରେ ଆୟୋଜନ କରିବାର ସମୟ ଧାର୍ଯ୍ୟ କରିଛନ୍ତି। ବାଂଲାଦେଶରେ ଏବେ ଯେପରି ଭାରତ ବିରୋଧୀ ହିଂସା ଚାଲିଛି, ତାହା ବନ୍ଦ ନ ହେଲେ ଭାରତ ଗସ୍ତ ପୁଣିଥରେ ବାତିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

## ତୃତୀୟଥର ଲାଗି ଭାରତୀୟ ମହିଳା ହକିର କୋଚ୍ ହେଲେ ଜୋଏର୍ଡ ମାରିନ୍



ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ନେଦରଲାଣ୍ଡ୍‌ସର ଜୋଏର୍ଡ ମାରିନ୍ ପୁଣିଥରେ ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ପଦକୁ ଫେରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମାରିନ୍‌ଙ୍କ ତତ୍ତ୍ୱାବଧାନରେ ଭାରତୀୟ ସିନିଅର ମହିଳା ଦଳ ଦମ୍‌ଦାର ପ୍ରଦର୍ଶନ କରି ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲା। ଏବେ ପାଖାପାଖି ୫ ବର୍ଷର ବ୍ୟବଧାନ ପରେ ୫୧ ବର୍ଷୀୟ ମାରିନ୍ ପୁଣିଥରେ ଏହି ଗୁରୁଦାୟିତ୍ୱ ଗ୍ରହଣ କରିବେ। ହରେନ୍ଦ୍ର ସିଂହଙ୍କ ସ୍ଥାନରେ ହକି ଇଣ୍ଡିଆ ପକ୍ଷରୁ ତାଙ୍କୁ ନୂଆ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ମାରିନ୍ ୩ୟଥର ଲାଗି ଭାରତୀୟ ମହିଳା ଦଳର ପ୍ରଶିକ୍ଷକ ପଦ ତୁଲାଇବେ। ଏଥିପୂର୍ବରୁ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ସେ ଏହି ପଦ ସମ୍ଭାଳିଥିଲେ। ତାଙ୍କ ପ୍ରଶିକ୍ଷଣ ସମୟରେ ଭାରତୀୟ ମହିଳା ହକି ଦଳ ବିଶ୍ୱ ମାନ୍ୟତାର ଟପ୍-୧୦ରେ ପ୍ରବେଶ କରିଥିଲା। ମାରିନ୍ ଜାନୁଆରୀ ୧୪ରେ ଭାରତରେ ପହଞ୍ଚି ବେଙ୍ଗାଲୁରୁରେ ଜାତୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଏହାପରେ ମାର୍ଚ୍ଚ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ହାଇଦରାବାଦ୍‌ରେ ଅନୁଷ୍ଠିତ ହେବାକୁ ଥିବା ମହିଳା ହକି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ମାରିନ୍‌ଙ୍କ ପ୍ରଥମ ବଡ଼ ଚ୍ୟାଲେଞ୍ଜ ହେବ।

## ସାଇ ସୁଦର୍ଶନଙ୍କ ପିଞ୍ଜରା ଭାଙ୍ଗିଲା



ବେଙ୍ଗାଲୁରୁ,୨।୧(ଏଜେନ୍ସି): ଭାରତୀୟ ଟେଷ୍ଟ ଖେଳାଳି ସାଇ ସୁଦର୍ଶନ ଆହତ ହୋଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଆଘାତ ସମସ୍ୟାକୁ ନେଇ ସ୍ପଷ୍ଟ କିଛି ଜଣାପଡ଼ିନାହିଁ। ବିଜୟ ହଜାରେ ଟ୍ରଫିରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳୁଥିବାବେଳେ ଏକ ରନ୍ ନେବାକୁ ଯାଇ ଡାଇଭ୍ କଲାବେଳେ ଆହତ ହୋଇଥିଲେ। ତାଙ୍କ ରିବ୍ ବା ପିଞ୍ଜରାହାଡ଼ ଭାଙ୍ଗିଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଏହି ଘଟଣା ଡିସେମ୍ବର ୨୬ରେ ଘଟିଥିଲା। ଏହା ପରେ ସିଟି ସ୍କାନ୍‌ରୁ ସାମାନ୍ୟ ହାଡ ଭାଙ୍ଗିଥିବା ଜଣାପଡ଼ିଥିଲା। ଏହା ପରେ ତାଙ୍କୁ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ଅନ୍ୟତମ ଯୁବ ଖେଳାଳି ତଥା ଆସାମ ଅଧିନାୟକ ରିୟାନ ପରାଗ ମଧ୍ୟ କାନ୍ଧରେ ଆଘାତ ଲାଗିଥିବାରୁ ଏଠାରେ ଚିକିତ୍ସିତ ହେଉଛନ୍ତି। ମାର୍ଚ୍ଚ ୨୬ରେ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଉଭୟ ଫିଟ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ୪୫ ବର୍ଷୀୟା ଭେନସଙ୍କୁ ୱାଇଲ୍ଡ କାର୍ଡ

ମେଲବୋର୍ଣ୍ଣ,୨।୧(ଏଜେନ୍ସି): ଆମେରିକାର କିଂବଦନ୍ତୀ ମହିଳା ଟେନିସ ଖେଳାଳି ୪୫ ବର୍ଷୀୟା ଭେନସ ୱିଲିୟମ୍ସଙ୍କୁ ଅଷ୍ଟ୍ରେଲିଆ ଓପନ ଖେଳିବାକୁ ଆୟୋଜକଙ୍କ ପକ୍ଷରୁ ୱାଇଲ୍ଡ କାର୍ଡ ଦିଆଯାଇଛି। ଜାନୁଆରୀ ୧୮ ରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ୨୮ ବର୍ଷ ପୂର୍ବେ ଭେନସ ଏଠାରେ ପଦାର୍ପଣ କରିଥିଲେ ଓ ୨୦୦୩ ଓ ୨୦୧୭ରେ ରନର୍ସ ଅପ୍ ହୋଇଛନ୍ତି।

## ୫ରୁ ଜୁନିଅର ଜାତୀୟ ଅସିଚାଳନା




କଟକ,୨।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୩୩ତମ ଜୁନିୟର ଜାତୀୟ ଅସିଚାଳନା ଚାମ୍ପିଅନସିପ ଆସନ୍ତା ୫ରୁ ଆରମ୍ଭ ହେବ। ରାଜ୍ୟ କ୍ରୀଡ଼ା ବିଭାଗ, ଭାରତୀୟ ଅସିଚାଳନା ମହାସଂଘ ଏବଂ ଓଡ଼ିଶା ଅସିଚାଳନା ସଂଘର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଭାଗ ନେବେ। ଉଭୟ ବାଳକ ଏବଂ ବାଳିକା ବର୍ଗରେ ପ୍ରତିଯୋଗିତା ହେବ। ୧୦ ତାରିଖରେ ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ଆଜି ଓସିଏ ସମ୍ମିଳନୀ କକ୍ଷରେ ଏ ନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହେବା ସହ ପ୍ରତିଯୋଗିତା ପରିଚାଳନା ବାବଦରେ ବିସ୍ତୃତ ସୂଚନା ଦିଆଯାଇଥିଲା। ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚାମ୍ପିଅନସିପ ନିମନ୍ତେ ୫୨ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ଖେଳାଳିଙ୍କ ରହଣି ଏବଂ ଖାଦ୍ୟପେୟ ନିମନ୍ତେ ବ୍ୟବସ୍ଥା ହୋଇଥିବା ବେଳେ ପ୍ରତିଯୋଗିତା ସଫଳପୂର୍ଣ୍ଣ ଭାବେ ଆୟୋଜନ ହେବ ବୋଲି ସମ୍ମିଳନୀରେ କୁହାଯାଇଥିଲା। ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସହଦେବ ରାଉତ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍

# ସେମିଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ



ଯାଜପୁର,୨।୧(ସମିସ): ଯାଜପୁର କୁସୁମା ନିକଟସ୍ଥ ଷ୍ଟାଡିୟମରେ ଚାଲିଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲୱେ (ବିଶାଖାପାଟଣା) ସେମିଫାଇନାଲରେ ପହଞ୍ଚିଛି। ଶୁକ୍ରବାର ଇଷ୍ଟକୋଷ୍ଟ ରେଲୱେ, ୧୯ ରନରେ ୟୁନିକ୍ ଇଲେଭେନ (ଭଦ୍ରକ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଇଷ୍ଟକୋଷ୍ଟ ରେଲୱେ ୨୨.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୩ ରନ୍ କରିଥିଲା। ଦଳ ପକ୍ଷରୁ ସାଇ ରାହୁଲ ୪୫ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ଅବଦୁଲ ଖାନ୍ ୧୭ ରନ୍ ବ୍ୟୟରେ ୪ ୱିକେଟ୍ ନେଇଥିଲେ।

ଜବାବରେ ୟୁନିକ୍ ଇଲେଭେନ ୨୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୧୪ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ସାଇ ରାହୁଲ ୩ଟି ୱିକେଟ୍ ଅକ୍ତିୟାର କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବତନ କ୍ରିକେଟର ତଥା ବୈଷ୍ଣବୀ ଟ୍ରାଭେଲ୍ସର ପ୍ରୋପାଇଟର ଶ୍ରୀଜୟ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଦିବାକର କର, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ଭୂପତି ମିଶ୍ର, ସୁବାଶିଷ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ବିଜୟ ହଜାରେ ଟ୍ରଫି**

# ଆଜି ହରିୟାଣାକୁ ଭେଟିବ ଓଡ଼ିଶା

କଟକ,୨।୧(ସମିସ)

ଚଳିତ ବିଜୟ ହଜାରେ ଟ୍ରଫିରେ ଦମଦାର ପ୍ରଦର୍ଶନ ଜାରି ରଖି ଏଲିଟ ଗ୍ରୁପ-ଡି'ର ଶୀର୍ଷରେ ଥିବା ଓଡ଼ିଶା ଦଳ ଶନିବାର ୫ମ ଲିଗ୍‌ରେ ହରିୟାଣାକୁ ଭେଟିବ। ବେଙ୍ଗାଲୁରୁର ଅଲୁର କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ୨୦୨୩-୨୪ ସଂସ୍କରଣର ଚାମ୍ପିଅନ ହରିୟାଣା ମଧ୍ୟ ଚଳିତ ସିଜନରେ ୩ଟି ମ୍ୟାଚ୍ ଜିତି ୧୨ ପଏଣ୍ଟ ହାସଲ କରିଛି। ରନରେଟ ଆଧାରରେ ଦଳ ଟେବଲର ୩ୟ ସ୍ଥାନରେ ରହିଛି। ଅନ୍ୟପଟେ ପ୍ରଥମ ମୁକାବିଲାରେ ସୌରାଷ୍ଟ୍ରଠାରୁ ହାରିବା ପରେ ସର୍ଭିସେସ, ଆନ୍ଧ୍ରପ୍ରଦେଶ ଏବଂ ଦିଲ୍ଲୀକୁ ହରାଇ ଆଗକୁ ବଢ଼ିଥିବା ଓଡ଼ିଶା ଶିବିରରେ ଉତ୍ସାହ ଏବଂ ଆତ୍ମବିଶ୍ୱାସ ଭରି ହୋଇରହିଛି। ଶନିବାର ଖେଳାଯିବାକୁ ଥିବା ମ୍ୟାଚ୍ ରୋମାଞ୍ଚକ ହେବା ନିଶ୍ଚିତ।

ଗତ ୮ବର୍ଷ ଭିତରେ ହରିୟାଣା ଏବଂ ଓଡ଼ିଶା ୪ଥର ବିଜୟ ହଜାରେ ଟ୍ରଫିରେ ମୁହାଁମୁହିଁ ହୋଇଛନ୍ତି। ଏଥିରୁ ହରିୟାଣାକୁ ୩ଟି ବିଜୟ ମିଳିଥିବା ବେଳେ ଓଡ଼ିଶା ହାତରେ ଗୋଟିଏ ରହିଛି। ଏତଦବ୍ୟତୀତ ନିକଟ ଅତୀତରେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ହରିୟାଣା ରନର୍ସଅପ୍ ହୋଇଥିଲା। ଯଶବର୍ଦ୍ଧନ ଦଲାଲ, ଅଙ୍କିତ କୁମାର, ହିମାଂଶୁ ରାଣା, ପାର୍ଥ ଭାଟସ, ମୟଙ୍କ ଶାନ୍ଦିଲ୍ୟ ଏହି ଦଳର ପ୍ରମୁଖ ବ୍ୟାଟର। ଅଂଶୁଲ କାମ୍ବୋଜ, ଅନୁଜ ଠାକରାଲ, ସାମନ୍ତ ଜାଖର ଦଳର ବୋଲିଂ ଲାଇନଅପ ସମ୍ଭାଳିଛନ୍ତି। ଦଳର ସନ୍ତୁଳନ ରକ୍ଷା କରି ମୁକାବିଲା କରୁଥିବା ହରିୟାଣାକୁ ଟକ୍କର ଦେବା ଓଡ଼ିଶା ନିମନ୍ତେ ଚ୍ୟାଲେଞ୍ଜିଂ ରହିବ। ପ୍ରଥମ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିଥିବା ସ୍ୱସ୍ତିକ ସାମଲ ପରବର୍ତ୍ତୀ ୩ଟି ମ୍ୟାଚ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି। ହରିୟାଣା ବିପକ୍ଷରେ ତାଙ୍କ ବ୍ୟାଟରୁ ଓଡ଼ିଶା ଶିବିର ରନ ଆଶା କରିବ। ଅଧିନାୟକ ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ ଏବଂ ଓମ ଟି ମୁଣ୍ଡେ ବିଗତ ମ୍ୟାଚ୍‌ଗୁଡିକରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ହରିୟାଣା ବିପକ୍ଷ ମୁକାବିଲାରେ ମଧ୍ୟକ୍ରମ ବ୍ୟାଟିଂ ଲାଇନଅପରେ ପରିବର୍ତ୍ତନ ଅଣାଯାଇପାରେ। ସେହିପରି ଘାତକ ସାବ୍ୟସ୍ତ ହେଉଥିବା ସ୍ପିଡଷ୍ଟର ରାଜେଶ ମହାନ୍ତିଙ୍କ ଠାରୁ ଓଡ଼ିଶା ପ୍ରାରମ୍ଭିକ ସଫଳତା ଆଶା ବାନ୍ଧିଛି। ତାଙ୍କ ସହ ପେସ୍ ବୋଲର ସମ୍ବିତ ବରାଳ ଏବଂ ଦେବବ୍ରତ ପ୍ରଧାନ ପୂର୍ବଭଳି ସହଯୋଗ ଜାରି ରଖିଲେ ହରିୟାଣାକୁ ହରାଇବା ଓଡ଼ିଶା ନିମନ୍ତେ ସହଜ ହୋଇପାରେ।

## ଅବସର ନେଲେ ଅଭିଷେକ



ଅଲ୍‌ରାଉଣ୍ଡର ଅଭିଷେକ ରାଉତ ସମସ୍ତ ଫର୍ମାଟ କ୍ରିକେଟରୁ ଅବସର ନେଇଛନ୍ତି। ଘଟଗାଁ ନିବାସୀ ୩୮ ବର୍ଷୀୟ ଅଭିଷେକ ଗତ ସିଜନରେ ଓଡ଼ିଶା ନିମନ୍ତେ ୨ଟି ମ୍ୟାଚ୍ ଖେଳିଥିଲେ। ଚଳିତ ସିଜନରେ ତାଙ୍କୁ ସୁଯୋଗ ମିଳିନଥିଲା। ଅଭିଷେକ ୨୦୦୫ ମସିହାରେ ମହାରାଷ୍ଟ୍ର ବରିଷ୍ଠ ଦଳରୁ ଖେଳି ତାଙ୍କ କ୍ରିକେଟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମୁମ୍ବଇ, ଗୋଆ ପକ୍ଷରୁ ପ୍ରତିନିଧିତ୍ୱ କରିବା ପରେ ଓଡ଼ିଶା ଦଳ ସହ ଯୋଡ଼ି ହୋଇଥିଲେ। ଆଇପିଏଲର ୨୦୦୯ ସଂସ୍କରଣରେ ସେନ ୱର୍ଣ୍ଣଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ଦଳରେ ସେ ସାମିଲ ହୋଇଥିଲେ। କ୍ରମାଗତ ତିନୋଟି ସିଜନରେ ଅଭିଷେକଙ୍କୁ ଏହି ଫ୍ରାଞ୍ଚାଇଜରେ ଦେଖିବାକୁ ମିଳିଥିଲା। ଆଇପିଏଲରେ ୨୨ଟି ମ୍ୟାଚରୁ ସେ ୧୯୪ରନ ସଂଗ୍ରହ କରିଥିଲେ। ରଣଜୀ ଟ୍ରଫିରେ ମୋଟ ୨୬ଟି ମ୍ୟାଚ୍‌ରୁ ୧୧୩୧ରନ ସଂଗ୍ରହ କରିଥିବା ଅଭିଷେକଙ୍କ ନାମରେ ଗୋଟିଏ ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି। ଲେଗ୍‌ସ୍ପିନ ବୋଲିଂ କରୁଥିବା ଅଭିଷେକ ରଣଜୀ ଟ୍ରଫିରେ ୨୪ଟି ୱିକେଟ ଦଖଲ କରିଛନ୍ତି। ଲିଷ୍ଟ-ଏ ଫର୍ମାଟରେ ୫୫ଟି ମ୍ୟାଚ୍‌ରୁ ୧୦୬୬ ରନ ଓ ୪୨ଟି ୱିକେଟ ଏବଂ ଟି-୨୦ ଫର୍ମାଟରେ ୬୬ ମ୍ୟାଚ୍‌ରୁ ୭୨୧ ରନ ଏବଂ ୨୬ଟି ୱିକେଟ ନେଇଛନ୍ତି। ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS